# ଗରିବ ଲୋକଙ୍କୁ ଓକିଲଙ୍କ ବିନା ସହାୟତାରେ ମିଳିବ ବେଲ୍

**ନୂଆ ଅପରାଧ ଆଇନକୁ ନେଇ 'ବାର୍ତ୍ତାଳାପ'**

- ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ
- ତଦନ୍ତ ପ୍ରକ୍ରିୟାର ରେକର୍ଡିଂ ବ୍ୟବସ୍ଥା

ଭୁବନେଶ୍ୱର,୨୮।୬(ସତ୍ୟଜିତ୍ ରାଉତ)



ନୂଆ ଆପରାଧିକ ଆଇନକୁ ନେଇ ଅନୁଷ୍ଠିତ କର୍ମଶାଳାରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ସହ ଅନ୍ୟ ଅତିଥିମାନେ।

ଗରିବ ଲୋକଙ୍କୁ ଓକିଲଙ୍କ ବିନା ସହାୟତାରେ ଜାମିନ ମିଳିପାରିବ। ଜେଲରେ ଥିବା ବହୁ ଗରିବ ଲୋକଙ୍କ ପାଖରେ ଟଙ୍କା ନ ଥିବାରୁ ସେମାନେ ଓକିଲଙ୍କୁ ନିୟୋଜିତ କରି ଜାମିନ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଲୋକଙ୍କୁ ଜାମିନ ଦେବା ପାଇଁ ଅଦାଲତଙ୍କୁ ଜେଲ ଅଧୀକ୍ଷକ ଜଣାଇପାରିବେ। ଜୁଲାଇ ୧ରୁ ଲାଗୁ ହେବାକୁ ଥିବା ନୂଆ ଆଇନରେ ଏଭଳି ବ୍ୟବସ୍ଥା କରାଯାଇଛି ବୋଲି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ନୂଆ ଆପରାଧିକ ଆଇନକୁ ନେଇ ସ୍ଥାନୀୟ ଏକ ହୋଟେଲରେ ଏକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଆୟୋଜିତ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡିଜି ସୁଧାଂଶୁ କହିଲେ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ହେଉଛି ସ୍ୱାଧୀନ ଭାରତର ନିଜସ୍ୱ ଆଇନ। ଏଥିରେ ଦୁଇଟି ଭଲ ଦିଗ ରହିଛି। ପ୍ରଥମଟି ହେଲା ତଦନ୍ତ ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ। ଦ୍ୱିତୀୟଟି ହେଲା ବିଭିନ୍ନ ମାମଲାରେ ସମାଧାନ ପାଇଁ ସମୟ ନିର୍ଦ୍ଧାରଣ କରିବା। ପୂର୍ବରୁ ଥିବା ବ୍ୟବସ୍ଥାରେ ନ୍ୟାୟ ପ୍ରଦାନରେ ବିଳମ୍ବ ହେଉଥିଲା। ତାରିଖ ପରେ ତାରିଖ ଗଡି ଚାଲିଥିଲା। ନୂଆ ଆଇନରେ ମାମଲାର ତଦନ୍ତ ଓ ନ୍ୟାୟ ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରାଯାଇଛି, ଯାହା ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ତେବେ ନୂଆ ଆଇନକୁ ଭଲ ଭାବେ କାର୍ଯ୍ୟକାରୀ କରିବାକୁ ହେଲେ ଅଧିକ ମାନବ ସମ୍ବଳ ଆବଶ୍ୟକ ହେବ। ପୋଲିସ କର୍ମଚାରୀ ଓ ଆଇନଜୀବୀଙ୍କୁ ନୂଆ ଆଇନ ବିଷୟରେ ପ୍ରଶିକ୍ଷଣ ଦେବାକୁ ହେବ। ଫଳରେ କିଛି ମାସ ମଧ୍ୟରେ ନୂଆ ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିବ। ସେହିପରି ମାମଲାର ତଦନ୍ତ ପ୍ରକ୍ରିୟାକୁ ରେକର୍ଡିଂ କରିବାର ବ୍ୟବସ୍ଥା ଫଳରେ ତଦନ୍ତ ପ୍ରକ୍ରିୟା ଅଧିକ ପ୍ରଭାବୀ ହେବ। ୭ବର୍ଷରୁ କମ୍ ଦଣ୍ଡବିଧାନ ବ୍ୟବସ୍ଥା ରହିଥିବା ଛୋଟ ଅପରାଧ ସ୍ୱୀକାର କରିବା କ୍ଷେତ୍ରରେ ଦୋଷୀଙ୍କ ଜେଲ ଦଣ୍ଡାଦେଶ ହ୍ରାସ କରିବା ଲାଗି ବ୍ୟବସ୍ଥା ହୋଇଛି। ମହିଳାଙ୍କୁ କାର୍ଯ୍ୟ କ୍ଷେତ୍ରରେ ଯୌନ ନିର୍ଯାତନା, ଶିଶୁ ଓ ମହିଳା ଚାଲାଣ, ଆତଙ୍କବାଦ, ଭିଡ଼ ହିଂସା, ଏସିଡ୍ ଆକ୍ରମଣ, ସାଇବର ଅପରାଧ, ବାଲି ମାଫିଆ, ପଥର ମାଫିଆ ଭଳି ସଂଗଠିତ ଅପରାଧ ଓ ଛିନତାଇ ବିରୋଧରେ ଆଇନକୁ କଠୋର କରାଯାଇଛି। ଜିରୋ ଏଫ୍ଆଇଆର୍ ବ୍ୟବସ୍ଥା ଦ୍ୱାରା ଯେକୌଣସି ଥାନାରେ ମାମଲା ରୁଜୁ କରାଯାଇପାରିବ। ପୂର୍ବରୁ ସିଆର୍ପିସିରେ ୪୮୪ଟି ଧାରା ରହିଥିଲାବେଳେ ନୂଆ ଆଇନର ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ଟି ଧାରା ରହିଛି। ଆଇପିସିରେ ୫୧୧ଟି ଧାରାରୁ ଭାରତୀୟ ନ୍ୟାୟ ସଂହିତାରେ ୩୫୮ଟି ଓ ପୁରୁଣା ଇଣ୍ଡିଆନ ଏଭିଡେନ୍ସ ଆକ୍ଟରେ ୧୭୦ଟି ଧାରା ରହିଥିବାବେଳେ ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୬୭ ଧାରା ରହିଛି। ନୂଆ ଆଇନ ବିଷୟରେ ଅଧିକ ସଚେତନ ହେବା ପାଇଁ ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ସେହିପରି ନୂଆ ଆଇନର ପ୍ରମୁଖ ଉଦ୍ଦେଶ୍ୟ– ଦଣ୍ଡ ଦେବା ନୁହେଁ, ବରଂ ନ୍ୟାୟ ପ୍ରଦାନ କରିବା ବୋଲି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ପିଆଇବି ନିର୍ଦ୍ଦେଶକ ଓ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡର ଆଞ୍ଚଳିକ ମୁଖ୍ୟ ଗିରିଶ ଚନ୍ଦ୍ର ଦାଶ କହିଥିଲେ। ପିଆଇବିର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଓ ପିଆଇବି ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା ଓ ପିଆଇବିର ସୂଚନା ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ବିଦ୍ୟୁତ୍ କର୍ମଚାରୀଙ୍କୁ ଠେଲାପେଲା, ଥାନାରେ ମାମଲା

ବାରଙ୍ଗ,୨୮।୬(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ନୟାପାଟଣା ଗ୍ରାମରେ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀଙ୍କୁ ଗାଳିଗୁଲଜ ଓ ଠେଲାପେଲା ହୋଇଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ୨ ଜଣଙ୍କ ନାମରେ ୨୬୩/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୁରୁବାର ରାତିରେ ନୟାପାଟଣାରେ ବିଦ୍ୟୁତ୍ କାଟ୍ ହୋଇଥିବାରୁ ମରାମତି ପାଇଁ ବହୁ ବିଳମ୍ବରେ ବିଦ୍ୟୁତ୍ କର୍ମଚାରୀ ପହଞ୍ଚିଥିଲେ। କ'ଣ ପାଇଁ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି, ସେନେଇ ଗ୍ରାମବାସୀ ସେମାନଙ୍କୁ ପଚାରିଥିଲେ, ଯେଉଁଥିପାଇଁ ଗ୍ରାମବାସୀଙ୍କ ସହ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗ୍ରାମର ୨ ଯୁବକ ବିଦ୍ୟୁତ୍ କର୍ମଚାରୀଙ୍କୁ ସେଠାରେ ଠେଲାପେଲା କରିବା ସହ ଗାଳିଗୁଲଜ କରିଥିଲେ। ଏ ସଂକ୍ରାନ୍ତରେ ବିଦ୍ୟୁତ୍ କର୍ମଚାରୀଙ୍କ ପକ୍ଷରୁ ବାରଙ୍ଗ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଦୁଇ ଯୁବକଙ୍କ ନାମରେ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

## ଓଏଭିରେ ଯୁକ୍ତ୨ ନାମଲେଖା ପାଇଁ ଆବେଦନ ଆରମ୍ଭ

ODISHA ADARSHA VIDYALAYA
INSPIRE AND EMPOWER

ଭୁବନେଶ୍ୱର, ୨୮।୬
(ଅସମାପିକା ସାହୁ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ଯୁକ୍ତ୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀରେ ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ(ଓଏଭିଏସ୍) ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆଶାୟୀ ଛାତ୍ରୀଛାତ୍ର ଅଫ୍ଲାଇନ୍‌ରେ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ୧୫ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ର ୧୬ରୁ ୨୧ ତାରିଖ ମଧ୍ୟରେ ନାମଲେଖାଇବେ। ଏହାପରେ ୨୨ତାରିଖରେ ୱେଟିଂ ଲିଷ୍ଟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ୨୩ ରୁ ୩୦ତାରିଖ ମଧ୍ୟରେ ନାମଲେଖା ହେବ। ସମସ୍ତ ନାମଲେଖା ପ୍ରକ୍ରିୟା ଜୁଲାଇ ୩୧ରେ ଶେଷ ହେବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।



ଭୁବନେଶ୍ୱର ଆଇଆର୍‌ସି ଭିଲେଜର ସବ୍ୟସାଚୀ ସ୍ୱାଇଁଙ୍କ ସଂଗ୍ରହାଳୟରେ ସ୍ଥାନ ପାଇଥିବା ବହୁ ପୁରୁଣା ଓ ନୂଆ କ୍ୟାମେରା।

## ସବ୍ୟସାଚୀଙ୍କ କ୍ୟାମେରା ସଂଗ୍ରହାଳୟ

ଭୁବନେଶ୍ୱର,୨୮।୬(ଅନୁରାଧା ମହାରଣା)

**ଆଜି ଜାତୀୟ କ୍ୟାମେରା ଦିବସ**



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜୁନ୍ ୨୯କୁ ଜାତୀୟ କ୍ୟାମେରା ଦିବସ ଭାବେ ପାଳନ କରାଯାଉଛି। ଫଟୋଗ୍ରାଫି ପ୍ରତି ଆଜିକାଲି ଲୋକଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳୁଛି। ରିଲ୍ କ୍ୟାମରା ଯୁଗ ବଦଳିଛି, ମେମୋରିଯୁକ୍ତ କ୍ୟାମରାର ସମୟ ଆସିଛି। ମୋବାଇଲ ଫୋନ୍‌ର ବହୁଳ ବ୍ୟବହାର କାରଣରୁ କ୍ୟାମେରା ଆଦର କମୁଥିବା ଅନେକେ କହୁଛନ୍ତି। ମାତ୍ର ଥରେ କ୍ୟାମେରା ବ୍ୟବହାର କରିଥିବା ବ୍ୟକ୍ତି କ୍ୟାମେରାକୁ ହିଁ ଫଟୋ ଉତ୍ତୋଳନର ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି ବିଚାର କରୁଛନ୍ତି। କ୍ୟାମେରା ପ୍ରେମରେ ପଡ଼ିଥିବା ଏମିତି ଜଣେ ଯୁବକ ହେଉଛନ୍ତି ଭୁବନେଶ୍ୱରସ୍ଥିତ ଆଇଆର୍‌ସି ଭିଲେଜର ସବ୍ୟସାଚୀ ସ୍ୱାଇଁ। କ୍ୟାମରା ସଂଗ୍ରହ ପ୍ରତି ତାଙ୍କର ଏତେ ଦୁର୍ବଳତା ଯେ, ଘରେ ପ୍ରାୟ ୩୫ଟି ଭଳିକି ଭଳି ବିରଳ କ୍ୟାମେରା ସଜାଇ ରଖିଛନ୍ତି। ୪୦ରୁ ୫୦ବର୍ଷର ପୁରୁଣା କ୍ୟାମେରାଠାରୁ ଆରମ୍ଭ କରି ଆଜିକାଲି ବଜାରରେ ମିଳୁଥିବା ଅତ୍ୟାଧୁନିକ କ୍ୟାମେରାକୁ ସବ୍ୟସାଚୀ ସାଇତି ରଖିଛନ୍ତି। ପୁରୁଣା ଜିନିଷ ସାଇତି ରଖିବା ଅଭ୍ୟାସ ଓ ଫଟୋଉଠା ପ୍ରତି ବିଶେଷ ଆଗ୍ରହ କାରଣରୁ ସେ ୨୫ ବର୍ଷ ବୟସରେ ପ୍ରଥମ କ୍ୟାମେରା କିଣିଥିଲେ। ଉଡେନ୍ ବିଲୋ ଫିଲ୍ମ କ୍ୟାମେରାରୁ ଆରମ୍ଭ ହୋଇଥିବା ଏହି କ୍ୟାମେରା ସଂଗ୍ରହ ଯାତ୍ରା ବର୍ତ୍ତମାନ ପର୍ଯ୍ୟନ୍ତ ଜାରି ରହିଛି। ୨୭ବର୍ଷ ହେଲା ଜାରି ରହିଥିବା ଏହି କ୍ୟାମେରା ସଂଗ୍ରହ ଯାତ୍ରାରେ କ୍ୟାମେରାକୁ ନେଇ ସେ ଅନେକ ସ୍ମୃତି ସାଉଣ୍ଟିଥିବା କହିଛନ୍ତି। ଜର୍ମାନୀ ନିର୍ମିତ ଆଗ୍‌ଫା କ୍ୟାମେରା, ମିନୋଲ୍ଟା, କ୍ୟାନୋନ୍, ନ୍ୟାନାଲ, ବନି, ଇନଷ୍ଟାମେଟିକ୍, କୋଡାକ, ଓଲ୍ଡ ବିଲୋ କ୍ୟାମେରା, ଓଲ୍ଡ ଫିଲ୍ମ କ୍ୟାମେରା ଆଦି ବର୍ତ୍ତମାନ ତାଙ୍କ ପାଖରେ ରହିଛି। ଆଗକୁ ଉଡେନ୍ ସ୍ଲାଇଡ଼ିଂ କ୍ୟାମେରା ଏବଂ ଉଡେନ୍ ଫିଲ୍ଡ କ୍ୟାମେରା ଷ୍ଟାଣ୍ଡ ତାଙ୍କ କୁନି ସଂଗ୍ରହାଳୟରେ ସ୍ଥାନ ପାଇବ ବୋଲି ସେ କହିଛନ୍ତି।

ତେବେ କ୍ୟାମେରାଗୁଡ଼ିକର ମଡେଲ ବହୁ ପୁରୁଣା ହୋଇଥିବାରୁ ବଜାରରେ ଏହି ମଡେଲ କିମ୍ବା ଏହାର ପାର୍ଟସ୍ ମିଳିବା କଷ୍ଟକର। ତେଣୁ ସେ ଏଗୁଡ଼ିକର ରକ୍ଷଣାବେକ୍ଷଣାରେ ଆଦୌ ହେଳା କରନ୍ତି ନାହିଁ। କ୍ୟାମେରା କିଣା ସଉକ ପାଇଁ ସେ ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିବା କହିଛନ୍ତି। ମୋବାଇଲ୍ କ୍ୟାମେରାର ଚାହିଦା ବଢ଼ିଛି ସତ, କ୍ୟାମେରା ଓ ମୋବାଇଲ ମଧ୍ୟରେ ବହୁ ତଫାତ। ତୁଳନା କରିହେବନି। କ୍ୟାମେରାରେ ଉଠିଥିବା ଫଟୋ ଆଜିବି ଅଛି, କିନ୍ତୁ ମୋବାଇଲର ଅସରନ୍ତି ଫଟୋ ମୋବାଇଲ ସହିତ ଚାଲିଯାଏ। କ୍ୟାମେରାରେ ଉଠିଥିବା ଗୋଟିଏ ଫଟୋର ମୂଲ୍ୟ ମୋବାଇଲରେ ଉଠିଥିବା ହଜାର ହଜାର ଫୋଟୋଠାରୁ ବହୁତ ଅଧିକ ବୋଲି ସବ୍ୟସାଚୀ କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ବାପାଙ୍କୁ ଆଜୀବନ ଜେଲ

ଭୁବନେଶ୍ୱର,୨୮।୬
(ସୂର୍ଯ୍ୟକାନ୍ତ ବେହେରା)

ନାବାଳିକା ଝିଅକୁ ବଳାତ୍କାର ମାମଲାର ରାୟ ଶୁକ୍ରବାର ଭୁବନେଶ୍ୱର ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ(ପୋକ୍‌ସୋ)ରେ ପ୍ରକାଶ ପାଇଛି। ଆଡହକ୍ ଆଡିଶନାଲ ସେସନ ଜଜ୍ ସରୋଜ କୁମାର ସାହୁ ବଡଗଡ ଥାନା ଅଞ୍ଚଳରେ ଘଟିଥିବା ଏକ ମାମଲାର ରାୟ ଶୁଣାଇ ଅଭିଯୁକ୍ତ ବାପାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୩ ମାସ ଜେଲଦଣ୍ଡ ଲାଗି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ୧୩ ଜଣ ସାକ୍ଷୀ ଓ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସେହିପରି କୋର୍ଟ ପୀଡିତାଙ୍କୁ ୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବା ପାଇଁ ମଧ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୨୧ ସେପ୍ଟେମ୍ବର ୧ ରାତି ସାଢେ ୧୦ରେ ଉଭୟ ମା, ଝିଅ ଘରେ ଶୋଇଥିବା ବେଳେ ଅଭିଯୁକ୍ତ ବାପା ନିଜ ନାବାଳିକା ଝିଅକୁ ବଳାତ୍କାର କରିଥିଲେ। ପରେ ମା'ଝିଅଙ୍କୁ ମାଡ଼ ମାରି ଘରୁ ବାହାରି କରିଦେଇଥିଲେ। ଏନେଇ ନାବାଳିକାଙ୍କ ମା' ବଡଗଡ ଥାନାରେ ସ୍ୱାମୀଙ୍କ ନାଁରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପୋକ୍‌ସୋ ଆକ୍ଟରେ ମାମଲା ନଂ.୩୦୬/୨୦୨୧ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିଲା। ମାମଲାର ତଦନ୍ତ ଚାଲିଥିବା ବେଳେ ପରବର୍ତ୍ତୀ ସମୟରେ ପୀଡିତା ଏକ ସନ୍ତାନ ଜନ୍ମ ଦେଇଥିବା ଜଣାପଡିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରାଜୀବ ସାସମଲ ଓ ଆଡିଶନାଲ ପବ୍ଲିକ ପ୍ରସିକ୍ୟୁଟର ବଳରାମ ଦେଓ ପରିଚାଳନା କରିଥିଲେ।

## ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖସିଲା ସିଲିଂ

**ଅଳ୍ପକେ ବର୍ତ୍ତିଲେ ନବଜାତ ଶିଶୁ ଓ ମା'**

ଜଟଣୀ,୨୮।୬(ରବୀନ୍ଦ୍ରନାଥ ମହାକୁଡ଼)



ଖସି ପଡିଥିବା ସିଲିଂକୁ ମରାମତି କରାଯାଉଛି।

ଖୋର୍ଦ୍ଧା ଜିଲା ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଏକ ଅଘଟଣ ଘଟିଛି। ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସୂତି ବିଭାଗରେ ହଠାତ୍ ସିଲିଂ ନବଜାତ ଶିଶୁ ଓ ମା'ଉପରେ ଖସିପଡ଼ିଥିଲା। ତେବେ ଏହି ସମୟରେ ମା' ଚେଇଁ ରହିଥିବାରୁ ବଡ଼ ଅଘଟଣରୁ ନିଜେ ବର୍ତ୍ତିଯିବା ସହ ପୁଅକୁ ରକ୍ଷା କରିପାରିଛନ୍ତି।

ସୂଚନା ମୁତାବକ, ଜଟଣୀ ବ୍ଲକ ଅଧୀନ ଛଣଘର ପଞ୍ଚାୟତର ବସନ୍ତ ସାହୁଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ଗୁରୁବାର ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଶୁକ୍ରବାର ଭୋରୁ ହଠାତ୍ ସିଲିଂ ପୁଷ୍ପାଞ୍ଜଳି ଓ ତାଙ୍କ ଶିଶୁପୁତ୍ର ଉପରେ ଖସିପଡ଼ିଥିଲା। ଏହି ସମୟରେ ପୁଷ୍ପାଞ୍ଜଳି ଚେଇଁଥିବାରୁ ଉକ୍ତ ସିଲିଂକୁ ଧରିପକାଇଥିଲେ। ଏହାପରେ ପୁଷ୍ପାଞ୍ଜଳି ଚିତ୍କାର କରିବାରୁ ତାଙ୍କ ସ୍ୱାମୀ ବସନ୍ତ ପହଞ୍ଚି ପଡ଼ିଥିବା ପ୍ଲାଏଗୁଡ଼ିକୁ ବାହାର କରିଥିଲେ। ତେବେ ଠିକାଦାରଙ୍କ ନିମ୍ନମାନର କାମ ଯୋଗୁ ଏଭଳି ଅଘଟଣ ଘଟିଥିବା କୁହାଯାଇଛି। ଏହି ଘଟଣାକୁ ନେଇ ପୀଡ଼ିତଙ୍କ ପରିବାର ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ପ୍ରକାଶ ଯେ, ଗତ କିଛିମାସ ପୂର୍ବେ ୫-ଟି ଅଧୀନରେ ହସ୍ପିଟାଲର ରୂପାନ୍ତରୀକରଣ (ଆମ ହସ୍ପିଟାଲ) ହୋଇଥିଲା। ତେବେ ଏନେଇ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଜିତେନ୍ଦ୍ର ପଣ୍ଡା କହିଛନ୍ତି, ଘଟଣା ସମ୍ପର୍କରେ ଖୋର୍ଦ୍ଧା ଆର୍ ଆଣ୍ଡ ବି'କୁ ଅବଗତ କରାଯାଇଛି। ନିର୍ମାଣକାରୀ ସଂସ୍ଥା କିମ୍ବା ଠିକାଦାରଙ୍କ ବିରୋଧରେ ଯାହା କାର୍ଯ୍ୟାନୁଷ୍ଠାନ ଆର ଆଣ୍ଡ ବି ଗ୍ରହଣ କରିବ। ନିର୍ମାଣରେ ଆମର କୌଣସି ହସ୍ତକ୍ଷେପ ନାହିଁ ବୋଲି ପଣ୍ଡା କହିଛନ୍ତି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନିଲ



@ ସୂର୍ଯ୍ୟ



@ ଦିଗାମ୍ବର



@ ସୁବେଶ



@ ଦୁମେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ମହାପ୍ରଭୁଙ୍କ ସେବାରେ ନିୟୋଜିତ ହେଲେ ୩ ମାସର ଦଇତା ସେବକ

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ସେବାରେ ଶୁକ୍ରବାର ୩ ମାସର ଦଇତାପତି ସେବକ ସାମିଲ ହୋଇଛନ୍ତି। କୁନି ଦଇତାପତି ସେବକ ଜଣଙ୍କ ହେଉଛନ୍ତି ଶ୍ରୀୟାନ ଦଇତାପତି। ଶ୍ରୀୟାନ ଅଣସର ତାଟି ଘରେ ପ୍ରବେଶ କରିବା ସହ ଶ୍ରୀବିଗ୍ରହଙ୍କ ସେବା ପୂଜାରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି। ପରମ୍ପରା ଓ ବିଧି ମୁତାବକ ଅନୁସାରେ, ପ୍ରତ୍ୟେକ ଦଇତାପତି ପରିବାରର ପୁତ୍ରସନ୍ତାନ ଜନ୍ମ ହେବାର ୨୧ଦିନ ପରେ ଅନବସର ସମୟରେ ସେବାପୂଜା କଲେ ଭାଗୀଦାର ହେବାର ସୌଭାଗ୍ୟ ମିଳିଥାଏ। ଶ୍ରୀୟାନ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥିବାରୁ ତାଙ୍କ ଜେଜେବାପା ରବୀନ୍ଦ୍ର ଦାସମହାପାତ୍ର ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ପରମ୍ପରା ଅନୁଯାୟୀ, ମହାପ୍ରଭୁଙ୍କ ସେବାରେ ନିୟୋଜିତ ଥିବା ଅନ୍ୟ ସେବାୟତମାନଙ୍କ ଶାଢ଼ିବନ୍ଧା ପରେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହେଉଥିବାବେଳେ ଦଇତାପତି କୂଳରେ ଜନ୍ମ ହେଉଥିବା ପୁତ୍ର ସନ୍ତାନମାନେ ଜନ୍ମର ୨୧ ଦିନ ପରେ ଅଣସର ତାଟି ଘରେ ପ୍ରବେଶ କରି ମହାପ୍ରଭୁଙ୍କ ସେବାର ସୌଭାଗ୍ୟ ପାଇଥାନ୍ତି।

## ସଂକ୍ଷେପରେ

### ୧୦ କେଜି ଗଞ୍ଜେଇ ଜବତ, ମହିଳା ଗିରଫ

ଭୁବନେଶ୍ୱର,୨୮।୬
(ସୂର୍ଯ୍ୟକାନ୍ତ ବେହେରା)

କନ୍ଧମାଳରୁ ବସ୍ ଯୋଗେ ବେଆଇନ ଭାବେ ଗଞ୍ଜେଇ ସଂଗ୍ରହ କରି ଭୁବନେଶ୍ୱରକୁ ଆସି ସିଆର୍‌ପି ଛକରେ ଓହ୍ଲେଇଥିଲେ। ସେଠାରୁ ସାଲିଆ ସାହିକୁ ଚାଲାଣ କରିବା ପାଇଁ ଏକ ଅଟୋକୁ ଅପେକ୍ଷା କରିଥିବାବେଳେ ନୟାପଲ୍ଲୀ ଥାନା ପୋଲିସ ଖବର ପାଇ ସମ୍ପୃକ୍ତ ମହିଳା ନିଶାବେପାରୀଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ କନ୍ଧମାଳର ଲୀଳିମା ବାଗର୍ତ୍ତୀ(୩୫)। ତାଙ୍କଠାରୁ ୧୦.୨ କେଜି ଗଞ୍ଜେଇ ଜବତ ହୋଇଛି। ତେବେ ଜବତ ଗଞ୍ଜେଇର ମୂଲ୍ୟ ୧ଲକ୍ଷ ଟଙ୍କା ହେବ। ସେ ଏହି ବେଆଇନ କାରବାର କେବେଠାରୁ କରୁଛନ୍ତି, କାହାକୁ ଯୋଗାଉଛନ୍ତି, ତାହାର ଅଧିକ ତଥ୍ୟ ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

### ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ଫୁଲନଖରା,୨୮।୬
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଜଗନ୍ନାଥ କଲୋନୀରେ ଶୁକ୍ରବାର ସକାଳେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଛି। ଉକ୍ତ କଲୋନୀରେ ରହୁଥିବା ଅଞ୍ଜୁଲତା ବେହେରା ନାମ୍ନୀ ମହିଳା ଶୁକ୍ରବାର ପ୍ରାତଃ ୫ଟାରେ କିଛି ଦୂରରେ ଥିବା ଗଛରୁ ଫୁଲ ତୋଳି ଫେରୁଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଅଞ୍ଜୁଲତାଙ୍କ ବେକରୁ ଚେନ୍ ଲୁଟ୍ କରିବାକୁ ଯାଇଥିବାବେଳେ ଅନ୍ୟ ଜଣେ ବାଇକ୍ ଉପରେ ବସିଥିଲେ। ଦୁର୍ବୃତ୍ତମାନେ ଅଞ୍ଜୁଲତାଙ୍କ ବେକରୁ ଚେନ୍ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏହି ଲୁଟ୍ ସମୟର ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଏନେଇ ଅଞ୍ଜୁଲତା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୩୫୧/୨୪)ରୁଜୁ କରି ତଦନ୍ତ ଚଳାଇଛି। ଏସ୍‌ଆଇ ଭାସ୍କର ପ୍ରଧାନ କହିଛନ୍ତି, ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

### ଘର ପଙ୍ଖାରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

ପୁରୁଣା ଭୁବନେଶ୍ୱର,୨୮।୬
(ସୁବାସ ଚନ୍ଦ୍ର ପ୍ରଧାନ)

ଉତ୍ତରା ଫାଣ୍ଡି ଅଧୀନ କାକୁଡ଼ିକୋସାଙ୍ଗ ଗ୍ରାମର ଜଣେ ଯୁବକ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅସିତ କୁମାର ଦାସ(୨୩)। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଅପରାହ୍ନରେ ଅସିତ୍ କୌଣସି କାରଣରୁ ଘର ପଙ୍ଖାରେ ଝୁଲିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଜଳହାରପୁର-ପହଙ୍ଗା ରାସ୍ତାରେ ଭାରିଯାନ ଚଳାଚଳ କଟକଣା

କଟକ,୨୮।୬ (କାର୍ତ୍ତିକ ସାହୁ)

କଟକ ଜିଲାର ଜଳହାରପୁର-ପହଙ୍ଗା ରାସ୍ତାରେ ଭାରିଯାନ ଚଳାଚଳ ଉପରେ ଜିଲାପାଳ ଅରିନ୍ଦମ ଡାକୁଆ କଟକଣା ଲଗାଇଛନ୍ତି। ଗତ ୫ ମାସ ହେବ ଭାରୀଯାନ ମାଧ୍ୟମରେ ବାଲି ପରିବହନ କରାଯାଉଥିବାରୁ ଏହି ରାସ୍ତାର ସମ୍ପ୍ରସାରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାଦ୍ୱାରା ରାସ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଛି। ସ୍ଥାନୀୟ ଜନସାଧାରଣଙ୍କ ଯୋଗାଯୋଗ ସୁବିଧା ଦୃଷ୍ଟିରୁ ଏହି ରାସ୍ତାର ମରାମତି ତଥା ସମ୍ପ୍ରସାରଣ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ଡାକୁଆ ଉକ୍ତ ରାସ୍ତାରେ ଲଘୁ ଖଣିଜ ପଦାର୍ଥ ପରିବହନ କରୁଥିବା ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ କରିଛନ୍ତି। ଆସନ୍ତା ଜୁଲାଇ ୨୫ ତାରିଖ ସୁଦ୍ଧା ଏହି ରାସ୍ତାର ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ।

# ଅବ୍ୟବସ୍ଥାରେ ବିଜେବି ସଙ୍ଗୀତ ବିଭାଗ

- ବାଦ୍ୟଯନ୍ତ୍ର ଅଭାବ, ନାହାନ୍ତି ବାଦକ
- ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ଭୁବନେଶ୍ୱର,୨୮।୬(ଅନୁରାଧା ମହାରଣା)




ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ବିଭାଗରେ ନାନା ସମସ୍ୟାକୁ ନେଇ ଛାତ୍ର ଅସନ୍ତୋଷ ଲାଗିରହୁଛି। ତେବେ ଯୁକ୍ତ୩ ସଙ୍ଗୀତ ବିଭାଗରେ ଅବ୍ୟବସ୍ଥା ସବୁଠୁ ବଳିଯାଇଛି। ପ୍ରଥମବର୍ଷରେ ନାମଲେଖା ଠାରୁ ଏ ପର୍ଯ୍ୟନ୍ତ ପାଠପଢ଼ା ଆରମ୍ଭ ହୋଇପାରିନାହିଁ। ମାତ୍ର ୮ ଆସନ ବିଶିଷ୍ଟ ଏହି ବିଭାଗରେ ପିଲାଙ୍କ ସଙ୍ଗୀତ ଶିକ୍ଷା ପାଇଁ ଆନୁଷଙ୍ଗିକ ବନ୍ଦୋବସ୍ତ ନାହିଁ। ବାଦ୍ୟଯନ୍ତ୍ରର ଅଭାବ ରହିଛି। ତବଲା ହେଉ କି ତାନପୁରା, କୌଣସି ବି ବାଦ୍ୟଯନ୍ତ୍ର ବ୍ୟବହାର ଯୋଗ୍ୟ ହୋଇରହିନାହିଁ। ପୁଣି ତାହାକୁ ବଜାଇବାକୁ କେହି ନାହାନ୍ତି। ଇଲେକ୍ଟ୍ରୋନିକ୍ସ ସାଉଣ୍ଡବକ୍ସରେ ହିଁ କାମ ଚଳୁଛି। ଅନ୍ୟପଟେ ସଙ୍ଗୀତ ବିଭାଗରେ ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଦୀର୍ଘବର୍ଷ ପରେ ଏଠାରେ ଜଣେ ସ୍ଥାୟୀ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ମାତ୍ର ହିନ୍ଦୁସ୍ତାନୀ ଭୋକାଲ ଶିକ୍ଷାଦାନ ପାଇଁ ଓଡ଼ିଶୀ ଭୋକାଲ ଡିଗ୍ରୀଧାରୀ ଅଧ୍ୟାପକଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଭାଗର ବର୍ତ୍ତମାନ ତଥା ପୁରାତନ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ବିଭାଗ ଓ ମହାବିଦ୍ୟାଳୟ ଅଧକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁସାରେ, ଓଡ଼ିଶୀ ଭୋକାଲରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ସୁକାନ୍ତ କୁମାର ବଳଙ୍କୁ ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟରେ କନିଷ୍ଠ ଅଧ୍ୟାପକ ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଥିଲେ। ବର୍ତ୍ତମାନ ଅଧ୍ୟାପକ ବଳଙ୍କୁ ବିଜେବି କଲେଜକୁ ବଦଳି କରାଯାଇଛି। ମାତ୍ର ବିଜେବି କଲେଜ ସଙ୍ଗୀତ ବିଭାଗରେ କେବଳ ହିନ୍ଦୁସ୍ତାନୀ ଭୋକାଲ ବିଷୟ ରହିଛି। ହିନ୍ଦୁସ୍ତାନୀ ଭୋକାଲରେ ଡିଗ୍ରୀ ନ ଥିବା ଜଣେ ଅଧ୍ୟାପକ ପିଲାଙ୍କୁ କିପରି ଶିକ୍ଷା ଦେବେ ତାହାକୁ ନେଇ ଛାତ୍ରୀଛାତ୍ର ପ୍ରଶ୍ନ କରିଛନ୍ତି। ତେଣୁ ବିଦ୍ୟାଳୟରେ ଓଡ଼ିଶୀ ଭୋକାଲ ପାଠ୍ୟକ୍ରମ ସ୍ୱତନ୍ତ୍ର ଭାବେ ଖୋଲାଯାଉ କିମ୍ବା ଅଧ୍ୟାପକ ବଳଙ୍କୁ ଅନ୍ୟତ୍ର ବଦଳି କରାଯାଉ। ମାତ୍ର ହିନ୍ଦୁସ୍ତାନୀ ଭୋକାଲ ପାଠ୍ୟକ୍ରମରେ ନାମ ଲେଖାଇଥିବା ପିଲାଙ୍କୁ ଓଡ଼ିଶୀ ଶିକ୍ଷା ପ୍ରଦାନ କରା ନ ଯାଉ। ସେହିପରି ଏହି ବିଭାଗରେ ସିଟ୍ ସଂଖ୍ୟା ବଢ଼ାଇବାର ଆବଶ୍ୟକତା ରହିଥିବା ପୁରାତନ ଛାତ୍ରୀଛାତ୍ର ମତ ରଖିଛନ୍ତି।

ନିକଟରେ ବିଭାଗର ଛାତ୍ରୀଛାତ୍ର ମହାବିଦ୍ୟାଳୟ ଅଧକ୍ଷା ଡ. ଇତିଶ୍ରୀ ପାଢ଼ୀଙ୍କୁ ଭେଟି ଅଭିଯୋଗପତ୍ର ଦେବା ସହ ବିଭାଗର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଜଣାଇବେ ବୋଲି ପାଢ଼ୀ କହିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଅଧକ୍ଷା କ'ଣ ପଦକ୍ଷେପ ନେଲେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କୌଣସି ତଥ୍ୟ ପ୍ରଦାନ କରାଯାଉନାହିଁ ବୋଲି ଜଣେ ଛାତ୍ର କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଡ. ପାଢ଼ୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଏନେଇ ସଙ୍ଗୀତ ବିଭାଗର ନବନିଯୁକ୍ତ ଅଧ୍ୟାପକ ତଥା ବିଭାଗ ମୁଖ୍ୟ ସୁକାନ୍ତ ବଳ କହିଛନ୍ତି, ତାଙ୍କ ନିଯୁକ୍ତିକୁ ଖୁବ୍ କମ୍ ସମୟ ହୋଇଛି। ଦୀର୍ଘବର୍ଷ ଧରି ବିଭାଗରେ କେଉଁ ସବୁ ସମସ୍ୟା ରହିଛି ସେସବୁ ସେ ପିଲାଙ୍କଠାରୁ ଜାଣିବାକୁ ଚାହୁଁଛନ୍ତି। ଉନ୍ନତମାନର ଶିକ୍ଷାଦାନ ପାଇଁ ସେ ତୁରନ୍ତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। ଅନ୍ୟପଟେ ବିଭାଗୀୟ ପାଠ୍ୟକ୍ରମ ଓ ତାଙ୍କ ଡିଗ୍ରୀରେ ଭିନ୍ନତା ନେଇ ପ୍ରଶ୍ନ କରିବାରୁ ସେ କହିଛନ୍ତି, ବିଜେବି କଲେଜରେ ଭାରତୀୟ ସଙ୍ଗୀତ ପଢ଼ାଯାଉଛି। କର୍ନାଟକୀ ଭାଷାରେ ପଢ଼ାଗଲେ ଆମେ ଦକ୍ଷିଣ ଭାରତୀୟ କହିବା, ହିନ୍ଦୀରେ ପଢ଼ାଗଲେ ଭାରତୀୟ ଏବଂ ଓଡ଼ିଆରେ ପଢ଼ାଗଲେ ଓଡ଼ିଶୀ ଭୋକାଲ କହିବା। ସମସ୍ତ ପାଠ୍ୟକ୍ରମରେ ଅନେକ ସାମଞ୍ଜସ୍ୟ ରହିଛି। ସେହି ଅନ୍ତର ବିଷୟରେ ପିଲାମାନେ ଜାଣିପାରିଲେ ସଙ୍ଗୀତ ଶିକ୍ଷା ପୂର୍ଣ୍ଣ ହେବ। ବର୍ତ୍ତମାନ ଅତିଥି ଅଧ୍ୟାପକ ନିଯୁକ୍ତି କରାଯାଉଛି। ତେଣୁ ପାଠପଢ଼ା ଆରମ୍ଭ ହୋଇପାରିନାହିଁ। ଜୁଲାଇ ପହିଲାରୁ ସବୁକିଛି ଧାରାରେ ଚାଲିବ। ଯେତେବେଳେ ଯେଉଁ ସମସ୍ୟା ଆସିବ ତାହାର ତୁରନ୍ତ ସମାଧାନ କରାଯିବ ବୋଲି ବଳ କହିଛନ୍ତି।



ମହାପ୍ରଭୁଙ୍କ ପାଇଁ ଦେଉଳିମଠରୁ ଶ୍ରୀକ୍ଷେତ୍ରକୁ ଫଳଭାର ପଠାଯାଉଛି ।

## ଦେଉଳି ମଠରୁ ଶ୍ରୀକ୍ଷେତ୍ର ଗଲା ଅଣସର ଫଳଭାର

କାକଟପୁର/ଅସ୍ତରଙ୍ଗ,୨୮।୬
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

ମହାପ୍ରଭୁଙ୍କ ଅନ୍ତୁଡ଼ିଶାଳ କାକଟପୁରର ଦେଉଳି ମଠରୁ ଶଗଡ଼ରେ ଶ୍ରୀଜୀଉଙ୍କ ପାଇଁ ଫଳ, ତୁଳସୀ, ପଦ୍ମଫୁଲ ଆଦି ଗୁରୁବାର ଶ୍ରୀକ୍ଷେତ୍ରକୁ ପଠାଯାଇଛି। ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଜଗନ୍ନାଥ ମାନବୀୟ ଲୀଳା ରଚିଥାନ୍ତି। ୧୦୮ କଳସ ଜଳରେ ସ୍ନାନକରି ଜ୍ୱରରେ ପଡ଼ିବା ପରେ ସେଥିରୁ ଉପଶମ ପାଇଁ ଶ୍ରୀଜୀଉଙ୍କ ପାଖରେ ଫଳମୂଳ ସହ ବିଭିନ୍ନ ପ୍ରକାର ପଥି ଲାଗି ହୋଇଥାଏ। ଏହି ପଦଯାତ୍ରାରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ସମ୍ପାଦକ କାଳୀ ପ୍ରସାଦ ସ୍ୱାଇଁଙ୍କ ସହ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ ଶଗଡ଼ରେ ଅଣସର ଫଳଭାର ନେଇ ଯାଇଥିଲେ।

# ଅପରାଧୀ ମୁକାବିଲା ପାଇଁ ବିଭିନ୍ନ ବ୍ୟାଙ୍କ୍‌ରେ ମକ୍‌ଡ୍ରିଲ



ଭୁବନେଶ୍ୱର,୨୮।୬ (ସୂର୍ଯ୍ୟକାନ୍ତ ବେହେରା)

ଅନେକ ସମୟରେ ଅପରାଧୀମାନେ ବ୍ୟାଙ୍କକୁ ଟାର୍ଗେଟ କରି ଡକାୟତି କରିଥାନ୍ତି। କେହି କର୍ମଚାରୀ ବିରୋଧ କଲେ, ସେମାନେ ମାରଣାସ୍ତ୍ର କିମ୍ବା ବନ୍ଧୁକ ଦେଖାଇ ଭୟଭୀତ କରି ଲୁଟିଥାନ୍ତି। ବେଳେବେଳେ ଅପରାଧୀମାନେ ଗୁଳି କରି ଖସି ଯିବାକୁ ଉଦ୍ୟମ କରିଥାନ୍ତି। ତେବେ ଏଭଳି ଘଟଣାରେ ଅପରାଧୀଙ୍କୁ କିଭଳି ମୁକାବିଲ କରିହେବ ସେନେଇ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀ ଭୁବନେଶ୍ୱରର ୯ ଥାନା ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କରେ ମକଡ୍ରିଲ କରାଯାଇଥିଲା । ଯଦି ହଠାତ କୌଣସି ବ୍ୟାଙ୍କରେ କିଛି ବି ଅଘଟଣ ଘଟେ କିମ୍ବା ଡକାୟତି ଭଳି ବଡଧରଣର ଅପରାଧ ହୁଏ, ତେବେ ପୋଲିସର କାର୍ଯ୍ୟ କିପରି ହେବା ଦରକାର, ପୋଲିସ କେତେ ଶୀଘ୍ର ଘଟଣା ସ୍ଥଳରେ ପହଞ୍ଚିବା ଦରକାର, ଏହି ସମୟରେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀମାନେ କ'ଣ କରିବା ଉଚିତ ଓ ବ୍ୟାଙ୍କର ଆଲାର୍ମିଂ ସିଷ୍ଟମ କାମ କରୁଛି କି ନାହିଁ ପରଖିବା ସହ ସେ ବିଷୟରେ ପୋଲିସ ପକ୍ଷରୁ ଅଭ୍ୟାସ କରାଯାଇଥିଲା। ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ ମୁତାବକ ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ସହରାଞ୍ଚଳ ମଧ୍ୟରେ ଥିବା ୧୮ ଟି ବ୍ୟାଙ୍କରେ ମକ ଡ୍ରିଲ ହୋଇଥିଲା। ଫଳରେ ବ୍ୟାଙ୍କ କର୍ମଚାରୀମାନେ ଆଗୁଆ ସଚେତନା ହେବା ସହ କିପରି ଅପରାଧୀଙ୍କ ବିଷୟରେ ତୁରନ୍ତ ପୋଲିସକୁ ସୂଚନା ଦେଇ ନିର୍ଭୟରେ ସହ ମୁକାବିଲା କରିପାରିବେ ତାହା ଶିଖିଥିଲେ।

## ବାସ୍ତୁବିତ୍ ମନୋଜ ଲେଙ୍କାଙ୍କୁ ଜାତୀୟ ଆଇକନ୍ ସମ୍ମାନ



ସମାରୋହରେ ବାସ୍ତୁବିତ୍ ମନୋଜ କୁମାର ଲେଙ୍କାଙ୍କୁ ଜାତୀୟ ଆଇକନ୍ ସମ୍ମାନ ପ୍ରଦାନ କରାଯାଉଛି ।

ଫୁଲନଖରା,୨୮।୬(ସତ୍ୟରଞ୍ଜନ ଦାସମହାପାତ୍ର)

ବାସ୍ତୁଶାସ୍ତ୍ରରେ ପାଣ୍ଡିତ୍ୟ ଲାଭ କରି ଜାତୀୟ ସ୍ତରରେ ନିଜର ପ୍ରତିଭାକୁ ପ୍ରତିପାଦନ କରିଥିବା ବରିଷ୍ଠ ବାସ୍ତୁବିତ୍ ଡ. ମନୋଜ କୁମାର ଲେଙ୍କାଙ୍କୁ ଚଳିତବର୍ଷ ପାଇଁ ଜାତୀୟ ଆଇକନ୍ ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ ଓ ଭାରତ ଟିଭିର ମିଳିତ ସହଯୋଗରେ ଦିଲ୍ଲୀ ଦୂରଦର୍ଶନ ଭବନରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରାମଦାସ ଅଠାୱଲେ ଯୋଗଦେଇ ମନୋଜଙ୍କୁ ସମ୍ମାନିତ କରିବା ସହ ବ୍ରୋଞ୍ଜ ପଦକ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଉତ୍ତରପ୍ରଦେଶ ବିଧାୟକ ଶ୍ୟାମ ଘନୀ ଯୋଗଦେଇଥିଲେ। ମନୋଜ ଏବେ ହାପି ଲିଭିଂ ଫାଉଣ୍ଡେଶନର ଅଧ୍ୟକ୍ଷ ସହ ଏସିଆନ ଆଷ୍ଟ୍ରୋ କଂଗ୍ରେସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛନ୍ତି। ଏହି ସମ୍ମାନ ପାଇବା ପରେ ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଶ୍ରୀକ୍ଷେତ୍ରରୁ ଅର୍କକ୍ଷେତ୍ରକୁ ଗଡ଼ିବ ଟ୍ରେନ୍

ଗୋପ,୨୮।୬ (ଭାରତୀ ଭୂଷଣ ଉପାଧ୍ୟାୟ)

ଶ୍ରୀକ୍ଷେତ୍ରରୁ ଅର୍କକ୍ଷେତ୍ରକୁ ଗଡ଼ିବ ଟ୍ରେନ। ଉପକୃତ ହେବେ ଜନସାଧାରଣ ଓ ପର୍ଯ୍ୟଟକ। କେନ୍ଦ୍ରରେ ତୃତୀୟ ଥର ପାଇଁ ଏନ୍‌ଡିଏ ସରକାର ଏବଂ ଓଡ଼ିଶାରେ ପ୍ରଥମ ଥର ଭାଜପା ସରକାର ଗଠନ ପରେ ପ୍ରତିଶ୍ରୁତି ଅନୁଯାୟୀ, ପ୍ରସ୍ତାବିତ ପୁରୀ-କୋଣାର୍କ ୩୨ କି.ମି. ରେଳପଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ରେଲୱେ ପକ୍ଷରୁ ପୁରୀର କୁମୁଟିପାଟଣାଠାରୁ କାଶୀହରିପୁର, ସମା, ଭାରତୀପୁର, ହରେକୃଷ୍ଣପୁର, ଆଲଙ୍ଗ, ନାଲିହଣା, ଛଇତନା, ଇଟିଭୂଆଁ, ଇଞ୍ଚଳ, ବଡ଼ଗାଁ, ପୁରୁପଡ଼ା, ତରୋକର, ସୁତନ, ବେରୁହଁ, ଅଚ୍ୟୁତପୁର, ଗୁଣ୍ଡି, ବାହାରଣା, ଜନ୍ତନା, ନୂଆଗାଁ ଆଦି ୩୭ଟି ଗାଁ ଦେଇ ଏହି ରେଳପଥ ସକାଶେ ମାର୍ଗ ପ୍ରସ୍ତୁତ କରାଯାଇଛି। ପୂର୍ବତଟ ରେଳପଥ, ଭୁବନେଶ୍ୱରର ଉପମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଏବଂ ହାଇଦ୍ରାବାଦର ଏରିଏଲ ଡାଟା ଆପ୍ଲିକେଶନ୍ସ ଓ ମ୍ୟାପିଙ୍ଗ ସର୍ଭିସେସ୍ ପକ୍ଷରୁ ଏହି ପ୍ରସ୍ତାବିତ ମାର୍ଗ ପ୍ରସ୍ତୁତ ହୋଇଛି। ଉପରୋକ୍ତ ୩୭ଟି ଗ୍ରାମର ୧୮୩.୩୨ ହେକ୍ଟର ବେସରକାରୀ ଓ ୩୫.୪୦ ହେକ୍ଟର ସରକାରୀ ଜମିକୁ ମିଶାଇ ମୋଟ ୨୧୮.୭୨ ହେକ୍ଟର ଜମି ଚିହ୍ନଟ କରାଯାଇଛି। ଖୁବଶୀଘ୍ର ଉକ୍ତ ଜମି ଅଧିଗ୍ରହଣ କରାଯାଇ ରେଲୱେକୁ ହସ୍ତାନ୍ତର କରାଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିବା ଗୋପ ତହସିଲଦାର ରଞ୍ଜନ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ସ୍ୱର୍ଣ୍ଣତ୍ରିଭୁଜ ମାନଚିତ୍ରରେ ସ୍ଥାନିତ ହେବ ପୁରୀ-କୋଣାର୍କ ରେଳମାର୍ଗ। ଏହି ରେଳମାର୍ଗ ନିର୍ମାଣ ଫଳରେ କୋଣାର୍କ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇପାରିବ। ଗତ ୨୦୨୧ ଅଗଷ୍ଟ ୧୯ରେ ଏ ନେଇ ରେଳମନ୍ତ୍ରୀ ପୁରୀରେ ପ୍ରଥମେ ଘୋଷଣା କରିଥିଲେ। ପରେ ପୁଣି ଚଳିତବର୍ଷ ପୁରୀ ଗସ୍ତ ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏନେଇ ବିଧିବଦ୍ଧ ଭାବେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଖୁବ୍‌ଶୀଘ୍ର ପୁରୀ-କୋଣାର୍କ ରେଳପଥ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତ ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ ଦେବା ସହ ୪୯୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

## ୧୫୦ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ





ଭୁବନେଶ୍ୱର,୨୮।୬ (ସୂର୍ଯ୍ୟକାନ୍ତ ବେହେରା)

ବ୍ରାଉନସୁଗାର କାରବାରରେ ସଂପୃକ୍ତ ଥିବା ୨ ଯୁବକଙ୍କୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ଭୁବନେଶ୍ୱରରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଲେଶ୍ୱର ଶହଦେବ ଖୁଣ୍ଟା ଥାନା ଅଞ୍ଚଳର ସେକ୍ ଚନ୍ଦା(୧୯) ଓ ରାମ ଶୋରେନ (୨୪)। ଉଭୟଙ୍କଠାରୁ ୧୫୦ ଗ୍ରାମ ବ୍ରାଉନସୁଗାର ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଦ୍ୱୟ ବାଇକ ଯୋଗେ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ପୋଖରୀପୁଟ ପାଖରେ ରହୁଥିବା ଜଣେ ମହିଳାଙ୍କୁ ଦେବା ପାଇଁ ଛିଡା ହୋଇଥିବାବେଳେ ଖବର ପାଇ ସ୍ପେଶାଲ କ୍ରାଇମ ୟୁନିଟ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ହେଲେ ପୋଲିସକୁ ଦେଖି ମହିଳା ଜଣକ ସେଠାକୁ ନ ଆସି ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଥିବା କହିଛି।

# ଏସ୍‌ସିବି ରକ୍ତ ଭଣ୍ଡାରରେ ରକ୍ତ ସଙ୍କଟ

କଟକ,୨୮।୬(ଶିଳ୍ପା ପ୍ରିୟଦର୍ଶିନୀ)




- ଆବଶ୍ୟକ ଅନୁଯାୟୀ ରକ୍ତ ନାହିଁ
- ରକ୍ତଦାନ କମିବାରୁ ଉପୁଜିଛି ସମସ୍ୟା

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ(ଏସ୍‌ସିବି) ରକ୍ତ ଭଣ୍ଡାରରେ ରକ୍ତ ସଙ୍କଟ ଦେଖାଦେଇଛି। ରକ୍ତ ଭଣ୍ଡାରରେ ଆବଶ୍ୟକ ଅନୁଯାୟୀ ରକ୍ତ ନ ଥିବାରୁ ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି ରୋଗୀଙ୍କ ସମ୍ପର୍କୀୟ ଜରୁରିକାଳୀନ ପରିସ୍ଥିତିରେ ରକ୍ତ ପାଇଁ ରକ୍ତ ଭଣ୍ଡାରକୁ ଯାଇ ଦଲାଲଙ୍କ ହାବୁଡରେ ପଡୁଛନ୍ତି। ମେଡିକାଲରୁ ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ରକ୍ତ ଭଣ୍ଡାରରେ ପ୍ରତିଦିନ ବିନା ବଦଳରେ ୧୫୦ ଜଣଙ୍କୁ ରକ୍ତ ଦିଆଯାଉଛି। ସେମାନଙ୍କ ମଧ୍ୟରେ ୧୦୦ ଜଣ ଥାଲେସେମିଆ ରୋଗୀ ରହିଛନ୍ତି। ସେହିପରି ଅନ୍ୟ ୫୦ ଜଣଙ୍କ ମଧ୍ୟରେ କର୍କଟ, ବୋନ୍‌ମ୍ୟାରୋ, ଜଟିଳ ଅସ୍ତ୍ରୋପଚାର ଓ ଦୁର୍ଘଟଣାଗ୍ରସ୍ତ ରୋଗୀ ରହିଛନ୍ତି। ଏହାଛଡ଼ା ଅନ୍ୟ ରୋଗୀଙ୍କ ପାଇଁ ରକ୍ତଦାତା ରକ୍ତ ଦେଇ ଅଥବା ରକ୍ତ ବଦଳ କରି ରକ୍ତ ନେବାର ବ୍ୟବସ୍ଥା ରହିଛି। ପ୍ରତିଦିନ ଏସ୍‌ସିବି ମେଡିକାଲକୁ ହଜାର ହଜାର ରୋଗୀ ଆସୁଥିବାବେଳେ ଏବେ ରକ୍ତ ସଙ୍କଟ ମୁଖ୍ୟ ସମସ୍ୟା ପାଲଟିଛି।

ମଣିଷଙ୍କ ଭିତରେ ୯ ପ୍ରକାରର ରକ୍ତ ଗ୍ରୁପ୍ ରହିଥାଏ। ସେଥିମଧ୍ୟରେ ଓ-ପିଜିଟିଭ୍, ଓ-ନେଗେଟିଭ୍, ଏ-ପଜିଟିଭ୍, ଏ-ନେଗେଟିଭ୍, ବି-ପଜିଟିଭ୍, ବି-ନେଗେଟିଭ୍, ଏବି-ପଜିଟିଭ୍, ଏବି-ନେଗେଟିଭ୍ ଓ ବମ୍ବେ ଫେନୋ ଟାଇପ୍ ଗ୍ରୁପ୍ ରହିଛି। ବିଶେଷକରି ଓ-ନେଗେଟିଭ୍ ଏବଂ ଏବି-ନେଗେଟିଭ୍ ଗ୍ରୁପ୍‌ର ରକ୍ତ ସହଜରେ ମିଳି ନ ଥାଏ। ରେକର୍ଡ ଦେଖି ଆବଶ୍ୟକ ସମୟରେ ସେହି ଗ୍ରୁପ୍‌ର ବ୍ୟକ୍ତିଙ୍କୁ ଯୋଗାଯୋଗ କରି ରକ୍ତଦାନ ପାଇଁ ଡକାଯାଇଥାଏ। ଅପରପକ୍ଷରେ ସବୁଠୁ ଅଧିକ ବିରଳ ଭାବେ ବମ୍ବେ ଫେନୋ ଟାଇପ୍ ଗ୍ରୁପ୍‌କୁ ବିଚାର କରାଯାଏ। ଏସ୍‌ସିବି ରକ୍ତ ଭଣ୍ଡାରରେ ବର୍ଷକୁ ପ୍ରାୟ ୪୫ରୁ ୫୦ ହଜାର ୟୁନିଟ୍ ରକ୍ତ ଆବଶ୍ୟକ। ହେଲେ ରକ୍ତ ଭଣ୍ଡାରରେ ୩୦ରୁ ୩୫ ହଜାର ୟୁନିଟ୍ ରକ୍ତ ସଂଗ୍ରହ ହେଉଛି। ଏଠାରେ ସଂଗୃହୀତ ରକ୍ତ ମଧ୍ୟରୁ ୫୦ ପ୍ରତିଶତ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇଥାଏ। ବଳକା ରକ୍ତ ବଦଳ ଭାବେ ଆସୁଛି। ରାଜ୍ୟରେ ସବୁଠୁ ଅଧିକ କଟକରେ ରକ୍ତର ଆବଶ୍ୟକତା ପଡୁଥିବାବେଳେ ଏସ୍‌ସିବି ରକ୍ତ ଭଣ୍ଡାର ଏବେ ରକ୍ତ ଆବଶ୍ୟକତା ପୂରଣ କରିପାରୁନାହିଁ।

ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ମେଡିକାଲରେ ରକ୍ତ ସଙ୍କଟ ଦେଖାଦେଇଛି। ରକ୍ତଦାନ ବନ୍ଦ ହେବା ଏହାର କାରଣ ରହିଛି। କିଛି ମାସ ହେବ ରକ୍ତଦାନ ଶିବିର ଆବଶ୍ୟକ ଅନୁଯାୟୀ ହେଉନାହିଁ, ସେଥିପାଇଁ ଏଭଳି ସମସ୍ୟା ଉପୁଜିଛି। ପ୍ରତିଦିନ ମେଡିକାଲରେ ୧୫୦ ଜଣଙ୍କୁ ରକ୍ତ ଦିଆଯାଉଛି। ଏହାଛଡ଼ା ଅନ୍ୟ ରୋଗୀଙ୍କ ପାଇଁ ସମ୍ପର୍କୀୟ ରକ୍ତ ବଦଳାଇ ନେବା ବ୍ୟବସ୍ଥା ରହିଛି। ରକ୍ତଦାନ ଦ୍ୱାରା ଏଭଳି ସମସ୍ୟାର ସମାଧାନ ହୋଇପାରିବ। ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ, ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ଗଣମାଧ୍ୟମ ଜରିଆରେ ରାଉତ ଅନୁରୋଧ କରିଛନ୍ତି।

# ଶ୍ରୀକ୍ଷେତ୍ରରୁ ଅର୍କକ୍ଷେତ୍ରକୁ ଗଡ଼ିବ ଟ୍ରେନ୍

## ୩୨ କିମିର ରେଳପଥ ନିର୍ମାଣ ହେବ

■୨୧୮.୭୨ ହେକ୍ଟର ଜମି ଚିହ୍ନଟ ■ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କରାଯିବ



ଗୋପ,୨୮।୬ (ଭାରତୀ ଭୂଷଣ ଉପାଧ୍ୟାୟ)

ଶ୍ରୀକ୍ଷେତ୍ରରୁ ଅର୍କକ୍ଷେତ୍ରକୁ ଗଡ଼ିବ ଟ୍ରେନ। ଉପକୃତ ହେବେ ଜନସାଧାରଣ ଓ ପର୍ଯ୍ୟଟକ। କେନ୍ଦ୍ରରେ ତୃତୀୟ ଥର ପାଇଁ ଏନ୍‌ଡିଏ ସରକାର ଏବଂ ଓଡ଼ିଶାରେ ପ୍ରଥମ ଥର ଭାଜପା ସରକାର ଗଠନ ପରେ ପ୍ରତିଶ୍ରୁତି ଅନୁଯାୟୀ, ପ୍ରସ୍ତାବିତ ପୁରୀ-କୋଣାର୍କ ୩୨ କି.ମି. ରେଳପଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ରେଲୱେ ପକ୍ଷରୁ ପୁରୀର କୁମୁଟିପାଟଣାଠାରୁ କାଶୀହରିପୁର, ସମା, ଭାରତୀପୁର, ହରେକୃଷ୍ଣପୁର, ଆଳଙ୍ଗ, ନାଳିହଣା, ଛଇତନା, ଇତିଭୂଆଁ, ଇଞ୍ଚଳ, ବଡ଼ଗାଁ, ପୁଟୁପଡ଼ା, ତରୋକର, ସୁତନ, ବେରୁହଁ, ଅଚ୍ୟୁତପୁର, ଗୁଣ୍ଡି, ବାହାରଣା, ଜନ୍ତନା, ନୂଆଗାଁ ଆଦି ୩୭ଟି ଗାଁ ଦେଇ ଏହି ରେଳପଥ ସକାଶେ ମାର୍ଗ ପ୍ରସ୍ତୁତ କରାଯାଇଛି। ପୂର୍ବତଟ ରେଳପଥ, ଭୁବନେଶ୍ୱରର ଉପମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଏବଂ ହାଇଦ୍ରାବାଦର ଏରିଏଲ ଡାଟା ଆପ୍ଲିକେଶନ୍ସ ଓ ମ୍ୟାପିଙ୍ଗ ସର୍ଭିସେସ୍ ପକ୍ଷରୁ ଏହି ପ୍ରସ୍ତାବିତ ମାର୍ଗ ପ୍ରସ୍ତୁତ ହୋଇଛି। ଉପରୋକ୍ତ ୩୭ଟି ଗ୍ରାମର ୧୮୩.୩୨ ହେକ୍ଟର ବେସରକାରୀ ଓ ୩୫.୪୦ ହେକ୍ଟର ସରକାରୀ ଜମିକୁ ମିଶାଇ ମୋଟ ୨୧୮.୭୨ ହେକ୍ଟର ଜମି ଚିହ୍ନଟ କରାଯାଇଛି। ଖୁବଶୀଘ୍ର ଉକ୍ତ ଜମି ଅଧିଗ୍ରହଣ କରାଯାଇ ରେଲୱେକୁ ହସ୍ତାନ୍ତର କରାଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିବା ଗୋପ ତହସିଲଦାର ରଞ୍ଜନ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ସ୍ୱର୍ଣ୍ଣତ୍ରିଭୁଜ ମାନଚିତ୍ରରେ ସ୍ଥାନିତ ହେବ ପୁରୀ-କୋଣାର୍କ ରେଳମାର୍ଗ। ଏହି ରେଳମାର୍ଗ ନିର୍ମାଣ ଫଳରେ କୋଣାର୍କ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇପାରିବ। ଗତ ୨୦୨୧ ଅଗଷ୍ଟ ୧୯ରେ ଏ ନେଇ ରେଳମନ୍ତ୍ରୀ ପୁରୀରେ ପ୍ରଥମେ ଘୋଷଣା କରିଥିଲେ। ପରେ ପୁଣି ଚଳିତବର୍ଷ ପୁରୀ ଗସ୍ତ ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏନେଇ ବିଧିବଦ୍ଧ ଭାବେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଖୁବ୍‌ଶୀଘ୍ର ପୁରୀ-କୋଣାର୍କ ରେଳପଥ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତ ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ ଦେବା ସହ ୪୯୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସର୍ଭେ କରାଯାଇଥିବା ଅଞ୍ଚଳର ଜମି ଅଧିଗ୍ରହଣ କରି ହସ୍ତାନ୍ତର କରାଯିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ରେଳମନ୍ତ୍ରୀ କହିଥିଲେ। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱର୍ଣ୍ଣ ତ୍ରିଭୁଜ ଭାବେ ପରିଚିତ ପୁରୀ – କୋଣାର୍କ – ଭୁବନେଶ୍ୱରକୁ ରେଳପଥ ସଂଯୋଗୀକରଣ କରିବା ନିମନ୍ତେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ପ୍ରୟାସ ଜାରି ରହିଥିଲା। ରାଜ୍ୟ ପର୍ଯ୍ୟଟନ ଭିତ୍ତିଭୂମି ବିକାଶରେ ପୁରୀ-କୋଣାର୍କ ରେଳପଥ ପ୍ରକଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଥାଉ କି, ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରକୁ ଅନ୍ତର୍ଜାତୀୟସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ଏବଂ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ହାତକୁ ନିଆଯାଇ କାର୍ଯ୍ୟ ଚାଲିଛି। ଏହାକୁ ଆହୁରି ଗତିଶୀଳ କରିବା ନିମନ୍ତେ ତଥା କୋଣାର୍କ-ପୁରୀ ପର୍ଯ୍ୟଟନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ଓଡ଼ିଶାର ଆର୍ଥିକ ମାନଦଣ୍ଡକୁ ଅଧିକ ସୁଦୃଢ଼ କରିବା ପାଇଁ ଏହି ରେଳପଥ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଗତ ୨୦୨୦-୨୦୨୧ ଆର୍ଥିକ ବର୍ଷ ରେଳ ବଜେଟରେ ରାଜ୍ୟ ସରକାର ପୁରୀ-କୋଣାର୍କ ରେଳପଥ ନିର୍ମାଣ ନିମନ୍ତେ ତତ୍କାଳୀନ ରେଳମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସେହି ଦାବି ଏବେ ସଫଳ ରୂପରେଖ ନେବାକୁ ଯାଉଛି। ଏହା ରାଜ୍ୟବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ଏକ ଉପହାର ବୋଲି ସାଧାରଣରେ ଆଲୋଚନା ହେଉଛି।

### ଏମାନେ ଯାହା କୁହନ୍ତି....



"ପୁରୀ-କୋଣାର୍କ ରେଳପଥ ନିର୍ମାଣ ହେବାକୁ ଯାଉଥିବାରୁ ଆମ ସମସ୍ତଙ୍କ ପାଇଁ ଏହା ଗର୍ବର ବିଷୟ। ଏହା କେବଳ ଆମର ନୁହେଁ, ବରଂ ଆମ ସଂସ୍କୃତି, ପରମ୍ପରା ଏବଂ ଓଡ଼ିଆ ଅସ୍ମିତାର ଦାବି ଥିଲା। ଏହି ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ ଭିତ୍ତିଭୂମି ତଥା ଓଡ଼ିଶାର ବିକାଶ ହେବ। ରେଳପଥ ନିର୍ମାଣ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମ ସର୍ବଦା ପ୍ରଶଂସନୀୟ। ମୁଁ ନିଶ୍ଚିତ ଭାବେ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦେବି।

**– ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ**



"କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ନିର୍ଦ୍ଦେଶନାମା ଅନୁଯାୟୀ, ପୁରୀ ସଦର ତହସିଲ ଓ ଗୋପ ତହସିଲ ପକ୍ଷରୁ ୩୨ କିଲୋମିଟର ରେଳପଥ ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରାଯିବ। ୩୭ଟି ଗାଁ ଦେଇ ଏହି ରେଳପଥ ଯିବ।

**– ରଞ୍ଜନ କୁମାର ପରିଡ଼ା, ଗୋପ ତହସିଲଦାର**



"ପୁରୀ-କୋଣାର୍କ ରେଳପଥ ନିର୍ମାଣ ଆମମାନଙ୍କ ଲାଗି ସ୍ୱପ୍ନ ଥିଲା। କିନ୍ତୁ ଏହି ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି। ଏ ନେଇ ବାରମ୍ବାର ଦାବିକରି ଆସୁଥିବା ବ୍ୟକ୍ତିବିଶେଷ ଓ ଏହାକୁ ଚୂଡ଼ାନ୍ତ ରୂପରେଖ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଉଛି। ମୋ ପଞ୍ଚାୟତରେ ରେଳ ଷ୍ଟେଶନ ହେବାକୁ ଥିବାରୁ ମୁଁ ଗର୍ବିତ।

**–ବିଶ୍ୱଜିତ ସ୍ୱାଇଁ, ଶିମିଳି ସରପଞ୍ଚ, ଗୋପ ବ୍ଲକ।**

# ଖପୁରି, ପାରାଭାଡ଼ି ସମେତ ପୋଟଳ ସେଟିଂ ଶେଷ



ପୁରୀ,୨୮।୬(ଅଜିତ କୁମାର ମହାନ୍ତି)

ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥରେ ଖପୁରି ଓ ପାରାଭାଡ଼ି ସମେତ ୧୩ ପରସ୍ତ ପୋଟଳ ସେଟିଂ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ତିନୋଟି ଯାକ ରଥର ଦୁଇଟି ଲେଖାଏ ଦୁଆରବେଢ଼ା ନିର୍ମାଣ ସରିଛି। ୫ଟି ଲେଖାଏ ଗୁଣ୍ଡି ତିଆରି ଶେଷ ହୋଇଛି। (ଏହି ଗଣ୍ଡି ରଥ ସମ୍ମୁଖ ଭାଗରେ ସେଟିଂ ହୋଇଥିବା ଚାରପରିଛାକୁ ମୁଣ୍ଡାଇ ରଖି ସୁରକ୍ଷା ଦେଇଥାଏ, ଏହା ଦଣ୍ଡାମୁହାଁଟିରେ ଫିଟିଂ ହୋଇ ଚାରପରିଛା ସହ ସଂଯୋଗ ହୋଇଥାଏ)। ବେଦି ପଛଭାଗ ତାଗରେ ପାରୁସପଟା ବାଡ଼ିଆ ଶେଷ ହୋଇ ରଥ ପାର୍ଶ୍ୱ ଭାଗରେ ପଟା ପଡ଼ିବା ଜାରି ରହିଛି। ତିନି ରଥ କଳସରେ ପାଖୁଡ଼ା ସଂଯୋଗ ସରି ସିଲଭର ପାତ ଫିଟିଂ ବାକି ଅଛି। ରୂପକାର ସେବକମାନେ ଖୋଦେଇ ଶେଷ କରିଥିବା ନାଟଗୋଡ଼ରେ ରଙ୍ଗ ପାଇଁ ଚିତ୍ରକାର ସେବକଙ୍କୁ ଯୋଗାଇବା ସହ ଶେଷ ଦୁଇଟି ଲେଖାଏ ନାଟଗୋଡ଼ରେ ଖୋଦେଇ ରୂପର ପଲିସ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ରଥର କୋଣଗୁଜ, ପଟାଗୁଜରେ ରଙ୍ଗ ସହ ନାଟଗୋଡ଼ରେ ପ୍ରାଇମର ଦେବା ପରେ ରୂପଗୁଡ଼ିକର ରଙ୍ଗ କାର୍ଯ୍ୟ କରୁଛନ୍ତି। ଏଥିସହ ରଥ ପାର୍ଶ୍ୱ ଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ ରଥ ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜି ସେବକମାନେ ତିନି ରଥର ବତାକନାରେ ଲେସ୍ ଫିଟିଂ ସହ ଦ୍ୱାରବେଢ଼ା ଏବଂ ଚନ୍ଦ୍ରାଶାଳି ପାଇଁ କନା କଟିଂ ଶେଷକରି ସେଥିରେ ସିଲଭର ଲେସ୍ ଷ୍ଟିଚିଂ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ କଳସ କଣ୍ଟା, ଦୁଆର ବେଢ଼ା ପାଇଁ କଣ୍ଟା ଏବଂ ତିନି ରଥର ୧୦ଟି ଲେଖାଏ ଗଣ୍ଡିକଣ୍ଟା ନିର୍ମାଣରେ ବ୍ୟସ୍ତ ରହିଛନ୍ତି।

# ଯୁବକଙ୍କ ଆତ୍ମହତ୍ୟା

ପୁରୁଣା ଭୁବନେଶ୍ୱର,୨୮।୬(ସୁବାସ ଚନ୍ଦ୍ର ପ୍ରଧାନ)

ଉତ୍ତରା ଫାଣ୍ଡି ଅଧୀନ କାକୁଡ଼ିକୋସାଙ୍ଗ ଗ୍ରାମର ଜଣେ ଯୁବକ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅସିତ କୁମାର ଦାସ(୨୩)। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଅପରାହ୍ନରେ ଅସିତ୍ କୌଣସି କାରଣରୁ ଘର ପଙ୍ଖାରେ ଝୁଲିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଳକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# 'ଉପାଦେୟ ହେବ ନୂତନ ଫୌଜଦାରି ଆଇନ'




ଆଲୋଚନାଚକ୍ରରେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଓ ଅନ୍ୟମାନେ।

କଟକ,୨୮।୬ (କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶକ୍ରମେ କଟକ ଟ୍ୟାକ୍ସ ବାର୍ ସମ୍ମିଳନୀ କକ୍ଷରେ ଭାରତୀୟ ନୂତନ ଫୌଜଦାରୀ ଆଇନ୍ ଉପରେ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜୁଲାଇ ୧ରୁ ନୂତନ ଭାବେ ଲାଗୁ ହେବାକୁ ଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ଆଲୋଚନା କରାଯାଇଥିଲା। ବାର୍ ସଭାପତି ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଆଇନଜୀବୀ ପରିଷଦର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଯୋଗଦେଇ ବ୍ରିଟିଶ ଅମଳରୁ ଚାଲିଆସୁଥିବା ଭାରତୀୟ ପିଙ୍ଗଳ କୋଡ୍ ଆଦି ଆଇନ୍‌ରେ ପରିବର୍ତ୍ତନ କରାଯାଇ ନୂତନ ଭାବେ ସଂସଦରେ ଉପରୋକ୍ତ ଆଇନ୍ ପାରିତ ହୋଇ ଜୁଲାଇ ୧ରୁ ଲାଗୁ କରାଯିବାକୁ ଦିନ ସ୍ଥିର ହୋଇଛି। ଏହା ଅତ୍ୟନ୍ତ ଉପାଦେୟ ହେବ ବୋଲି ସେ କହିଥିଲେ। ନୂତନ ଆଇନ୍‌ର ବିଭିନ୍ନ ଧାରା, ଉପଧାରା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ପରେ ସଦସ୍ୟମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ସେ ପ୍ରଦାନ କରିଥିଲେ। ନୂତନ ଭାବେ ଏହି ଆଇନ ଲାଗୁ ହେବାକୁ ଥିବାରୁ ଏହା ଉପରେ ରାଜ୍ୟର କୋଣଅନୁକୋଣରେ ଆଲୋଚନା ହେଉ ବୋଲି ମତପ୍ରକାଶ ପାଇଥିଲା। ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଅକ୍ଷୟ କୁମାର ପତି, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ଅମୂଲ୍ୟ ମେହେର, ସୁନାକର ମହାନ୍ତି, ନଟବର ପଣ୍ଡା, ଅରୁଣ ଦାଶ, ବିଶ୍ୱଜିତ୍ ପାଣି, କୌସ୍ତୁଭ ଚୌଧୁରୀ, ସତ୍ୟବ୍ରତ ତ୍ରିପାଠୀ, ପ୍ରଦୀପ ମହାନ୍ତି, ବୈଦ୍ୟନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସୌମ୍ୟଶିବ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୧୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୨୮।୬(ସୂର୍ଯ୍ୟକାନ୍ତ ବେହେରା)

ବ୍ରାଉନସୁଗାର କାରବାରରେ ସଂପୃକ୍ତ ଥିବା ୨ ଯୁବକଙ୍କୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ଭୁବନେଶ୍ୱରରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଲେଶ୍ୱର ଶହଦେବ ଖୁଣ୍ଟା ଥାନା ଅଞ୍ଚଳର ସେକ୍ ଚନ୍ଦା(୧୯) ଓ ରାମ ଶୋରେନ (୨୪)। ଉଭୟଙ୍କଠାରୁ ୧୫୦ ଗ୍ରାମ ବ୍ରାଉନସୁଗାର ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଦ୍ୱୟ ବାଇକ ଯୋଗେ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ପୋଖରୀପୁଟ ପାଖରେ ରହୁଥିବା ଜଣେ ମହିଳାଙ୍କୁ ଦେବା ପାଇଁ ଛିଡା ହୋଇଥିବାବେଳେ ଖବର ପାଇ ସ୍ପେଶାଲ କ୍ରାଇମ ୟୁନିଟ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ହେଲେ ପୋଲିସକୁ ଦେଖି ମହିଳା ଜଣକ ସେଠାକୁ ନ ଆସି ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଥିବା କହିଛି।

# ଅବ୍ୟବସ୍ଥାରେ ବିଜେବି ସଙ୍ଗୀତ ବିଭାଗ

ଭୁବନେଶ୍ୱର,୨୮।୬(ଅନୁରାଧା ମହାରଣା)

■ ବାଦ୍ୟଯନ୍ତ୍ର ଅଭାବ, ନାହାନ୍ତି ବାଦକ

■ ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ବିଭାଗରେ ନାନା ସମସ୍ୟାକୁ ନେଇ ଛାତ୍ର ଅସନ୍ତୋଷ ଲାଗିରହୁଛି। ତେବେ ଯୁକ୍ତ୩ ସଙ୍ଗୀତ ବିଭାଗରେ ଅବ୍ୟବସ୍ଥା ସବୁଠୁ ବଳିଯାଇଛି। ପ୍ରଥମବର୍ଷରେ ନାମଲେଖା ଠାରୁ ଏ ପର୍ଯ୍ୟନ୍ତ ପାଠପଢ଼ା ଆରମ୍ଭ ହୋଇପାରିନାହିଁ। ମାତ୍ର ୮ ଆସନ ବିଶିଷ୍ଟ ଏହି ବିଭାଗରେ ପିଲାଙ୍କ ସଙ୍ଗୀତ ଶିକ୍ଷା ପାଇଁ ଆନୁଷଙ୍ଗିକ ବନ୍ଦୋବସ୍ତ ନାହିଁ। ବାଦ୍ୟଯନ୍ତ୍ରର ଅଭାବ ରହିଛି। ତବଲା ହେଉ କି ତାନପୁରା, କୌଣସି ବି ବାଦ୍ୟଯନ୍ତ୍ର ବ୍ୟବହାର ଯୋଗ୍ୟ ହୋଇରହିନାହିଁ। ପୁଣି ତାହାକୁ ବଜାଇବାକୁ କେହି ନାହାନ୍ତି। ଇଲେକ୍ଟ୍ରୋନିକ୍ସ ସାଉଣ୍ଡବକ୍ସରେ ହିଁ କାମ ଚଳୁଛି। ଅନ୍ୟପଟେ ସଙ୍ଗୀତ ବିଭାଗରେ ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଦୀର୍ଘବର୍ଷ ପରେ ଏଠାରେ ଜଣେ ସ୍ଥାୟୀ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ମାତ୍ର ହିନ୍ଦୁସ୍ତାନୀ ଭୋକାଲ ଶିକ୍ଷାଦାନ ପାଇଁ ଓଡ଼ିଶୀ ଭୋକାଲ ଡିଗ୍ରୀଧାରୀ ଅଧ୍ୟାପକଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଭାଗର ବର୍ତ୍ତମାନ ତଥା ପୁରାତନ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ବିଭାଗ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁସାରେ, ଓଡ଼ିଶୀ ଭୋକାଲରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ସୁକାନ୍ତ କୁମାର ବଳଙ୍କୁ ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟରେ କନିଷ୍ଠ ଅଧ୍ୟାପକ ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଥିଲେ। ବର୍ତ୍ତମାନ ଅଧ୍ୟାପକ ବଳଙ୍କୁ ବିଜେବି କଲେଜକୁ ବଦଳି କରାଯାଇଛି। ମାତ୍ର ବିଜେବି କଲେଜ ସଙ୍ଗୀତ ବିଭାଗରେ କେବଳ ହିନ୍ଦୁସ୍ତାନୀ ଭୋକାଲ ବିଷୟ ରହିଛି। ହିନ୍ଦୁସ୍ତାନୀ ଭୋକାଲରେ ଡିଗ୍ରୀ ନ ଥିବା ଜଣେ ଅଧ୍ୟାପକ ପିଲାଙ୍କୁ କିପରି ଶିକ୍ଷା ଦେବେ ତାହାକୁ ନେଇ ଛାତ୍ରୀଛାତ୍ର ପ୍ରଶ୍ନ କରିଛନ୍ତି।

# ବାସ୍ତୁବିତ୍ ମନୋଜଙ୍କୁ ଜାତୀୟ ଆଇକନ୍ ସମ୍ମାନ

ଫୁଲନଖରା,୨୮।୬(ସତ୍ୟରଞ୍ଜନ ଦାସମହାପାତ୍ର)

ବାସ୍ତୁଶାସ୍ତ୍ରରେ ପାଣ୍ଡିତ୍ୟ ଲାଭ କରି ଜାତୀୟ ସ୍ତରରେ ନିଜର ପ୍ରତିଭାକୁ ପ୍ରତିପାଦନ କରିଥିବା ବରିଷ୍ଠ ବାସ୍ତୁବିତ୍ ଡ. ମନୋଜ କୁମାର ଲେଙ୍କାଙ୍କୁ ଚଳିତବର୍ଷ ପାଇଁ ଜାତୀୟ ଆଇକନ୍ ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ ଓ ଭାରତ ଟିଭିର ମିଳିତ ସହଯୋଗରେ ଦିଲ୍ଲୀ ଦୂରଦର୍ଶନ ଭବନରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରାମଦାସ ଅଠାୱଲେ ଯୋଗଦେଇ ମନୋଜଙ୍କୁ ସମ୍ମାନିତ କରିବା ସହ ବ୍ରୋଞ୍ଜ ପଦକ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଉତ୍ତରପ୍ରଦେଶ ବିଧାୟକ ଶ୍ୟାମ ଘନୀ ଯୋଗଦେଇଥିଲେ। ମନୋଜ ଏବେ ହାପି ଲିଭିଂ ଫାଉଣ୍ଡେଶନର ଅଧ୍ୟକ୍ଷ ସହ ଏସିଆନ ଆଷ୍ଟ୍ରୋ କଂଗ୍ରେସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛନ୍ତି। ଏହି ସମ୍ମାନ ପାଇବା ପରେ ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୧୦ କେଜି ଗଞ୍ଜେଇ ଜବତ, ମହିଳା ଗିରଫ

ଭୁବନେଶ୍ୱର,୨୮।୬(ସୂର୍ଯ୍ୟକାନ୍ତ ବେହେରା)

କନ୍ଧମାଳରୁ ବସ୍ ଯୋଗେ ବେଆଇନ ଭାବେ ଗଞ୍ଜେଇ ସଂଗ୍ରହ କରି ଭୁବନେଶ୍ୱରକୁ ଆସି ସିଆର୍‌ପି ଛକରେ ଓହ୍ଲେଇଥିଲେ। ସେଠାରୁ ସାଲିଆ ସାହିକୁ ଚାଲାଣ କରିବା ପାଇଁ ଏକ ଅଟୋକୁ ଅପେକ୍ଷା କରିଥିବାବେଳେ ନୟାପଲ୍ଲୀ ଥାନା ପୋଲିସ ଖବର ପାଇ ସମ୍ପୃକ୍ତ ମହିଳା ନିଶାବେପାରୀଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ କନ୍ଧମାଳର ଲୀଲିମା ବାଗର୍ତ୍ତୀ(୩୫)। ତାଙ୍କଠାରୁ ୧୦.୨ କେଜି ଗଞ୍ଜେଇ ଜବତ ହୋଇଛି। ତେବେ ଜବତ ଗଞ୍ଜେଇର ମୂଲ୍ୟ ୧ଲକ୍ଷ ଟଙ୍କା ହେବ।

# ଅପରାଧୀ ମୁକାବିଲା ପାଇଁ ବିଭିନ୍ନ ବ୍ୟାଙ୍କରେ ମକ୍‌ଡ୍ରିଲ



ଭୁବନେଶ୍ୱର,୨୮।୬ (ସୂର୍ଯ୍ୟକାନ୍ତ ବେହେରା)

ଅନେକ ସମୟରେ ଅପରାଧୀମାନେ ବ୍ୟାଙ୍କକୁ ଟାର୍ଗେଟ କରି ଡକାୟତି କରିଥାନ୍ତି। କେହି କର୍ମଚାରୀ ବିରୋଧ କଲେ, ସେମାନେ ମାରଣାସ୍ତ୍ର କିମ୍ବା ବନ୍ଧୁକ ଦେଖାଇ ଭୟଭୀତ କରି ଲୁଟିଥାନ୍ତି। ବେଳେବେଳେ ଅପରାଧୀମାନେ ଗୁଳି କରି ଖସି ଯିବାକୁ ଉଦ୍ୟମ କରିଥାନ୍ତି। ତେବେ ଏଭଳି ଘଟଣାରେ ଅପରାଧୀଙ୍କୁ କିଭଳି ମୁକାବିଲ କରିହେବ ସେନେଇ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀ ଭୁବନେଶ୍ୱରର ୯ ଥାନା ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କରେ ମକଡ୍ରିଲ କରାଯାଇଥିଲା । ଯଦି ହଠାତ କୌଣସି ବ୍ୟାଙ୍କରେ କିଛି ବି ଅଘଟଣ ଘଟେ କିମ୍ବା ଡକାୟତି ଭଳି ବଡଧରଣର ଅପରାଧ ହୁଏ, ତେବେ ପୋଲିସର କାର୍ଯ୍ୟ କିପରି ହେବା ଦରକାର, ପୋଲିସ କେତେ ଶୀଘ୍ର ଘଟଣା ସ୍ଥଳରେ ପହଞ୍ଚିବା ଦରକାର, ଏହି ସମୟରେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀମାନେ କ'ଣ କରିବା ଉଚିତ ଓ ବ୍ୟାଙ୍କର ଆଲାର୍ମିଂ ସିଷ୍ଟମ କାମ କରୁଛି କି ନାହିଁ ପରଖିବା ସହ ସେ ବିଷୟରେ ପୋଲିସ ପକ୍ଷରୁ ଅଭ୍ୟାସ କରାଯାଇଥିଲା। ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ ମୁତାବକ ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ସହରାଞ୍ଚଳ ମଧ୍ୟରେ ଥିବା ୧୮ ଟି ବ୍ୟାଙ୍କରେ ମକ ଡ୍ରିଲ ହୋଇଥିଲା।

# ଏସ୍‌ସିବି ରକ୍ତଭଣ୍ଡାରରେ ରକ୍ତ ସଙ୍କଟ

■ଆବଶ୍ୟକ ଅନୁଯାୟୀ ରକ୍ତ ନାହିଁ

■ରକ୍ତଦାନ କମିବାରୁ ଉପୁଜିଛି ସମସ୍ୟା




କଟକ,୨୮।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି) ରକ୍ତ ଭଣ୍ଡାରରେ ରକ୍ତ ସଙ୍କଟ ଦେଖାଦେଇଛି। ରକ୍ତ ଭଣ୍ଡାରରେ ଆବଶ୍ୟକ ଅନୁଯାୟୀ ରକ୍ତ ନ ଥିବାରୁ ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି ରୋଗୀଙ୍କ ସମ୍ପର୍କୀୟ ଜରୁରିକାଳୀନ ପରିସ୍ଥିତିରେ ରକ୍ତ ପାଇଁ ରକ୍ତ ଭଣ୍ଡାରକୁ ଯାଇ ଦଲାଲଙ୍କ ହାବୁଡରେ ପଡୁଛନ୍ତି। ମେଡିକାଲରୁ ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ରକ୍ତ ଭଣ୍ଡାରରେ ପ୍ରତିଦିନ ବିନା ବଦଳରେ ୧୫୦ ଜଣଙ୍କୁ ରକ୍ତ ଦିଆଯାଉଛି। ସେମାନଙ୍କ ମଧ୍ୟରେ ୧୦୦ ଜଣ ଥାଲେସେମିଆ ରୋଗୀ ରହିଛନ୍ତି। ସେହିପରି ଅନ୍ୟ ୫୦ ଜଣଙ୍କ ମଧ୍ୟରେ କର୍କଟ, ବୋନ୍‌ମ୍ୟାରୋ, ଜଟିଳ ଅସ୍ତ୍ରୋପଚାର ଓ ଦୁର୍ଘଟଣାଗ୍ରସ୍ତ ରୋଗୀ ରହିଛନ୍ତି। ଏହାଛଡ଼ା ଅନ୍ୟ ରୋଗୀଙ୍କ ପାଇଁ ରକ୍ତଦାତା ରକ୍ତ ଦେଇ ଅଥବା ରକ୍ତ ବଦଳ କରି ରକ୍ତ ନେବାର ବ୍ୟବସ୍ଥା ରହିଛି। ପ୍ରତିଦିନ ଏସ୍‌ସିବି ମେଡିକାଲକୁ ହଜାର ହଜାର ରୋଗୀ ଆସୁଥିବାବେଳେ ଏବେ ରକ୍ତ ସଙ୍କଟ ମୁଖ୍ୟ ସମସ୍ୟା ପାଲଟିଛି।

ମଣିଷଙ୍କ ଭିତରେ ୯ ପ୍ରକାରର ରକ୍ତ ଗ୍ରୁପ୍ ରହିଥାଏ। ସେଥିମଧ୍ୟରେ ଓ-ପିଜିଟିଭ୍, ଓ-ନେଗେଟିଭ୍, ଏ-ପଜିଟିଭ୍, ଏ-ନେଗେଟିଭ୍, ବି-ପଜିଟିଭ୍, ବି-ନେଗେଟିଭ୍, ଏବି-ପଜିଟିଭ୍, ଏବି-ନେଗେଟିଭ୍ ଓ ବମ୍ବେ ଫେନୋ ଟାଇପ୍ ଗ୍ରୁପ୍ ରହିଛି। ବିଶେଷକରି ଓ-ନେଗେଟିଭ୍ ଏବଂ ଏବି-ନେଗେଟିଭ୍ ଗ୍ରୁପ୍‌ର ରକ୍ତ ସହଜରେ ମିଳି ନ ଥାଏ। ରେକର୍ଡ ଦେଖି ଆବଶ୍ୟକ ସମୟରେ ସେହି ଗ୍ରୁପ୍‌ର ବ୍ୟକ୍ତିଙ୍କୁ ଯୋଗାଯୋଗ କରି ରକ୍ତଦାନ ପାଇଁ ଡକାଯାଇଥାଏ। ଅପରପକ୍ଷରେ ସବୁଠୁ ଅଧିକ ବିରଳ ଭାବେ ବମ୍ବେ ଫେନୋ ଟାଇପ୍ ଗ୍ରୁପ୍‌କୁ ବିଚାର କରାଯାଏ। ଏସ୍‌ସିବି ରକ୍ତ ଭଣ୍ଡାରରେ ବର୍ଷକୁ ପ୍ରାୟ ୪୫ରୁ ୫୦ ହଜାର ୟୁନିଟ୍ ରକ୍ତ ଆବଶ୍ୟକ। ହେଲେ ରକ୍ତ ଭଣ୍ଡାରରେ ୩୦ରୁ ୩୫ ହଜାର ୟୁନିଟ୍ ରକ୍ତ ସଂଗ୍ରହ ହେଉଛି। ଏଠାରେ ସଂଗୃହୀତ ରକ୍ତ ମଧ୍ୟରୁ ୫୦ ପ୍ରତିଶତ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇଥାଏ। ବଳକା ରକ୍ତ ବଦଳ ଭାବେ ଆସୁଛି। ରାଜ୍ୟରେ ସବୁଠୁ ଅଧିକ କଟକରେ ରକ୍ତର ଆବଶ୍ୟକତା ପଡୁଥିବାବେଳେ ଏସ୍‌ସିବି ରକ୍ତ ଭଣ୍ଡାର ଏବେ ରକ୍ତ ଆବଶ୍ୟକତା ପୂରଣ କରିପାରୁନାହିଁ।

ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ମେଡିକାଲରେ ରକ୍ତ ସଙ୍କଟ ଦେଖାଦେଇଛି। ରକ୍ତଦାନ ବନ୍ଦ ହେବା ଏହାର କାରଣ ରହିଛି। କିଛି ମାସ ହେବ ରକ୍ତଦାନ ଶିବିର ଆବଶ୍ୟକ ଅନୁଯାୟୀ ହେଉନାହିଁ, ସେଥିପାଇଁ ଏଭଳି ସମସ୍ୟା ଉପୁଜିଛି। ପ୍ରତିଦିନ ମେଡିକାଲରେ ୧୫୦ ଜଣଙ୍କୁ ରକ୍ତ ଦିଆଯାଉଛି। ଏହାଛଡ଼ା ଅନ୍ୟ ରୋଗୀଙ୍କ ପାଇଁ ସମ୍ପର୍କୀୟ ରକ୍ତ ବଦଳାଇ ନେବା ବ୍ୟବସ୍ଥା ରହିଛି। ରକ୍ତଦାନ ଦ୍ୱାରା ଏଭଳି ସମସ୍ୟାର ସମାଧାନ ହୋଇପାରିବ। ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ, ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ଗଣମାଧ୍ୟମ ଜରିଆରେ ରାଉତ ଅନୁରୋଧ କରିଛନ୍ତି।

# ଶ୍ରୀକ୍ଷେତ୍ରରୁ ଅର୍କକ୍ଷେତ୍ରକୁ ଗଡ଼ିବ ଟ୍ରେନ୍

## ୩୨ କିମିର ରେଳପଥ ନିର୍ମାଣ ହେବ

■୨୧୮.୭୨ ହେକ୍ଟର ଜମି ଚିହ୍ନଟ ■ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କରାଯିବ



ଗୋପ,୨୮।୬ (ଭାରତୀ ଭୂଷଣ ଉପାଧ୍ୟାୟ)

ଶ୍ରୀକ୍ଷେତ୍ରରୁ ଅର୍କକ୍ଷେତ୍ରକୁ ଗଡ଼ିବ ଟ୍ରେନ। ଉପକୃତ ହେବେ ଜନସାଧାରଣ ଓ ପର୍ଯ୍ୟଟକ। କେନ୍ଦ୍ରରେ ତୃତୀୟ ଥର ପାଇଁ ଏନ୍‌ଡିଏ ସରକାର ଏବଂ ଓଡ଼ିଶାରେ ପ୍ରଥମ ଥର ଭାଜପା ସରକାର ଗଠନ ପରେ ପ୍ରତିଶ୍ରୁତି ଅନୁଯାୟୀ, ପ୍ରସ୍ତାବିତ ପୁରୀ-କୋଣାର୍କ ୩୨ କି.ମି. ରେଳପଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ରେଲୱେ ପକ୍ଷରୁ ପୁରୀର କୁମୁଟିପାଟଣାଠାରୁ କାଶୀହରିପୁର, ସମା, ଭାରତୀପୁର, ହରେକୃଷ୍ଣପୁର, ଆଳଙ୍ଗ, ନାଳିହଣା, ଛଇତନା, ଇତିଭୂଆଁ, ଇଞ୍ଚଳ, ବଡ଼ଗାଁ, ପୁଟୁପଡ଼ା, ତରୋକର, ସୁତନ, ବେରୁହଁ, ଅଚ୍ୟୁତପୁର, ଗୁଣ୍ଡି, ବାହାରଣା, ଜନ୍ତନା, ନୂଆଗାଁ ଆଦି ୩୭ଟି ଗାଁ ଦେଇ ଏହି ରେଳପଥ ସକାଶେ ମାର୍ଗ ପ୍ରସ୍ତୁତ କରାଯାଇଛି। ପୂର୍ବତଟ ରେଳପଥ, ଭୁବନେଶ୍ୱରର ଉପମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଏବଂ ହାଇଦ୍ରାବାଦର ଏରିଏଲ ଡାଟା ଆପ୍ଲିକେଶନ୍ସ ଓ ମ୍ୟାପିଙ୍ଗ ସର୍ଭିସେସ୍ ପକ୍ଷରୁ ଏହି ପ୍ରସ୍ତାବିତ ମାର୍ଗ ପ୍ରସ୍ତୁତ ହୋଇଛି। ଉପରୋକ୍ତ ୩୭ଟି ଗ୍ରାମର ୧୮୩.୩୨ ହେକ୍ଟର ବେସରକାରୀ ଓ ୩୫.୪୦ ହେକ୍ଟର ସରକାରୀ ଜମିକୁ ମିଶାଇ ମୋଟ ୨୧୮.୭୨ ହେକ୍ଟର ଜମି ଚିହ୍ନଟ କରାଯାଇଛି। ଖୁବଶୀଘ୍ର ଉକ୍ତ ଜମି ଅଧିଗ୍ରହଣ କରାଯାଇ ରେଲୱେକୁ ହସ୍ତାନ୍ତର କରାଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିବା ଗୋପ ତହସିଲଦାର ରଞ୍ଜନ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ସ୍ୱର୍ଣ୍ଣତ୍ରିଭୁଜ ମାନଚିତ୍ରରେ ସ୍ଥାନିତ ହେବ ପୁରୀ-କୋଣାର୍କ ରେଳମାର୍ଗ। ଏହି ରେଳମାର୍ଗ ନିର୍ମାଣ ଫଳରେ କୋଣାର୍କ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇପାରିବ। ଗତ ୨୦୨୧ ଅଗଷ୍ଟ ୧୯ରେ ଏ ନେଇ ରେଳମନ୍ତ୍ରୀ ପୁରୀରେ ପ୍ରଥମେ ଘୋଷଣା କରିଥିଲେ। ପରେ ପୁଣି ଚଳିତବର୍ଷ ପୁରୀ ଗସ୍ତ ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏନେଇ ବିଧିବଦ୍ଧ ଭାବେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଖୁବ୍‌ଶୀଘ୍ର ପୁରୀ-କୋଣାର୍କ ରେଳପଥ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତ ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ ଦେବା ସହ ୪୯୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସର୍ଭେ କରାଯାଇଥିବା ଅଞ୍ଚଳର ଜମି ଅଧିଗ୍ରହଣ କରି ହସ୍ତାନ୍ତର କରାଯିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ରେଳମନ୍ତ୍ରୀ କହିଥିଲେ। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱର୍ଣ୍ଣ ତ୍ରିଭୁଜ ଭାବେ ପରିଚିତ ପୁରୀ -କୋଣାର୍କ- ଭୁବନେଶ୍ୱରକୁ ରେଳପଥ ସଂଯୋଗୀକରଣ କରିବା ନିମନ୍ତେ ରେଳ ମନ୍ତ୍ରାଳୟ ପକ୍ଷରୁ ଏ ନେଇ ପ୍ରୟାସ ଜାରି ରହିଥିଲା। ରାଜ୍ୟ ପର୍ଯ୍ୟଟନ ଭିତ୍ତିଭୂମି ବିକାଶରେ ପୁରୀ-କୋଣାର୍କ ରେଳପଥ ପ୍ରକଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଥାଉ କି, ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରକୁ ଅନ୍ତର୍ଜାତୀୟସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ଏବଂ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ହାତକୁ ନିଆଯାଇ କାର୍ଯ୍ୟ ଚାଲିଛି। ଏହାକୁ ଆହୁରି ଗତିଶୀଳ କରିବା ନିମନ୍ତେ ତଥା କୋଣାର୍କ-ପୁରୀ ପର୍ଯ୍ୟଟନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ଓଡ଼ିଶାର ଆର୍ଥିକ ମାନଦଣ୍ଡକୁ ଅଧିକ ସୁଦୃଢ଼ କରିବା ପାଇଁ ଏହି ରେଳପଥ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଗତ ୨୦୨୦-୨୦୨୧ ଆର୍ଥିକ ବର୍ଷ ରେଳ ବଜେଟରେ ରାଜ୍ୟ ସରକାର ପୁରୀ-କୋଣାର୍କ ରେଳପଥ ନିର୍ମାଣ ନିମନ୍ତେ ତତ୍କାଳୀନ ରେଳମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସେହି ଦାବି ଏବେ ସଫଳ ରୂପରେଖ ନେବାକୁ ଯାଉଛି। ଏହା ରାଜ୍ୟବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ଏକ ଉପହାର ବୋଲି ସାଧାରଣରେ ଆଲୋଚନା ହେଉଛି।

### ଏମାନେ ଯାହା କହନ୍ତି....



"ପୁରୀ-କୋଣାର୍କ ରେଳପଥ ନିର୍ମାଣ ହେବାକୁ ଯାଉଥିବାରୁ ଆମ ସମସ୍ତଙ୍କ ପାଇଁ ଏହା ଗର୍ବର ବିଷୟ। ଏହା କେବଳ ଆମର ନୁହେଁ, ବରଂ ଆମ ସଂସ୍କୃତି, ପରମ୍ପରା ଏବଂ ଓଡ଼ିଆ ଅସ୍ମିତାର ଦାବି ଥିଲା। ଏହି ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ ଭିତ୍ତିଭୂମି ତଥା ଓଡ଼ିଶାର ବିକାଶ ହେବ। ରେଳପଥ ନିର୍ମାଣ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମ ସର୍ବଦା ପ୍ରଶଂସନୀୟ। ମୁଁ ନିଶ୍ଚିତ ଭାବେ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦେବି।

**- ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ**



"କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ନିର୍ଦ୍ଦେଶନାମା ଅନୁଯାୟୀ, ପୁରୀ ସଦର ତହସିଲ ଓ ଗୋପ ତହସିଲ ପକ୍ଷରୁ ୩୨ କିଲୋମିଟର ରେଳପଥ ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରାଯିବ। ୩୭ଟି ଗାଁ ଦେଇ ଏହି ରେଳପଥ ଯିବ।

**- ରଞ୍ଜନ କୁମାର ପରିଡ଼ା, ଗୋପ ତହସିଲଦାର**



"ପୁରୀ-କୋଣାର୍କ ରେଳପଥ ନିର୍ମାଣ ଆମମାନଙ୍କ ଲାଗି ସ୍ୱପ୍ନ ଥିଲା। କିନ୍ତୁ ଏହି ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି। ଏ ନେଇ ବାରମ୍ବାର ଦାବିକରି ଆସୁଥିବା ବ୍ୟକ୍ତିବିଶେଷ ଓ ଏହାକୁ ଚୂଡ଼ାନ୍ତ ରୂପରେଖ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଉଛି। ମୋ ପଞ୍ଚାୟତରେ ରେଳ ଷ୍ଟେଶନ ହେବାକୁ ଥିବାରୁ ମୁଁ ଗର୍ବିତ।

**-ବିଶ୍ୱଜିତ ସ୍ୱାଇଁ, ଶିମିଳି ସରପଞ୍ଚ, ଗୋପ ବ୍ଲକ**

### ରଥଖଳାରୁ...

## ଖପୁରି, ପାରାଭାଡ଼ି ସମେତ ପୋଟଳ ସେଟିଂ ଶେଷ



ରଥରେ ଗଜବିଡାଳ ଲଗାଯାଉଛି ।

ପୁରୀ,୨୮।୬(ଅଜିତ କୁମାର ମହାନ୍ତି)

ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥରେ ଖପୁରି ଓ ପାରାଭାଡ଼ି ସମେତ ୧୩ ପରସ୍ତ ପୋଟଳ ସେଟିଂ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ତିନୋଟି ଯାକ ରଥର ଦୁଇଟି ଲେଖାଏ ଦୁଆରବେଢ଼ା ନିର୍ମାଣ ସରିଛି। ୫ଟି ଲେଖାଏ ଗୁଣ୍ଡି ତିଆରି ଶେଷ ହୋଇଛି। (ଏହି ଗଣ୍ଡି ରଥ ସମ୍ମୁଖ ଭାଗରେ ସେଟିଂ ହୋଇଥିବା ଚାରପରିଛାକୁ ମୁଣ୍ଡାଇ ରଖି ସୁରକ୍ଷା ଦେଇଥାଏ, ଏହା ଦଣ୍ଡାମୁହାଁଟିରେ ଫିଟିଂ ହୋଇ ଚାରପରିଛା ସହ ସଂଯୋଗ ହୋଇଥାଏ)। ବେଦି ପଛଭାଗ ତାଗରେ ପାରୁସପଟା ବାଡ଼ିଆ ଶେଷ ହୋଇ ରଥ ପାର୍ଶ୍ୱ ଭାଗରେ ପଟା ପଡ଼ିବା ଜାରି ରହିଛି। ତିନି ରଥ କଳସରେ ପାଖୁଡ଼ା ସଂଯୋଗ ସରି ସିଲଭର ପାତ ଫିଟିଂ ବାକି ଅଛି। ରୂପକାର ସେବକମାନେ ଖୋଦେଇ ଶେଷ କରିଥିବା ନାଟଗୋଡ଼ରେ ରଙ୍ଗ ପାଇଁ ଚିତ୍ରକାର ସେବକଙ୍କୁ ଯୋଗାଇବା ସହ ଶେଷ ଦୁଇଟି ଲେଖାଏ ନାଟଗୋଡ଼ରେ ଖୋଦେଇ ରୂପର ପଲିସ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ରଥର କୋଣଗୁଜ, ପଟାଗୁଜରେ ରଙ୍ଗ ସହ ନାଟଗୋଡ଼ରେ ପ୍ରାଇମର ଦେବା ପରେ ରୂପଗୁଡ଼ିକର ରଙ୍ଗ କାର୍ଯ୍ୟ କରୁଛନ୍ତି। ଏଥିସହ ରଥ ପାର୍ଶ୍ୱ ଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ ରଥ ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜି ସେବକମାନେ ତିନି ରଥର ବତାକନାରେ ଲେସ୍ ଫିଟିଂ ସହ ଦ୍ୱାରବେଢ଼ା ଏବଂ ଚନ୍ଦ୍ରାଶାଳି ପାଇଁ କନା କଟିଂ ଶେଷକରି ସେଥିରେ ସିଲଭର ଲେସ୍ ଷ୍ଟିଚିଂ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ କଳସ କଣ୍ଟା, ଦୁଆର ବେଢ଼ା ପାଇଁ କଣ୍ଟା ଏବଂ ତିନି ରଥର ୧୦ଟି ଲେଖାଏ ଗଣ୍ଡିକଣ୍ଟା ନିର୍ମାଣରେ ବ୍ୟସ୍ତ ରହିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୬।୨୦୨୪

| | |
|---|---|
| ୮୮,୩୨୩ ଟଙ୍କା | |
| ସୁନା | ୬.୦୫୦ ଗ୍ରାମ୍ |
| ରୁପା | ୫.୮୫୦ ଗ୍ରାମ୍ |





ମହାପ୍ରଭୁଙ୍କ ପାଇଁ ଦେଉଳିମଠରୁ ଶ୍ରୀକ୍ଷେତ୍ରକୁ ଫଳଭାର ପଠାଯାଉଛି ।

## ଦେଉଳି ମଠରୁ ଶ୍ରୀକ୍ଷେତ୍ର ଗଲା ଅଣସର ଫଳଭାର

କାକଟପୁର/ଅସ୍ତରଙ୍ଗ,୨୮।୬ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

ମହାପ୍ରଭୁଙ୍କ ଅନ୍ତୁଡ଼ିଶାଳ କାକଟପୁରର ଦେଉଳି ମଠରୁ ଶଗଡ଼ରେ ଶ୍ରୀଜୀଉଙ୍କ ପାଇଁ ଫଳ, ତୁଳସୀ, ପଦ୍ମଫୁଲ ଆଦି ଗୁରୁବାର ଶ୍ରୀକ୍ଷେତ୍ରକୁ ପଠାଯାଇଛି। ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଜଗନ୍ନାଥ ମାନବୀୟ ଲୀଳା ରଚିଥାନ୍ତି। ୧୦୮ କଳସ ଜଳରେ ସ୍ନାନକରି ଜ୍ୱରରେ ପଡ଼ିବା ପରେ ସେଥିରୁ ଉପଶମ ପାଇଁ ଶ୍ରୀଜୀଉଙ୍କ ପାଖରେ ଫଳମୂଳ ସହ ବିଭିନ୍ନ ପ୍ରକାର ପଥି ଲାଗି ହୋଇଥାଏ। ଦେଉଳି ମଠରୁ ପାରମ୍ପରିକ ଭାବେ ପ୍ରାଚୀ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ଫଳ, ତୁଳସୀ ଓ ପଦ୍ମଫୁଲ ଭାର ପୁରୀ ପଠାଯାଇଛି। କାକଟପୁର, ଅସ୍ତରଙ୍ଗ, ନୟାହାଟ, କୋଣାର୍କ ଅଞ୍ଚଳର ଭକ୍ତମାନେ ନିଜ ବାଡ଼ିର ଆମ୍ବ, ପଣସ, ନଡ଼ିଆ, କଦଳୀ, ପିଜୁଳି, ଖଜୁରି ଭଳି ବିଭିନ୍ନ ପ୍ରକାର ଫଳ, ତୁଳସୀ ଓ ପଦ୍ମଫୁଲ ପଠାଇଛନ୍ତି। ଏହି ଦେଉଳି ମଠ ଜଗନ୍ନାଥ ମହାପ୍ରଭୁଙ୍କ ଆଦ୍ୟ ଲୀଳାସ୍ଥଳ ବା ଅନ୍ତୁଡ଼ିଶାଳ ବୋଲି କୁହାଯାଏ। ନବକଳେବର ସମୟରେ ମହାପ୍ରଭୁଙ୍କ ଦାରୁ ଅନ୍ୱେଷଣରେ ଯିବା ପୂର୍ବରୁ ଦଇତାପତି ଏହି ମଠକୁ ଆସିଥାନ୍ତି। ଜଗନ୍ନାଥ ସଂସ୍କୃତି ସହ ଦେଉଳି ମଠର ସିଧାସଳଖ ସମ୍ପର୍କ ରହିଛି। ଏହି ପଦଯାତ୍ରାରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ସମ୍ପାଦକ କାଳୀ ପ୍ରସାଦ ସ୍ୱାଇଁଙ୍କ ସହ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ ଶଗଡ଼ରେ ଅଣସର ଫଳଭାର ନେଇ ଯାଇଥିଲେ।

## ଗାଡ଼ିରୁ ବ୍ୟାଟେରି ଚୋରି, ପୋଲିସ ପାଉନି ଟେର୍

ଯୋଗେଶ୍ୱରପୁର,୨୮।୬(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଧୂମାଲ ଗ୍ରାମର ବାବାଜୀ ସାହୁଙ୍କ ଟ୍ରାକ୍ଟରରୁ ଗୁରୁବାର ବିଳମ୍ବିତ ରାତ୍ରରେ ବ୍ୟାଟେରି ଚୋରି ହୋଇଥିବା ନେଇ ଶୁକ୍ରବାର ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଗତ ୨ ମାସ ପୂର୍ବରୁ ସାହୁଙ୍କ ଟ୍ରାକ୍ଟରରୁ ୨ଟି ବ୍ୟାଟେରି ଚୋରି ହୋଇଥିଲା, ଯାହାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହୋଇଥିବାବେଳେ ପୋଲିସ ଅଦ୍ୟାବଧି କାହାକୁ ଗିରଫ କରିବାରେ ସଫଳ ହୋଇପାରିନାହିଁ। ନୟାହାଟ ଅଞ୍ଚଳରେ ୪ ମାସ ମଧ୍ୟରେ ୧୪ଟି ଚୋରି ଘଟଣାରେ ପୋଲିସ କାହାକୁ ଗିରଫ କରିବାରେ ସଫଳ ହୋଇନାହିଁ। ଏଠାରେ ପାଟ୍ରୋଲିଂ କଡାକଡ଼ି ହେଉ ନ ଥିବାରୁ ନୟାହାଟ ବ୍ୟବସାୟୀ ସଂଘ ପକ୍ଷରୁ ଅଭିଯୋଗ ହେଇଛି। ଏ ଦିଗରେ ନିମାପଡ଼ା ଡିଏସ୍‌ପି ପ୍ରଭାତ କୁମାର ମଲ୍ଲିକଙ୍କୁ ବିଶେଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ବିନା କାଗଜପତ୍ରରେ ଚାଲିଛି ଗାଡ଼ି

ଯୋଗେଶ୍ୱରପୁର,୨୮।୬(ରଶ୍ମିରଞ୍ଜନ ସାହୁ)

ସରକାରଙ୍କ ନିୟମ ଅନୁସାରେ ୧୫ରୁ ୨୦ ବର୍ଷର ଗାଡ଼ି ରାସ୍ତାରେ ଚାଲିବାର ନିୟମ ନ ଥିବାବେଳେ ନୟାହାଟ ଅଞ୍ଚଳରେ ଏସବୁକୁ ବେଖାତିର କରି ବିନା କାଗଜପତ୍ରରେ ବହୁ ଗାଡ଼ି ଚାଲିଛି। ପ୍ରକାଶ ଯେ, ନୟାହାଟ ଓ ତା'ର ଆଖପାଖ ଅଞ୍ଚଳରେ ୨ ଚକିଆ ଗାଡ଼ି ବେଆଇନ୍ ଭାବେ ଚାଲିଥିବାବେଳେ ଟ୍ରାକ୍ଟର, ଟ୍ରକ୍‌ର ଫିଟ୍‌ନେସ୍, ଇନ୍ସୁରାନ୍ସ ଓ ଡ୍ରାଇଭିଂ ଲାଇସେନ୍ସ ନ ଥାଇ ବେଆଇନ ଭାବେ ଚଳାଚଳ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ବାଇକ୍ ସଂଖ୍ୟା ଦ୍ରୁତଗତିରେ ବଢ଼ିବା ସହ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନ ଥିବା ଓ ୧୮ ବର୍ଷରୁ କମ୍ ବୟସର ପିଲା ଦ୍ରୁତଗତିରେ ଗାଡ଼ି ଚଳାଇବା ଦ୍ୱାରା ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଟ୍ରାକ୍ଟରର କାଗଜପତ୍ର ନ ଥାଇ ବେଆଇନ ଭାବେ ମାଟି ଓ ବାଲି ବୋହୁଥିବାବେଳେ ଏମାନଙ୍କ ଉପରେ ତହସିଲ ପ୍ରଶାସନ ପକ୍ଷରୁ ଧରପଗଡ଼ କରାଯାଉନାହିଁ। ଫଳରେ ନୟାହାଟ ଅଞ୍ଚଳରେ ବେଆଇନ ଗାଡ଼ି ସଂଖ୍ୟା ବୃଦ୍ଧି ପାଉଛି।

## ବକ୍ରପାଦ ଚିକିତ୍ସା, ସଚେତନତା ମାସ ପାଳନ

ପୁରୀ, ୨୮।୬(ଅଜିତ୍ କୁମାର ମହାନ୍ତି)

ଜାତୀୟ ସ୍ୱାସ୍ଥ୍ୟମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର.ବି.ଏସ୍.କେ) ଆନୁକୂଲ୍ୟରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ଡି.ଇ.ଆଇ.ସିରେ ଶୁକ୍ରବାର ବକ୍ରପାଦ ଚିକିତ୍ସା ଓ ସଚେତନତା ମାସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରିଣୀ (ପରିବାର କଲ୍ୟାଣ) ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡା. ଜିତେନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ବକ୍ରପାଦ ଏକ ଜନ୍ମଗତ ତ୍ରୁଟି। ଏହାକୁ ଶୈଶବ ଅବସ୍ଥାରୁ ଯେତେଶୀଘ୍ର ସମ୍ଭବ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା କରାଇବା ଦ୍ୱାରା ଶିଶୁକୁ ସୁସ୍ଥ ଏବଂ ଭିନକ୍ଷମତାରୁ ରକ୍ଷାକରିହେବ। ଜିଲା ସମାଜ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା ଯୋଗଦେଇ କହିଥିଲେ, ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯିବ। ଜିଲା ସମାଜ କଲ୍ୟାଣ ଅଧିକାରିଣୀ ଶର୍ମିଷ୍ଠା ହୋତା ଅଙ୍ଗନୱାଡ଼ି କେନ୍ଦ୍ର ସ୍ତରରେ ଜନ୍ମଗତ ତ୍ରୁଟି ବିକାର ସମ୍ବନ୍ଧୀୟ ସମସ୍ତ ପ୍ରକାର ସମସ୍ୟାର ସଚେତନତାକୁ ପ୍ରସାର କରାଯିବ ବୋଲି କହିଥିଲେ। ଆର୍ ବିଏସ୍‌କେ ମାଧ୍ୟମରେ ନିୟୁ ବ୍ରନ୍ ସ୍କିନିଂ ଓ ୬ ମାସ ରୁ ୧୮ ବର୍ଷ ପର୍ଯ୍ୟନ୍ତ ସ୍କିନିଂରୁ ଚିହ୍ନଟ ହୋଇଥିବା ୩୦ ପିଲାଙ୍କୁ ଡାକ୍ତର ଜିତେନ୍ଦ୍ର ଷଡ଼ଙ୍ଗୀ ପରୀକ୍ଷା କରି ସେଥିମଧ୍ୟରୁ ୬ ଜଣଙ୍କୁ ଅସ୍ତ୍ରୋପଚାର ୪ ଜଣଙ୍କୁ ସେରିଆଲ ପ୍ଲାଷ୍ଟର ୪ ଜଣଙ୍କୁ ସିଟିଇଭି ସୋ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କୁ ଡି. ଇ. ଆଇ. ସି ରେ ଭୌତିକ ଚିକିତ୍ସା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଆର.ବି.ଏସ.କେ ମ୍ୟାନେଜ୍‌ର ପ୍ରଶାନ୍ତ ପରିଜା, ଡି.ଇ. ଆଇ.ସିର ଡାକ୍ତର ଜେ. କେ. ଉପାଧ୍ୟାୟ, ଡା. ଶୈଳବାଳା ଦାସ, ପ୍ରିୟଦର୍ଶିନୀ ମହାନ୍ତି, ଦେବସ୍ମିତା ପତି ପ୍ରମୁଖ ପରିଚାଳନା କରିଥିଲେ ।

## ଆଇନ ସଚେତନତା ଶିବିର

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ରାହାଙ୍ଗମାଳା ପଞ୍ଚାୟତରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପ୍ରାଧିକରଣ ସଚିବ ଅମିତ କୁମାର ବାରିକ ଉଦ୍‌ଘାଟନ କରିଥିଲେ। ପ୍ରବାସୀ ଶ୍ରମିକମାନେ ଆଇନ ସମ୍ପର୍କିତ ସହାୟତାରୁ କିଭଳି ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦେବା ସହ ଆଇନ ସେବା ପ୍ରାଧିକରଣ ଅଧିନିୟମ-୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ପ୍ରଭୃତି ବିଷୟରେ ଅବଗତ କରାଇଥିଲେ। ଟୋଲ୍ ଫ୍ରି ନମ୍ବର ୧୫୧୦୦ ମାଧ୍ୟମରେ ନିଜ ସମସ୍ୟାର ପରାମର୍ଶ ଓ ମାଗଣା ଆଇନସେବା ସହାୟତା ପାଇପାରିବେ ବୋଲି ସେ କହିଥିଲେ। ଶ୍ରମ ଅଧିକାରୀ ଚୌଧୁରୀ ସୁବ୍ରତ କୁମାର ଜେନା, ରାହାଙ୍ଗମାଳା ସରପଞ୍ଚ ଭାରତୀ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଆଇନ ସେବାର ଉପଯୋଗିତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।



ଜ୍ୱରରେ ପୀଡିତ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଥିବା ସରପ୍ରସାଦ ପଣାକୁ ଭକ୍ତଙ୍କୁ ବଣ୍ଟନ ପାଇଁ ଦଇତା ସେବକ ପ୍ରସ୍ତୁତ କରୁଛନ୍ତି ।

## ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ୪ର୍ଥ ବାର୍ଷିକୋତ୍ସବ

ନିମାପଡ଼ା,୨୮।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଚଅଁରପଦା ଛକ ନିକଟରେ ଥିବା ପତିତପାବନ ସଂଘ ପରିସରରେ ପ୍ରଭୁ ଶ୍ରୀଶ୍ରୀ ପତିତପାବନ ଦେବଙ୍କ ୪ର୍ଥ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃକାଳରେ ଠାକୁରଙ୍କ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ସିଂହାସନ ଆରୋହଣ ଓ ପୂଜା ଯଥାବିଧି ଭାବେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିବାବେଳେ ମନ୍ଦିର ପ୍ରାଙ୍ଗଣରେ ଗୀତାଯଜ୍ଞ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ବହୁ ସନ୍ଥ, ପଣ୍ଡିତ, ସ୍ଥାନୀୟ ବହୁ ଶିକ୍ଷାବିତ୍ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଠାକୁରଙ୍କ ଦର୍ଶନ ନିମନ୍ତେ ସଂଘ ପରିସରରେ ଥିବା ପ୍ରଭୁ ଶ୍ରୀଶ୍ରୀ ପତିତପାବନ ଦେବଙ୍କ ମନ୍ଦିରରେ ଠାକୁରଙ୍କ ଦର୍ଶନ ନିମନ୍ତେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେବାସଂଘ ସମ୍ପାଦକ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଶୀବପ୍ରସାଦ ସାବୁତ୍, ଇଶ୍ୱର ପ୍ରସାଦ ସାବୁତ୍ ପ୍ରମୁଖ ଏହି ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ। ଉତ୍ସବରେ ବହୁ ମହିଳାଙ୍କ ସମାଗମ ହୋଇଥିଲା।



ଶ୍ରୀ ଶ୍ରୀ ପତିତପାବନ ଦେବ ।

## ଅଘୋଷିତ ବିଦ୍ୟୁତ୍ କାଟ୍, ଭୋଲ୍‌ଟେଜ୍ ସମସ୍ୟାରେ ଲୋକେ ଅତିଷ୍ଠ

କୋଣାର୍କ,୨୮।୬(ଜ୍ୟୋତିରାଜ ମହାନ୍ତି)

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ଟିପିସିଓଡିଏଲ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ବୈଷୟିକ କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲି, ମନମାନି ଓ ଗ୍ରାହକମାରଣ ନୀତି ଯୋଗୁ କୋଣାର୍କରେ ଅଘୋଷିତ ବିଦ୍ୟୁତ୍ କାଟ ସାଧାରଣ ଜନଜୀବନ ପ୍ରଭାବିତ କରୁଛି। ଏଥିସହ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଘୋର ଅନ୍ତରାୟ ସୃଷ୍ଟି କରିବା ନେଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପକ୍ଷରୁ ଅଭିଯୋଗ ହେଉଛି।

ଖବରରୁ ପ୍ରକାଶ, କୋଣାର୍କ ଅଞ୍ଚଳରେ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ଦାୟିତ୍ୱହୀନତା ନୀତି ଯୋଗୁ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ଜନସାଧାରଣ ଗ୍ରୀଷ୍ମପ୍ରବାହଜନିତ ସମସ୍ୟାରେ ଅସ୍ତବ୍ୟସ୍ତ ହୋଇପଡୁଥିବା ଦେଖିବାକୁ ମିଳୁଛି। ଗତ ଗୁରୁବାର କୋଣାର୍କରେ ଭୂତଳ ଲାଇନ୍ ବିଭ୍ରାନ୍ତ ଯୋଗୁ ରାତ୍ର ୯ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରାୟ ୨ ଘଣ୍ଟା ଧରି କୋଣାର୍କ ଥାନା ଛକ, ମାଧିପୁର ଛକ ଓ କୋଣାର୍କ ମେଡିକାଲ ଛକ, ସିମିଳି ଗ୍ରାମପଞ୍ଚାୟତର ଜନସାଧାରଣ ଅଘୋଷିତ ବିଦ୍ୟୁତ୍ କାଟ ଓ ଭୋଲ୍‌ଟେଜ୍ ସମାସ୍ୟା ଯୋଗୁ ଗ୍ରୀଷ୍ମପ୍ରବାହ ସମସ୍ୟାରେ ଛଟପଟ ହୋଇଥିବା ଉପଭୋକ୍ତାଙ୍କ ପକ୍ଷରୁ ଅଭିଯୋଗ ହୋଇଛି। କୋଣାର୍କ ଟିପିସିଓଡିଏଲ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଣକୁଶଳୀ, ଅନଭିଜ୍ଞ କର୍ମଚାରୀ ଓ ବୈଷୟିକ କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲି ଓ ଦାୟିତ୍ୱହୀନତା ନୀତି ଯୋଗୁ ଦୈନିକ ଘଣ୍ଟାରୁ ୨ ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଛି। ଏଥିସହ ଗୋଟିଏ ମାସରେ ଏକାଧିକ ସମୟ ଧରି ଭୂତଳ ଲାଇନ୍ ସମସ୍ୟା ଯୋଗୁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହେବା ସହ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଘୋର ଅନ୍ତରାୟ ସୃଷ୍ଟି କରୁଛି। ଗୁରୁବାର ଅପରାହ୍ନରେ ପୁରୀରୁ ଭୂତଳ କେବୁଲ ଟେଷ୍ଟ ଭ୍ୟାନ ପହଞ୍ଚି କୋଣାର୍କ ମେଡିକାଲ ଛକଠାରୁ ଥାନାଛକ ପର୍ଯ୍ୟନ୍ତ ୧୧୫ ମିଟର କେବୁଲ ଖରାପ ଥିବା ଦେଖିବାକୁ ପାଇଥିଲା। କୋଣାର୍କ ଟିପିସିଓଡିଏଲ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ବୈଷୟିକ କନିଷ୍ଠ ଯନ୍ତ୍ରୀଙ୍କ ଗ୍ରାହକଙ୍କୁ ଦୁର୍ବ୍ୟବହାର, ଖାମଖିଆଲି ମନୋଭାବ ଓ ଗ୍ରାହକ ମାରଣ ନୀତି ଯୋଗୁ କୋଣାର୍କରେ ଲୋକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ କୋଣାର୍କ ଟିପିସିଓଡିଏଲ୍‌ରେ କାର୍ଯ୍ୟରତ ବୈଷୟିକ କନିଷ୍ଠ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳି କରାଯାଉ। ନ ହେଲେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ପୂର୍ବତନ କାଉନସିଲର ପ୍ରତାପ ଗୋଛାୟତ, ବାନାମ୍ବର ବେହେରା, ବ୍ରଜବନ୍ଧୁ ପାତ୍ର, ଶ୍ରୀଧର ସାହୁ, ଊର୍ମିଳା ଖୁଣ୍ଟିଆ ଓ ନବକିଶୋର ମଲ୍ଲିକ ପ୍ରମୁଖ ପ୍ରକାଶ କରିଛନ୍ତି।

### ବୈଷୟିକ କନିଷ୍ଠ ଯନ୍ତ୍ରୀଙ୍କୁ ବଦଳି ଦାବି

## ସଂକ୍ଷେପରେ

### ଖପୁରି, ପାରାଭାଡ଼ି ସମେତ ପୋଟଳ ସେଟିଂ ଶେଷ

**ପୁରୀ,୨୮।୬(ଅଜିତ କୁମାର ମହାନ୍ତି):** ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥରେ ଖପୁରି ଓ ପାରାଭାଡ଼ି ସମେତ ୧୩ ପରସ୍ତ ପୋଟଳ ସେଟିଂ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ତିନୋଟି ଯାକ ରଥର ଦୁଇଟି ଲେଖାଏ ଦୁଆରବେଢ଼ା ନିର୍ମାଣ ସରିଛି। ୫ଟି ଲେଖାଏ ଗୁଣ୍ଠି ତିଆରି ଶେଷ ହୋଇଛି। (ଏହି ଗଣ୍ଠି ରଥ ସମ୍ମୁଖ ଭାଗରେ ସେଟିଂ ହୋଇଥିବା ଚାରପରିଛାକୁ ମୁଣ୍ଡାଇ ରଖି ସୁରକ୍ଷା ଦେଇଥାଏ, ଏହା ଦଣ୍ଡାମୁହାଁଟିରେ ଫିଟିଂ ହୋଇ ଚାରପରିଛା ସହ ସଂଯୋଗ ହୋଇଥାଏ)। ବେଦି ପଛଭାଗ ତାଗରେ ପାରୁସପଟା ବାଡ଼ିଆ ଶେଷ ହୋଇ ରଥ ପାର୍ଶ୍ୱ ଭାଗରେ ପଟା ପଡ଼ିବା ଜାରି ରହିଛି। ତିନି ରଥ କଳସରେ ପାଖୁଡ଼ା ସଂଯୋଗ ସରି ସିଲଭର ପାତ ଫିଟିଂ ବାକି ଅଛି। ରୂପକାର ସେବକମାନେ ଖୋଦେଇ ଶେଷ କରିଥିବା ନାଟଗୋଡ଼ରେ ରଙ୍ଗ ପାଇଁ ଚିତ୍ରକାର ସେବକଙ୍କୁ ଯୋଗାଇବା ସହ ଶେଷ ଦୁଇଟି ଲେଖାଏ ନାଟଗୋଡ଼ରେ ଖୋଦେଇ ରୂପର ପଲିସ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ରଥର କୋଣଗୁଜ, ପଟାଗୁଜରେ ରଙ୍ଗ ସହ ନାଟଗୋଡ଼ରେ ପ୍ରାଇମର ଦେବା ପରେ ରୂପଗୁଡ଼ିକର ରଙ୍ଗ କାର୍ଯ୍ୟ କରୁଛନ୍ତି। ଏଥିସହ ରଥ ପାର୍ଶ୍ୱ ଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ ରଥ ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜି ସେବକମାନେ ତିନି ରଥର ବତାକନାରେ ଲେସ୍ ଫିଟିଂ ସହ ଦ୍ୱାରବେଢ଼ା ଏବଂ ଚନ୍ଦ୍ରାଶାଳି ପାଇଁ କନା କଟିଂ ଶେଷକରି ସେଥିରେ ସିଲଭର ଲେସ୍ ଷ୍ଟିଚିଂ କାର୍ଯ୍ୟ ଜାରି ରଖିଛନ୍ତି।

### ୧୫୦ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର,୨୮।୬(ସୂର୍ଯ୍ୟକାନ୍ତ ବେହେରା):** ବ୍ରାଉନସୁଗାର କାରବାରରେ ସଂପୃକ୍ତ ଥିବା ୨ ଯୁବକଙ୍କୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ଭୁବନେଶ୍ୱରରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଲେଶ୍ୱର ସହଦେବ ଖୁଣ୍ଟା ଥାନା ଅଞ୍ଚଳର ସେକ୍ ଚନ୍ଦା(୧୯) ଓ ରାମ ଶୋରେନ (୨୪)। ଉଭୟଙ୍କଠାରୁ ୧୫୦ ଗ୍ରାମ ବ୍ରାଉନସୁଗାର ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଦ୍ୱୟ ବାଇକ ଯୋଗେ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ପୋଖରୀପୁଟ ପାଖରେ ରହୁଥିବା ଜଣେ ମହିଳାଙ୍କୁ ଦେବା ପାଇଁ ଛିଡ଼ା ହୋଇଥିବାବେଳେ ଖବର ପାଇ ସ୍ପେଶାଲ କ୍ରାଇମ ୟୁନିଟ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ହେଲେ ପୋଲିସକୁ ଦେଖି ମହିଳା ଜଣକ ସେଠାକୁ ନ ଆସି ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଥିବା କହିଛି।

### ବିଧାୟକ ଦଳବେହେରାଙ୍କୁ ସମ୍ବର୍ଦ୍ଧନା

**ନରସିଂହପୁର, ୨୮।୬ (ନିରଞ୍ଜନ ଦେବକୁମାର):** ବଡ଼ମ୍ବା-ନରସିଂହପୁରର ନବନିର୍ବାଚିତ ସ୍ୱାଧୀନ ବିଧାୟକ ବିଜୟ କୁମାର ଦଳବେହେରାଙ୍କୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଜୟ ପ୍ରଥମେ ନରସିଂହପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଦର୍ଶନ କରିଥିଲେ। ଏହାପରେ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ବ୍ଲକ ସଭାଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଡିଓ ନୀଳମାଧବ ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋରଚନ୍ଦ୍ର ମିଶ୍ର ଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ବିଜୟ ବିଡିଙ୍କ କାର୍ଯ୍ୟାଳୟକୁ ଯାଇ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳରୁ ଲୋକେ ଯେପରି ବଞ୍ଚିତ ନ ହେବେ ସେନେଇ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ନରସିଂହପୁରର ସର୍ବ ପୁରାତନ ସାମ୍ବାଦିକ ସଂଘ ନରସିଂହପୁର ପ୍ରେସ କ୍ଲବକୁ ବିଜୟଙ୍କୁ ନିମନ୍ତ୍ରଣ କରାଯାଇ ସେଠାରେ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରେସ କ୍ଲବ ସଭାପତି ସ୍ୱପ୍ନେଶ୍ୱର ମହାଳିକ, ସମ୍ପାଦକ ସନ୍ତୋଷ, ପ୍ରଦୀପ ବାରିକ, କୋଷାଧ୍ୟକ୍ଷ ମୋହନ ପ୍ରଧାନ ଓ ସଭ୍ୟ ଅଜୟ କୁମାର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ନଦୀ, କେନାଲ ବନ୍ଧ ମରାମତିକୁ ଗୁରୁତ୍ୱ

**ସାଲେପୁର ପଞ୍ଚାୟତ ସମିତିର ଅଷ୍ଟମ ଅଧିବେଶନ**

- ଚାଷ ଜମିରେ ଜଳସେଚନ, ପ୍ରାଣୀଧନର ଚିକିତ୍ସା ସମ୍ପର୍କରେ ଆଲୋଚନା
- ବୃଦ୍ଧା, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କ ପାଇଁ ଅଭ୍ୟର୍ଥନା କକ୍ଷ ନିର୍ମାଣ ପାଇଁ ପ୍ରସ୍ତାବ



ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିମାନେ।

**ସାଲେପୁର,୨୮।୬(ଅରବିନ୍ଦ ଭୂୟାଁ)**

ସାଲେପୁର ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସାଲେପୁରରେ ବିକାଶଧାରାକୁ ସେ ଜାରି ରଖିବେ ବୋଲି ପ୍ରକାଶ କରିଥିଲେ। ସମସ୍ତ ଲୋକପ୍ରତିନିଧି, ବ୍ଲକ୍ କର୍ମଚାରୀମାନେ ମିଳିମିଶି କାର୍ଯ୍ୟ କଲେ ଲୋକମାନେ ସୁବିଧାରେ କାମ ପାଇପାରିବେ ବୋଲି ସେ କହିଥିଲେ। ବର୍ଷାଦିନ ଥିବାରୁ ନଦୀ ଓ କେନାଲବନ୍ଧ ମରାମତି, ଚାଷ ଜମିରେ ଜଳସେଚନ, ବର୍ଷାଦିନେ କିପରି ପ୍ରାଣୀଧନଙ୍କ ଚିକିତ୍ସା କରାଯିବ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ସମସ୍ୟା, ଉଦ୍ୟାନ କୃଷି ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ଏମ୍‌ଜିଏନ୍‌ଆରଇଜିଏସ୍‌ରେ କିଭଳି ପଞ୍ଚାୟତଗୁଡ଼ିକରେ କାର୍ଯ୍ୟ କରାଯିବ, ସେ ଉପରେ ଗୁରୁତ୍ୱାରୋପ ହୋଇଥିଲା। ସେହିପରି ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ପାନୀୟ ଜଳ ପରିମଳ ସମେତ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକୁ କିଭଳି ଲୋକମାନଙ୍କ ନିକଟରେ ପହଞ୍ଚାଯାଇପାରିବ, ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ମଧ୍ୟକଚ୍ଛ ପଞ୍ଚାୟତର ସରପଞ୍ଚ ସରକାରୀ ଯୋଜନା ଧିମା ଗତିରେ କାର୍ଯ୍ୟକାରୀ ହେଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପଞ୍ଚାୟତ ସମିତିକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ବୃଦ୍ଧା, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କ ପାଇଁ ଅଭ୍ୟର୍ଥନା କକ୍ଷ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି କେନାଲରେ ପାଣି ଆସିବା ପୂର୍ବରୁ କାଢ଼ା କେନାଲଗୁଡ଼ିକୁ ଜଳସେଚନ ବିଭାଗ ପକ୍ଷରୁ ସଫେଇ କରାଯାଇ କିଭଳି ଚାଷ ଜମିରେ ଜଳସେଚନ କରାଯିବ ସେ ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ ପଞ୍ଚାୟତର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ପଞ୍ଚାୟତ ପ୍ରତିନିଧିମାନେ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର, ତହସିଲଦାର ଜୟନ୍ତ କୁମାର ଜୟସିଂ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ରାଉତ, ସିଡିପିଓ ସୁଷମା ମହାପାତ୍ର, ସାଲେପୁର ଆଦର୍ଶ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ସାଲେପୁର ବ୍ଲକ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳଙ୍କ ସମେତ ସାଲେପୁର ଅଞ୍ଚଳର ସମସ୍ତ ବିଭାଗୀୟ ଅଧିକାରୀ, ଜିଲା ପରିଷଦ ସଭ୍ୟ,ସମିତି ସଭ୍ୟ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଯୋଗଦେଇଥିଲେ।

# ଶିକ୍ଷାଗତ ପ୍ରମାଣପତ୍ର ଜାଲିଆତି ଅଭିଯୋଗରୁ ଶିକ୍ଷକ ଦୋଷମୁକ୍ତ

**ବାଙ୍କୀ,୨୮।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏନ୍‌ଏସି ଶିଶୁଆସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବଳରାମ ପାଇକରାୟଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସେ ସ୍ନାତକ ପ୍ରମାଣପତ୍ରରେ ଜାଲିଆତି କରିଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। କଟକ ଡିପିସିଙ୍କ ନିର୍ଦ୍ଦେଶରେ ଡମପଡ଼ା ବ୍ଲକ ଶିକ୍ଷାଧିକାରୀ ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ଏନେଇ ଏକ ମାମଲା ରୁଜୁ ହୋଇଥିଲା। ଏଥିସହ ଶିକ୍ଷାଧିକାରୀଙ୍କ ପକ୍ଷରୁ ଅଭିଯୁକ୍ତ ଶିକ୍ଷକ ବଳରାମ ପାଇକରାୟଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲା। ଏହାର ତଦନ୍ତ ପାଇଁ ଶିକ୍ଷକ ପାଇକରାୟ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ କଟକ ଡିପିସି ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ପାଇକରାୟଙ୍କ ସ୍ନାତକ ପରୀକ୍ଷାର ପ୍ରମାଣପତ୍ର ପୁନଃ ତନଖି ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ କୁହାଯାଇଥିଲା। ତନଖି ପରେ ପାଇକରାୟଙ୍କ ସ୍ନାତକ ପରୀକ୍ଷା ପତ୍ର ଓ ମାର୍କଶିଟ୍ ଜାଲିଆତି ହୋଇ ନ ଥିବା ଜଣାପଡ଼ିଥିଲା। ଏହାପରେ କଟକ ଡିପିସିଙ୍କ ପକ୍ଷରୁ ପାଇକରାୟଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗ ପ୍ରତ୍ୟାହାର କରାଯିବା ସହ ଡମପଡ଼ା ବ୍ଲକ ଶିକ୍ଷାଧିକାରୀ ଓ ସମ୍ପୃକ୍ତ ଶିକ୍ଷକଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି।

# ଶ୍ରଦ୍ଧାଞ୍ଜଳି ପୁସ୍ତକ 'ସ୍ମୃତିରେ ବୋଉ' ଉନ୍ମୋଚିତ



**ବାଙ୍କୀ,୨୮।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ଗ୍ରାମର ସାମାଜିକ କର୍ମୀ ଭାସ୍କରା ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ 'ସ୍ମୃତିରେ ବୋଉ' ସ୍ମରଣିକା ଉନ୍ମୋଚିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କବି ଗଙ୍ଗାଧର ଓଝା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବୈଦେଶ୍ୱର ପଞ୍ଚାୟତ ସରପଞ୍ଚ ସୁରଞ୍ଜନ ପଣ୍ଡା ଯୋଗଦେଇ ଭାସ୍କରା ଆଦର୍ଶ ଓ ଧର୍ମପରାୟଣ ମହିଳାଭାବେ ଅଞ୍ଚଳରେ ବେଶ୍ ପରିଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କବି ରବିନାରାୟଣ ମଙ୍ଗରାଜ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଓ ଶିକ୍ଷକ ନରୋତ୍ତମ ବେହେରା ଯୋଗଦେଇଥିଲେ। ଏହି ଅବସରରେ କବିତା ମାଧ୍ୟମରେ ସ୍ୱର୍ଗତା ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କବି ମନ୍ମଥ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧ୍ରୁବଚରଣ ସାହୁ, ସୁଦର୍ଶନ ବେହେରା, ଲଳାଟେନ୍ଦୁ ପଣ୍ଡା, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପୁତ୍ର ଶିକ୍ଷକ ଉମାକାନ୍ତ ବେହେରା ସ୍ୱାଗତ ଭାଷଣ ଦେବା ସହ ଅତିଥିପରିଚୟ ପ୍ରଦାନ କରିଥିଲେ। ଶେଷରେ ସାଇ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ପଲ୍ଲୀକବିଙ୍କ ତୋରଣ


ପଲ୍ଲୀକବି ନନ୍ଦକିଶୋର ବଳଙ୍କ ତୋରଣ ପୁନରୁଦ୍ଧାର ପାଇଁ ବିଧାୟକ ସାରଦା ପ୍ରଧାନ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ମାହାଙ୍ଗା,୨୮।୬(ଯଯାତି ସିଂହ)**

**ପୁନରୁଦ୍ଧାର ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଲେ ବିଧାୟକ**

ମାହାଙ୍ଗା ଅଞ୍ଚଳର ଅନ୍ୟତମ ବରପୁତ୍ର ଭାବେ ପରିଚିତ କୁସୁପୁର ଗ୍ରାମର ପଲ୍ଲୀ କବି ନନ୍ଦ କିଶୋର ବଳଙ୍କ ସ୍ମୃତି ଓ ସମ୍ମାନ ଉଦ୍ଦେଶ୍ୟରେ କୁଆଁପାଳ ବାଲିଚନ୍ଦ୍ରପୁର ପୂର୍ତ୍ତ ରାସ୍ତାର କବିଙ୍କ ଜନ୍ମପୀଠ କୁସୁପୁର ନିକଟରେ କବିଙ୍କ ନାମରେ ଏକ ତୋରଣ ନିର୍ମାଣ କରାଯାଇଛି। ୨୦୦୭ରେ ତତ୍କାଳୀନ ବିଧାୟକ ସ୍ୱର୍ଗତ ବିକ୍ରମ କେଶରୀ ବର୍ମାଙ୍କ ଉଦ୍ୟମ କ୍ରମେ ଏହାକୁ ନିର୍ମାଣ କରାଯାଇଥିଲା। ତୋରଣକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହା ମଧ୍ୟରେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ତୋରଣଟିର ରକ୍ଷଣାବେକ୍ଷଣ ନ ହୋଇ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ଏହାକୁ ମରାମତି କରିବାକୁ ସାଧାରଣରେ ଦାବି ହୋଇଥିଲା। ଏ ସମ୍ପର୍କରେ ନବ ନିର୍ବାଚିତ ବିଧାୟକ ସାରଦା ପ୍ରଧାନ ଜାଣିବା ପରେ କୁସୁପୁରସ୍ଥିତ ତୋରଣ ନିକଟରେ ପହଞ୍ଚି ଏହାକୁ ଅନୁଧ୍ୟାନ କରଥିଲେ। ଶନିବାର ପଲ୍ଲୀକବିଙ୍କ ଶ୍ରାଦ୍ଧୋତ୍ସବ ଥିବାରୁ ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସ, ସହକାରୀ ଯନ୍ତ୍ରୀ ସୁବାସ ଜେନା, କନିଷ୍ଠଯନ୍ତ୍ରୀ ସବିତା ପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ଏହାର ପୁନରୁଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅମରେନ୍ଦ୍ର ସିଂହ, ଖବରଦାତା ଅଖିଳେଶ ମହାନ୍ତି, ଭାଜପା ନେତା ଭକ୍ତଚରଣ ସ୍ୱାଇଁ, ସମିତିସଭ୍ୟ ଧ୍ରୁବଚରଣ ସାମଲ, ପୂର୍ବତନ ସମିତିସଭ୍ୟ ନିର୍ମଳ ରାଉତ, ଶେଷଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ପୁରୁଣା ଭୁବନେଶ୍ୱର,୨୮।୬ (ସୁବାସ ଚନ୍ଦ୍ର ପ୍ରଧାନ)**

ଉତ୍ତରା ଫାଣ୍ଡି ଅଧୀନ କାକୁଡ଼ିକୋସାଙ୍ଗ ଗ୍ରାମର ଜଣେ ଯୁବକ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅସିତ କୁମାର ଦାସ(୨୩)। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଅପରାହ୍ନରେ ଅସିତ୍ କୌଣସି କାରଣରୁ ଘର ପଙ୍ଖାରେ ଝୁଲିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ନିଷ୍କାସନ ପାଇଁ ବାଟ ନାହିଁ, ଜମିଛି ବର୍ଷାପାଣି

**ବାଙ୍କୀ,୨୮।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**


ବାଙ୍କୀ ସହରରେ ପାଣି ଜମିରହିଛି।

ଲଘୁଚାପଜନିତ ବର୍ଷା ପରେ ବାଙ୍କୀ ସହରରେ ପାଣି ଜମିଛି। ଆଦିମାତା ଛକଠାରୁ ଆରମ୍ଭ କରି ମା'ବ୍ରହ୍ମେଇପୀଠ ପର୍ଯ୍ୟନ୍ତ, କଚେରି ଛକ ଆଦି ସ୍ଥାନରେ ବର୍ଷାଜଳ ନିଷ୍କାସନ ନ ହେବା ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଡ୍ରେନଗୁଡ଼ିକରେ ପରିବା ଦୋକାନୀମାନେ ପଚାଶଢ଼ା ପରିବା ଓ ଅଳିଆ ଆବର୍ଜନା ଭର୍ତ୍ତି କରିଦେଇଛନ୍ତି। ଫଳରେ ଡ୍ରେନ୍ ପାଣି ଯାଇ ନ ପାରି ଜମି ରହିଛି। ପୂର୍ବରୁ ସହରର ବର୍ଷାଜଳ ଏବଂ ପାଣି ପଥରତୁଠ ପଟ ନାଳଦେଇ ନିଷ୍କାସନ ହେଉଥିବାବେଳେ ଏବେ ସେଠାରେ ମାଟି ପୋତିହୋଇ ମୁହଁ ବନ୍ଦ ହୋଇଯାଇଛି। ସେଠାରେ ଘର ନିର୍ମାଣ ହୋଇଯାଇଥିବାରୁ ନିଷ୍କାସନ ହେବାରେ ସମସ୍ୟା ସୃଷ୍ଟି ହୋଇଛି। ଏଥିପାଇଁ ବାଙ୍କୀ ଏନ୍‌ଏସି ଏବଂ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି।

# ହିମାଂଶୁ ଶେଖର ନାୟକଙ୍କୁ 'ସାଇସ୍ମୃତି କଳା ସମ୍ମାନ'

**ଭୁବନେଶ୍ୱର, ୨୮।୬ (ବନ୍ଦନା ସେଠୀ)**

ସାଇସ୍ମୃତି କଳାକେନ୍ଦ୍ରର ୧୬ତମ ବାର୍ଷିକ ଉତ୍ସବ ଶୁକ୍ରବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଗୁରୁ ହିମାଂଶୁ ଶେଖର ନାୟକଙ୍କୁ 'ସାଇସ୍ମୃତି କଳା ସମ୍ମାନ' ଓ ତନ୍ୱି ତନୟାଙ୍କୁ 'ସାଇସ୍ମୃତି କଳାକେନ୍ଦ୍ର ନୃତ୍ୟ ପ୍ରତିଭା' ସମ୍ମାନ ପ୍ରଦାନ କରାଯାଇଥିଲା। ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗୁରୁ ଡ. ମନୋରଞ୍ଜନ ପ୍ରଧାନ, ଖବରଦାତା ସନତ୍ ମିଶ୍ର ଯୋଗଦେଇ, ଛାତ୍ରୀଛାତ୍ରମାନେ ନିଜ ଅଧ୍ୟବସାୟ ବଳରେ ଜଣେଜଣେ ସୁନାମଧନ୍ୟ ନୃତ୍ୟଶିଳ୍ପୀ ହୋଇପାରିବେ ବୋଲି କହିଥିଲେ।

# ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ

**ସାଲେପୁର,୨୮।୬(ଅରବିନ୍ଦ ଭୂୟାଁ)**

ସାଲେପୁର ଶିଶୁଆ ପଞ୍ଚାୟତଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଆହ୍ୱାନ କ୍ରମେ 'ଏକ୍ ପେଡ୍ ମା' କେ ନାମ୍ ତଥା ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ସାମିଲ ହୋଇ ଚାରା ରୋପଣ କରିବା ସହ ପରିବେଶ ସଂରକ୍ଷଣ ଦିଗରେ ଲୋକଙ୍କୁ ସଚେତନ କରାଇଥିଲେ। ଚାରାରୋପଣ ଦ୍ୱାରା ପରିବେଶ ସନ୍ତୁଳନ ବଜାୟ ରହିବା ସହ ପ୍ରାକୃତିକ ବିପର୍ଯ୍ୟୟ ରୋକାଯାଇପାରିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଧ୍ରୁବଚରଣ ମହାନ୍ତି, ଆଇନଜୀବୀ ରାଜୀବ ଷଡ଼ଙ୍ଗୀ, ନାରାୟଣ ପ୍ରସାଦ ଆଚାର୍ଯ୍ୟ, ଶଶିକାନ୍ତ ମହାନ୍ତି, ଭାଜପା କଟକ ଜିଲା ସୋସିଆଲ ମିଡିଆ ସଦସ୍ୟା ବିଜୟଲକ୍ଷ୍ମୀ ଦାଶଙ୍କ ସମେତ ବହୁ ମହିଳା ଯୋଗ ଦେଇଥିଲେ।


ଚାରାରୋପଣ କରାଯାଉଛି।

# ଲକ୍ଷ୍ମୀପ୍ରିୟାଙ୍କ ପାଇଁ ଆବାସ ଯୋଜନା ସାତସପନ

**ନିଶ୍ଚିନ୍ତକୋଇଲି,୨୮।୬ (ଅଶୋକ କୁମାର ମହାପାତ୍ର)**



- ଚିକିତ୍ସାରେ ଅର୍ଥ ସାଜିଛି ବାଧକ
- ୧୫ କିଲୋ ଚାଉଳ, ଭତ୍ତାରେ ବିତୁଛି ଜୀବନ
- ଦୁଇ ନାବାଳିକାଙ୍କ ପାଠ ପଢ଼ାରେ ଡୋରି ବାନ୍ଧି ହେବା ଆଶଙ୍କା

ଦଳିତ, ଅବହେଳିତ ଓ ନିରାଶ୍ରୟ ଲୋକମାନଙ୍କ ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ସରକାର କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକରେ ଏହି ଯୋଜନା ଦିଗହରା ହୋଇଯାଇଛି। ବ୍ଲକର ତିଳକଣା ପଞ୍ଚାୟତ ଅନ୍ତର୍ଗତ ଦେମାଣ୍ଡୋ ଗ୍ରାମରେ ଏହାର ଉଦାହରଣ ଦେଖିବାକୁ ମିଳିଛି।

ଏହି ଗ୍ରାମର ଏକ ଗରିବ ପରିବାର ପାଇଁ ଆବାସ ଯୋଜନା ସାତସପନ ପାଲଟିଛି। ସେ ହେଲେ ଲକ୍ଷ୍ମୀପ୍ରିୟା ସେଠୀ। ସ୍ୱାମୀ ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିବା ପରେ ଲକ୍ଷ୍ମୀପ୍ରିୟା ବହୁ କଷ୍ଟରେ ପର ଘରେ କାମ କରି ଦୁଇ କନ୍ୟା ନିହାରିକା ଓ ସାଗରିକାଙ୍କୁ ନେଇ ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ହଠାତ୍ ସେ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇଯାଇଛନ୍ତି। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଲକ୍ଷ୍ମୀପ୍ରିୟାଙ୍କ ବଡ଼ ଝିଅ ନିହାରିକା (୧୫) ଚଳିତ ବର୍ଷ ମାଟ୍ରିକ ପାସ କରିଥିବା ବେଳେ ସାନଝିଅ ସାଗରିକା(୧୩) ସ୍ଥାନୀୟ ଦେମାଣ୍ଡୋ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢ଼ନ୍ତି। ତେବେ ଆର୍ଥିକ ଅନଟନ ହେତୁ ଏହି ଦୁଇ ଭଉଣୀଙ୍କ ପାଠ ପଢାରେ ଡୋରି ବନ୍ଧାହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଅପରପକ୍ଷେ ଲକ୍ଷ୍ମୀପ୍ରିୟା ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କେହି ହେଲେ କର୍ଣ୍ଣପାତ କରୁ ନ ଥିବା କହିଛନ୍ତି। ନିର୍ବାଚନର ଅଳ୍ପଦିନ ପୂର୍ବରୁ ପ୍ରଶାସନ ତରଫରୁ ବିଧବା ଭତ୍ତା ଯୋଗାଇ ଦିଆଯାଇଥିଲା। ସରକାରଙ୍କ ତରଫରୁ ମିଳୁଥିବା ଏହି ୧୦୦୦ ଟଙ୍କା ଭତ୍ତା ସହ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ୧୫ କିଲୋ ଚାଉଳକୁ ନେଇ ଭଙ୍ଗା କୁଡ଼ିଆରେ ବହୁ କଷ୍ଟରେ ଲକ୍ଷ୍ମୀପ୍ରିୟା ଦୁଇ ଝିଅଙ୍କୁ ନେଇ ଦିନ କାଟୁଛନ୍ତି। ଅପରପକ୍ଷେ ଘର ଅବସ୍ଥା ଶୋଚନୀୟ ହୋଇଯାଇଥିବାରୁ ଦିନରେ ଖରା ଓ ରାତିରେ ତାରା ଦେଖିବାକୁ ମିଳେ। ଟିକିଏ ବର୍ଷା ହେଲେ ଘରେ ପାଣି ଲହରଡ଼ି ଖେଳେ। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଲକ୍ଷ୍ମୀପ୍ରିୟା ବହୁ କଷ୍ଟରେ ଘର ଉପରେ ଚିରା ଜରି ପକାଇ ଅତ୍ୟନ୍ତ କଷ୍ଟରେ ଜୀବନ ବିତାଉଛନ୍ତି। ପ୍ରଶାସନ ତରଫରୁ ତୁରନ୍ତ ଏହି ଅସହାୟ ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ଭାଜପା ଯୁବନେତା ଅଶ୍ୱିନୀ କୁମାର ମଲିକ, ଚନ୍ଦନ କୁମାର ଦାଶ,ଅନିରୁଦ୍ଧ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ନିଶ୍ଚନ୍ତକୋଇଲି ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ପଚାରିବାରେ ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ସେ ଏହି ଅଭିଯୋଗର ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଅଭିଯୋଗ, ହୋହଲ୍ଲାରେ ଏକାଧିକ ପ୍ରସ୍ତାବ ଗୃହୀତ

## ୩ ମାସ ପରେ ବିଏମ୍‌ସିର ମାସିକିଆ ବୈଠକ

ଭୁବନେଶ୍ୱର, ୨୮।୬ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମାସିକିଆ ବୈଠକ ୩ମାସ ପରେ ଶୁକ୍ରବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶାସକ ଭାଜପା ଏବଂ ବିରୋଧୀ ବିଜେଡି କର୍ପୋରେଟରମାନେ ମୁହାଁମୁହିଁ ହେବେ ବୋଲି ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ହେଲା। ଭାଜପା କର୍ପୋରେଟରମାନେ ଅବହେଳା କରାଯାଉଥିବା ଏବଂ ପ୍ରଶ୍ନ ପଚାରିବାକୁ ଦିଆଯାଉ ନ ଥିବା ଅଭିଯୋଗ କରି ହୋହଲ୍ଲା କରିଥିଲେ। ଭାଜପା କର୍ପୋରେଟରଙ୍କ ପାଇଁ ଆମକୁ ସମୟ ମିଳୁ ନ ଥିବା ବିଜେଡି କର୍ପୋରେଟରମାନେ ପାଲଟା ଅଭିଯୋଗ କରିଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗୃହରେ ବିଶୃଙ୍ଖଳା ଦେଖାଦେଇଥିଲା। ବହୁ ବୁଝାଶୁଝା ପରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ଡ୍ରେନେଜ୍ ଓ ଜଳବନ୍ଦୀ ସାଙ୍ଗକୁ ପରିମଳ ପାଇଁ ବିଭିନ୍ନ ପ୍ରଯୁକ୍ତି ବିଦ୍ୟାର ଉପଯୋଗ, ସୌନ୍ଦର୍ଯ୍ୟକରଣ, ରାସ୍ତାଘାଟର ଉନ୍ନତୀକରଣ ଆଦି ଉନ୍ନୟନମୂଳକ କାମ ଉପରେ ଆଲୋଚନା ହୋଇ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ ରୂପ ଦେବା, ଭିତ୍ତିଭୂମିର ବିକାଶ, ବିଭାଗୀୟ ସମନ୍ୱୟ, ଆଲୋକୀକରଣର ସମୀକ୍ଷା, ବିବାଦୀୟ ସ୍ଥାନଗୁଡିକର ଆଶୁ ସମାଧାନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସବୁଜ ବର୍ଜ୍ୟ ବିଶେଷକରି କଟା ଗଛ, ଡାଳ ଇତ୍ୟାଦିରୁ ସ୍ୱତନ୍ତ୍ର ଜାଳେଣି ପ୍ରସ୍ତୁତ କରିବା, ମନ୍ଦିରରୁ ବାହାରୁଥିବା ବାସିଫୁଲରୁ ଧୂପକାଠି ତିଆରି ପାଇଁ କାରଖାନା ବସାଇବାର ପ୍ରସ୍ତାବ ରଖାଯାଇଥିଲା। ଚଳିତ ବର୍ଷ ସହରରେ ୧ଲକ୍ଷ ଚାରା ରୋପଣ କରିବାକୁ ବିଏମ୍‌ସି ଲକ୍ଷ୍ୟ ଧାର୍ଯ୍ୟ କରିଛି। ବୈଠକରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଏକାମ୍ର ବିଧାୟକ ବାବୁ ସିଂ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ଘାସିରାମ ମୁର୍ମୁ, ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟାଳୟରେ ମିଳିବ ଜିରୋ ୱେଷ୍ଟ ତାଲିମ୍

ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ୱାର୍ଡରେ ଥିବା ବିଦ୍ୟାଳୟ ମଧ୍ୟରୁ କିଛି ମନୋନୀତ ବିଦ୍ୟାଳୟରେ ଜିରୋ ୱେଷ୍ଟ ପାଇଁ ପ୍ରୟାସ କରାଯିବ। ଛାତ୍ରୀଛାତ୍ରଙ୍କୁ ବର୍ଜ୍ୟବସ୍ତୁ ହ୍ରାସ ପାଇଁ ଅଭ୍ୟାସ ପରିବର୍ତ୍ତନ କରିବା, ବର୍ଜ୍ୟବସ୍ତୁଗୁଡିକର ବିଭିନ୍ନ ପଦ୍ଧତି ମାଧ୍ୟରେ ରିସାଇକ୍ଲିଂ, ଓଦା ଆବର୍ଜନାରୁ ଜୈବିକ ଖତ, ପ୍ଲାଷ୍ଟିକ ବର୍ଜ୍ୟର ପୁନଃ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯିବ। ସେହିପରି ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକଙ୍କୁ ଜିରୋ ୱେଷ୍ଟ ସମ୍ବନ୍ଧୀୟ ତାଲିମ୍ ଦିଆଯିବ।



### ଆବର୍ଜନା ସଂଗ୍ରହ ପାଇଁ ୬ ପ୍ୟାକେଜ୍‌ରେ ନୂଆ ଏଜେନ୍ସି ଚୟନ

ସହରରୁ ଆବର୍ଜନା ସଂଗ୍ରହ କରୁଥିବା ୭ଟି ଏନ୍‌ଜିଓ ସଂସ୍ଥା ଓ ବିଏମ୍‌ସି ମଧ୍ୟରେ ହୋଇଥିବା ୩ବର୍ଷର ଚୁକ୍ତି ଅବଧି ଗତ ମାର୍ଚ୍ଚ ୨୫ରେ ସରି ଯାଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ସମ୍ପୃକ୍ତ ଏନ୍‌ଜିଓଙ୍କ କାର୍ଯ୍ୟ ଅବଧି ୩ମାସ ଅର୍ଥାତ୍ ଜୁନ୍ ୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ତେବେ ରିକ୍ୱେଷ୍ଟ ଫର୍ ପ୍ରପୋଜାଲ୍ (ଆର୍‌ଏଫ୍‌ପି) ମାଧ୍ୟମରେ ୬୭ ୱାର୍ଡକୁ ୬ଟି ପ୍ୟାକେଜ୍‌ରେ ବିଭକ୍ତ କରାଯାଇଛି। ଭବିଷ୍ୟତରେ ବିଏମ୍‌ସି ୬ଟି ଜୋନ୍ ମାଧ୍ୟମରେ ପରିଚାଳିତ ହେବ। ତେଣୁ ଡ୍ରାଫ୍ଟ ଆର୍‌ଏଫ୍‌ପି ଅନୁଯାୟୀ, ନୂତନ ଏଜେନ୍ସି ଚୟନ କରାଯାଇ ଆବର୍ଜନା ସଂଗ୍ରହ କରାଯିବ। ତେବେ ୬ଟି ପ୍ୟାକେଜ୍‌ରେ ଖର୍ଚ୍ଚ ଆକଳନ ୪କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେଉଥିବାରୁ ପ୍ରଶାସନିକ ଅନୁମୋଦନ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଯିବ।

### ବାସଗୃହ ହସ୍ତାନ୍ତର ନ କଲେ ପେନ୍‌ସନ ରାଶି ସ୍ଥଗିତ

ବିଏମ୍‌ସିର ବହୁ କର୍ମଚାରୀ ଅବସର ନେବା ପରେ ମଧ୍ୟ ମିଳିଥିବା ସରକାରୀ ବାସଗୃହ/ସ୍ଲମ୍ କ୍ୱାର୍ଟର ବିଏମ୍‌ସିକୁ ହସ୍ତାନ୍ତର କରୁନାହାନ୍ତି। ତେଣୁ ଓଡ଼ିଶା ସାଧାରଣ ସେବା ପେନ୍‌ସନ ଅଧିନିୟମ ୧୯୯୨ ଧାରା ୬୮(୨) ଅନୁଯାୟୀ, ଯେଉଁ ଅବସରପ୍ରାପ୍ତ କର୍ମଚାରୀ ମହାନଗର ନିଗମକୁ ଉକ୍ତ ବାସଗୃହ/ ସ୍ଲମ୍ କ୍ୱାର୍ଟର ହସ୍ତାନ୍ତର କରି ନ ଥିବେ ସେମାନଙ୍କର ବକେୟା ଥିବା ପେନ୍‌ସନ୍ ଓ ଗ୍ରାଚ୍ୟୁଟି ରାଶି ପ୍ରଦାନ ସ୍ଥଗିତ ରଖାଯିବ। ବାସଗୃହ ହସ୍ତାନ୍ତର ପରେ ଉକ୍ତ ବକେୟା ପେନ୍‌ସନ ଓ ଗ୍ରାଚ୍ୟୁଟି ରାଶିରୁ ଭଡ଼ା ରାଶି ଭରଣା କରାଯିବା ନେଇ ପ୍ରସ୍ତାବ ରଖାଯାଇଛି।

### ଗୃହତ୍ୟାଗ କଲେ ବିଜେଡି କର୍ପୋରେଟର

ପ୍ରଥମେ ଏଜେଣ୍ଡା ପରେ ଜିରୋ ଆୱାରରେ ପ୍ରଶ୍ନ ଉତ୍ତର କରିବାକୁ ଧାର୍ଯ୍ୟ ହୋଇଥିଲା। କେତେଜଣ କର୍ପୋରେଟର ପ୍ରଶ୍ନୋତ୍ତର ଆରମ୍ଭ କରିଥିଲେ। ପରେ ଭାଜପାର କେତେଜଣ କର୍ପୋରେଟର ପ୍ରଶ୍ନ କରିବାକୁ ଉଠିଥିଲେ। ଏହାକୁ ଅନ୍ୟ ବିଜେଡି କର୍ପୋରେଟରମାନେ ବିରୋଧ କରିଥିଲେ। ଏତେ ପ୍ରଶ୍ନ କଲେ ପ୍ରସ୍ତାବ କେତେବେଳେ ପାରିତ ହେବ ବୋଲି କହି ହୋହଲ୍ଲା କରିଥିଲେ। ସେମାନେ ଖାଲି ପ୍ରଶ୍ନ କଲେ ଆମେମାନେ କାହିଁକି ବସିବୁ ବୋଲି କହି ସିଟ୍‌ରୁ ଉଠିଥିଲେ। ଗୃହରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ମେୟର କହିବା ସତ୍ତ୍ୱେ ମଧ୍ୟ ପ୍ରାୟ ୨୦ରୁ ଅଧିକ ବିଜେଡି କର୍ପୋରେଟର ପାଟିତୁଣ୍ଡ କରି ଗୃହତ୍ୟାଗ କରିଥିଲେ। ଫଳରେ ଲଞ୍ଚ ଆୱାର ପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ପରେ ମେୟର ଏବଂ ଏକାମ୍ର ବିଧାୟକ ବାବୁ ସିଂ ବୁଝାଶୁଝା କରିବାରୁ ଗୃହକାର୍ଯ୍ୟ ଆରମ୍ଭ ହେଲା।

### ବିକାଶର କୌଣସି ଦଳ ନାହିଁ : ବାବୁ ସିଂ

ନିର୍ବାଚନ ଜିତିବା ପରେ ଏକାମ୍ର ବିଧାୟକ ବାବୁ ସିଂ ପ୍ରଥମଥର ବିଏମ୍‌ସିର ମାସିକିଆ ବୈଠକରେ ଯୋଗଦେଇଥିଲେ। ସମସ୍ତ କର୍ପୋରେଟର ମିଳିମିଶି ସହରର ଉନ୍ନତି ପାଇଁ କାମ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେ କହିଲେ, ବିକାଶର କୌଣସି ଦଳ ନାହିଁ। ଲୋକଙ୍କ ଉନ୍ନତି କରିବାରେ କୌଣସି ସମସ୍ୟା ହେଲେ ସମାଧାନ ପାଇଁ ସିଧାସଳଖ ସେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବେ। ହାତରେ ଆଉ ୨ବର୍ଷ ୯ମାସ ସମୟ ଅଛି। ତେଣୁ ସମୟ ନଷ୍ଟ ନ କରି କାମ କରିବାକୁ ସେ କହିଥିଲେ। ବିଧାୟକଙ୍କ ଏସବୁ କଥାକୁ ବିଜେଡି କର୍ପୋରେଟର ନୃପେଶ କୁମାର ନାୟକଙ୍କ ସମେତ ଅନ୍ୟ କର୍ପୋରେଟରମାନେ ପ୍ରଶଂସା କରିଥିଲେ।

### ସ୍ୱାମୀ ରାଜନୀତି ବନ୍ଦ କର: ମେୟର

ମୋତେ ନ କହି ମୋ ୱାର୍ଡକୁ କେମିତି ଗଲେ ବୋଲି ୱାର୍ଡ ନଂ. ୬୩ର କର୍ପୋରେଟର ସୁଜାତା ଛୋଟରାୟ ମେୟରଙ୍କୁ ସିଧାସଳଖ କହିଥିଲେ। ଏଥିସହ ସ୍ଥାନୀୟ କର୍ପୋରେଟରଙ୍କୁ ନ ପଚାରି ଅନ୍ୟ କର୍ପୋରେଟରଙ୍କୁ ନେଇ କାହିଁକି ୱାର୍ଡ ବୁଲୁଛ ବୋଲି ପ୍ରଶ୍ନ କରିଥିଲେ। ଏଥିରେ ମେୟର ଉତ୍‌କ୍ଷିପ୍ତ ହୋଇ ମୁଁ ୧୧ଲକ୍ଷ ଲୋକଙ୍କ ମେୟର, ତେଣୁ ଯେଉଁ ୱାର୍ଡକୁ ଯେତେବେଳେ ଇଚ୍ଛା ଯାଇ ପାରିବି। ଏଥିସହ ୱାର୍ଡକୁ ଗଲାବେଳେ ତୁମ ସ୍ୱାମୀଙ୍କୁ ଡାକିଥିଲି। ସେ ମୋ ସାଙ୍ଗରେ ଥିଲେ। ଯଦି ଏତେ ସମସ୍ୟା, ତେବେ ଆଜିଠାରୁ ମହିଳା କର୍ପୋରେଟରମାନେ ସ୍ୱାମୀଙ୍କୁ ନ ପଠାଇ ନିଜେ ବାହାରକୁ ବାହାର। ସ୍ୱାମୀ ରାଜନୀତି ବନ୍ଦ କର ବୋଲି ମେୟର ଚେତାବନୀ ଦେଇଥିଲେ।

## ଲାଞ୍ଚ ନେଇ ରାଜସ୍ୱ ସହାୟକ ଗିରଫ

କଟକ,୨୮।୬ (କାର୍ତ୍ତିକ ସାହୁ)- ଲାଞ୍ଚ ନେବା ଅଭିଯୋଗରେ ଡମପଡ଼ା ତହସିଲର ବରିଷ୍ଠ ରାଜସ୍ୱ ସହାୟକ ପ୍ରଶାନ୍ତ କୁମାର ରାଉତଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ସେ ଏକ ଜମିର ମ୍ୟୁଟେଶନ୍ ମାମଲାରେ ଆଦେଶନାମାର ସାର୍ଟିଫାଏଡ୍ କପି ଯୋଗାଇଦେବା ନିମନ୍ତେ ୩ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ଅଧିକାରୀମାନେ ଡମପଡ଼ା ତହସିଲ ପରିସରରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ କାବୁ କରିଥିଲେ।

ଜଣେ ବ୍ୟକ୍ତିଙ୍କ ମ୍ୟୁଟେଶନ ଆଦେଶନାମାର ସାର୍ଟିଫାଏଡ୍ କପି ଯୋଗାଇଦେବା ନିମନ୍ତେ ଅଭିଯୁକ୍ତ ରାଉତ ୧୨,୫୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ମୋଟ ଅର୍ଥର ପ୍ରଥମ କିସ୍ତି ଭାବେ ଶୁକ୍ରବାର ୩,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଅଧିକାରୀମାନେ ସାକ୍ଷୀଙ୍କ ଉପସ୍ଥିତିରେ ରାଉତଙ୍କ ପ୍ୟାଣ୍ଟ ପକେଟ୍‌ରୁ ଲାଞ୍ଚ ଅର୍ଥ ଜବତ କରିଥିଲେ। ଏଥିସହ ରାଉତଙ୍କ ଦୁଇ ହାତ ଓ ପ୍ୟାଣ୍ଟ ପକେଟ୍‌କୁ ଧୋଇବା ପରେ ରାସାୟନିକ ପ୍ରତିକ୍ରିୟା ପଜିଟିଭ ଆସିବାରୁ ସେ ଲାଞ୍ଚ ଗ୍ରହଣ କରିଥିବା ପ୍ରମାଣିତ ହୋଇଥିଲା। ଏହାପରେ ରାଉତଙ୍କ ସରକାରୀ ବାସଭବନ ଓ ପୈତୃକ ଗ୍ରାମ ବାଙ୍କୀ ଥାନା ଅନ୍ତର୍ଗତ ନୂଆଗାଁରେ ଚଢ଼ାଉ କରାଯାଇଥିଲା। ଏନେଇ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ ୧୪/୨୦୨୪) ରୁଜୁ ହୋଇଛି। ଏଥିସହ ତଦନ୍ତ ଚାଲୁ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।



ସୁରଭି ପକ୍ଷରୁ ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ୨୨ତମ ଏକାମ୍ର ନୃତ୍ୟ ମହୋତ୍ସବରେ ଗୁରୁ ମଧୁଲିତା ମହାପାତ୍ର ନୃତ୍ୟାଭିନୟ କରୁଛନ୍ତି। (ଫଟୋ- ବିକାଶ ନାୟକ)

## ସରିଲା 'କଳାଭୂମି ମହୋତ୍ସବ'

ଭୁବନେଶ୍ୱର, ୨୮।୬ (ବନ୍ଦନା ସେଠୀ)

କଳାଭୂମି ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା 'କଳାଭୂମି ମହୋତ୍ସବ' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ ମହୋତ୍ସବରେ ଆୟୋଜିତ କବିତା ଆସରରେ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ଦୁର୍ନୀତି ନିବାରଣ ପ୍ରାଧିକରଣର ଉପନିର୍ଦ୍ଦେଶକ ଅଜିତ୍ ପଟ୍ଟନାୟକ, ସାମାଜିକ କର୍ମୀ ମୁରଲୀଧର ରଥ, କବି ରକ୍ଷକ ନାୟକ ପ୍ରମୁଖ ଯୋଗଦେଇ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଳା ପ୍ରଦର୍ଶନୀର ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ସନ୍ତୁର ଓ ବଂଶୀ ବାଦନ ଏବଂ ତବଲା ବାଦନର ଯୁଗଲବନ୍ଦୀ ଉପସ୍ଥିତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ପଣ୍ଡିତ ଚିରଦୀପ ସରକାରଙ୍କ ସନ୍ତୁର, ଗୁରୁ ଜବାହର ମିଶ୍ରଙ୍କ ବଂଶୀ ବାଦନ ସହ ଗୁରୁ କୁଳମଣି ସାହୁଙ୍କ ତବଲା ବାଦନରେ ହିନ୍ଦୁସ୍ତାନୀ ରାଗର ଉପସ୍ଥାପନା ବେଶ୍ ମନଛୁଆଁ ହୋଇଥିଲା। ଦ୍ୱିତୀୟ ଚରଣରେ ଶଙ୍କର ନାରାୟଣ ସ୍ୱାମୀଙ୍କ ମୃଦଙ୍ଗମ୍ ଓ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କ ମର୍ଦ୍ଦଳର ତାଳ ବାଦନର ଚମତ୍କାରିତା ଦର୍ଶକଙ୍କୁ ବାନ୍ଧି ରଖିଥିଲା। କଳାଭୂମି ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ପତିଙ୍କ ପରିଚାଳନାରେ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ସଦସ୍ୟା ଡ. ସୁଚିତ୍ରା ଦାସ, ନାଦିରା ରେହମାନ୍ ଫତିମା ପ୍ରମୁଖ ସହାୟତା କରିଥିଲେ।

## ସଂଗ୍ରାମୀ ଦୋଳଗୋବିନ୍ଦଙ୍କ ଜନ୍ମୋତ୍ସବରେ ବୃକ୍ଷପୂଜା

ଭୁବନେଶ୍ୱର, ୨୮।୬ (ବନ୍ଦନା ସେଠୀ)

ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ପ୍ରତିଷ୍ଠାନ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ୯୯ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପାତ୍ରପଡ଼ାଠାରେ ଥିବା ସ୍ମୃତିବନରେ ବୃକ୍ଷ ପୂଜା କରାଯାଇଥିଲା। ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ଯୋଗଦେଇ, ବୃକ୍ଷ ହିଁ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ପୁଷ୍ପରାଜ ପ୍ରଧାନ, ଅଶୋକ କୁମାର ମିଶ୍ର, ଶାରଦା ପ୍ରସନ୍ନ ପରିଜା ଓ ପୃଥ୍ୱୀରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସଂଗ୍ରାମୀ ନଟବର ସିଂହ, ଭଗବାନ ରାଉତ, ଯଶୋଦା ଦେବୀ ଓ ପରେଶ ସିଂହଙ୍କ ସ୍ମୃତି ବୃକ୍ଷକୁ ପୂଜା କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ମୃତିବନର ଭାରପ୍ରାପ୍ତ ଅଧିକାରୀ ବିଶ୍ୱରଞ୍ଜନ ସାହୁ ଓ ସାମାଜିକ କର୍ମୀ ବରୁଣରାଜ ପରିଚାଳନା କରିଥିଲେ। ସେହିପରି ଆର୍ଯ୍ୟଭବନଠାରେ ଶାନ୍ତିଯଜ୍ଞ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜଗନ୍ନାଥଙ୍କ ମାନବ ଲୀଳାର ସ୍ୱତନ୍ତ୍ର ପରିପ୍ରକାଶ ହେଉଛି ଅନବସର

ଭୁବନେଶ୍ୱର, ୨୮।୬ (ବନ୍ଦନା ସେଠୀ)

ଓଡ଼ିଆ ଜାତିର ଇଷ୍ଟଦେବତା ମହାପ୍ରଭୁ ଜଗନ୍ନାଥଙ୍କ ମାନବ ଲୀଳାର ସ୍ୱତନ୍ତ୍ର ପରିପ୍ରକାଶ ହେଉଛି ଅନବସର। ସ୍ନାନପୂର୍ଣିମାରେ ଅଷ୍ଟୋତ୍ତର ଶତକୁମ୍ଭ ଜଳ ସ୍ନାନ କରି ଚତୁର୍ଦ୍ଧାବିଗ୍ରହ ଜ୍ୱରାକ୍ରାନ୍ତ ହୁଅନ୍ତି। ପ୍ରଭୁଙ୍କ ବ୍ୟାଧିର ନିରାକରଣ ନିମନ୍ତେ ଏକ ପକ୍ଷ ବ୍ୟାପି ଅଣସର ଘରେ ବିବିଧ ଉପଚାର କରାଯାଇଥାଏ। ଫୁଲୁରି ଲାଗି, ଅଣସର ପଥ-ପଣା, ଦଶମୂଳମୋଦକ ଗ୍ରହଣ ପରେ ମହାପ୍ରଭୁ ସୁସ୍ଥ ହୋଇ ଭକ୍ତଙ୍କୁ ନବଯୌବନ ଦର୍ଶନ ଦିଅନ୍ତି। ଏ ଲୀଳା ସମଗ୍ର ଜଗତରେ ଅଲୌକିକ ଓ ଅସାଧାରଣ। ଶ୍ରୀଜଗନ୍ନାଥଙ୍କ ଏ ପ୍ରକାର ଅଦ୍ଭୁତ ଲୀଳା ପ୍ରତ୍ୟେକ ଭକ୍ତଙ୍କର ଚିତ୍ତକୁ ଦ୍ରବୀଭୂତ କରିଥାଏ। ଏ ସମୟରେ ମହାପ୍ରଭୁଙ୍କ ଅନ୍ୟ ଏକ ସ୍ୱରୂପ ପଞ୍ଚବ୍ରହ୍ମ ଭାବରେ ସେବା ଗ୍ରହଣ କରିବାର ବ୍ୟବସ୍ଥା ଦେଖିବାକୁ ମିଳିଥାଏ। ବ୍ରହ୍ମଗିରିରେ ଶ୍ରୀ ଅଲାରନାଥଙ୍କ ଆରାଧନାର ଏକ ବିସ୍ତୃତ ପର୍ଯ୍ୟାୟ ଅନବସର ଅବସରରେ ଦେଖିବାକୁ ମିଳେ ବୋଲି ଡା. ଆଶୁତୋଷ ପ୍ରସାଦ ମିଶ୍ର ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଶୁକ୍ରବାର 'ଜ୍ୱରାତୁର ଜଗନ୍ନାଥ' ଶୀର୍ଷକ ୭୫ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଡା. ମିଶ୍ର ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ, ଜଗନ୍ନାଥଙ୍କ ଅଲୌକିକ ଘଟଣାବଳୀର ଏକ ଅନୁଭୂତି ବର୍ଣ୍ଣନା କରିଥିଲେ। ଆମେ କିଛି ଆଶା ନ କରି ନିଜର କର୍ମ ଏବଂ କର୍ତ୍ତବ୍ୟ କରିଚାଲିଲେ ଭଗବାନ ନିଶ୍ଚୟ ଭଲ କରିବେ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ସତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ କହିଲେ, ଜଗନ୍ନାଥ ଆମର ଆରାଧ୍ୟ ଦେବତା। ଜଗନ୍ନାଥଙ୍କୁ ଅନୁଭବ କରାଯାଇ ପାରିବ। ଓଡ଼ିଶା ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ସାଗତ ଭାଷଣ ଦେଇଥିବାବେଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ହିମାଂଶୁ ଶେଖର ନାୟକଙ୍କୁ 'ସାଇସ୍ମୃତି କଳା ସମ୍ମାନ'

ଭୁବନେଶ୍ୱର, ୨୮।୬ (ବନ୍ଦନା ସେଠୀ)

ସାଇସ୍ମୃତି କଳାକେନ୍ଦ୍ରର ୧୬ତମ ବାର୍ଷିକ ଉତ୍ସବ ଶୁକ୍ରବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଗୁରୁ ହିମାଂଶୁ ଶେଖର ନାୟକଙ୍କୁ 'ସାଇସ୍ମୃତି କଳା ସମ୍ମାନ' ଓ ତନ୍ୱି ତନୟାଙ୍କୁ 'ସାଇସ୍ମୃତି କଳାକେନ୍ଦ୍ର ନୃତ୍ୟ ପ୍ରତିଭା' ସମ୍ମାନ ପ୍ରଦାନ କରାଯାଇଥିଲା। ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗୁରୁ ଡ. ମନୋରଞ୍ଜନ ପ୍ରଧାନ, ଖବରଦାତା ସନତ୍ ମିଶ୍ର ଯୋଗଦେଇ, ଛାତ୍ରୀଛାତ୍ରମାନେ ନିଜ ଅଧ୍ୟବସାୟ ବଳରେ ଜଣେଜଣେ ସୁନାମଧନ୍ୟ ନୃତ୍ୟଶିଳ୍ପୀ ହୋଇପାରିବେ ବୋଲି କହିଥିଲେ।



ସାଇସ୍ମୃତି କଳାକେନ୍ଦ୍ରର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱ ଓ ପ୍ରତିଭାମାନେ।

## ଭବିଷ୍ୟତ ପାଇଁ ପ୍ରକୃତିର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୮।୬(ଅସମାପିକା ସାହୁ)

ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହିତ ଏହାର ସୁରକ୍ଷା ଦିଗରେ ସଚେତନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଲୋକସେବା ଭବନ ପରିସରରେ ଶୁକ୍ରବାର ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ତର୍ଜାତୀୟ ସ୍ତରର ଖ୍ୟାତିସମ୍ପନ୍ନ ବନ୍ୟପ୍ରାଣୀ ଫଟୋଗ୍ରାଫର ତଥା ମାଉଣ୍ଟେନର ଧ୍ରୀତିମାନ ମୁଖାର୍ଜୀ ଯୋଗଦେଇ, ସେ ସାମ୍ନା କରିଥିବା ଆହ୍ୱାନ ଓ ପ୍ରାକୃତିକ ଜୈବ ବିବିଧତା ସମ୍ପର୍କରେ ନିଜର ଅନୁଭୂତି ଛାତ୍ରୀଛାତ୍ରଙ୍କୁ କହିଥିଲେ। ପୃଥିବୀ ତଥା ଆମ ଦେଶରେ ଏଭଳି ଅନେକ ସ୍ଥାନ ଏବଂ ଗୁମ୍ଫା ଅଛି, ଯେଉଁଠି ସୂର୍ଯ୍ୟକିରଣ ପହଞ୍ଚି ନ ଥାଏ, କିନ୍ତୁ ସେହିସବୁ ସ୍ଥାନରେ ଜୀବଜଗତ କିପରି ତିଷ୍ଠି ରହିବା ସହିତ ଜୈବ ବିବିଧତାର ଏକ ଅଂଶ ହୋଇପାରିଛନ୍ତି ତାହା ଉପରେ ବୁଝାଇଥିଲେ। ପ୍ରକୃତି କିପରି ଆମମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର ସୁରକ୍ଷାକୁ ନେଇ ଭବିଷ୍ୟତରେ ଛାତ୍ରୀଛାତ୍ରଙ୍କର କର୍ତ୍ତବ୍ୟ କ'ଣ ରହିବା ଉଚିତ, ସେ ନେଇ ଅନେକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଶ୍ନୋତ୍ତର ସେସନ ଦ୍ୱାରା ଛାତ୍ରୀଛାତ୍ରଙ୍କ ମନରେ ବନ୍ୟପ୍ରାଣୀ ଏବଂ ଜୈବ ବିବିଧତାକୁ ନେଇ ଥିବା ଦ୍ୱନ୍ଦ୍ୱକୁ ମୁଖାର୍ଜୀ ଦୂର କରିଥଲେ। ସେହିପରି ଜୀବନରେ କଠିନ ପରିଶ୍ରମ କରିବା ସହିତ ଲକ୍ଷ୍ୟ ପଥରୁ ନ ଓହରିବା ପାଇଁ ସେ ପିଲାମାନଙ୍କୁ ଉପଦେଶ ଦେଇଥିଲେ। ଏହି ଜୈବ ବିବିଧତା ସୁରକ୍ଷା କର୍ମଶାଳାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଭୁବନେଶରର ୩୦ରୁ ଅଧିକ ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ, ଅନ୍ଧାରୁଆସ୍ଥିତ ଓଡ଼ିଶା ଆଇକନିକ ଆଦର୍ଶ ବିଦ୍ୟାଳୟ ସମେତ ବିଭିନ୍ନ ଘରୋଇ ବିଦ୍ୟାଳୟର ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।



କର୍ମଶାଳାରେ ଯୋଗଦେଇଥିବା ଖ୍ୟାତିସମ୍ପନ୍ନ ବନ୍ୟପ୍ରାଣୀ ଫୋଟୋଗ୍ରାଫର ଧ୍ରୀତିମାନ ମୁଖାର୍ଜୀ।

## ସଂକ୍ଷେପରେ

### ଲାଞ୍ଚ ନେଇ ରାଜସ୍ୱ ସହାୟକ ଗିରଫ

କଟକ,୨୮।୬ (କାର୍ତ୍ତିକ ସାହୁ)

ଲାଞ୍ଚ ନେବା ଅଭିଯୋଗରେ ଡମପଡ଼ା ତହସିଲର ବରିଷ୍ଠ ରାଜସ୍ୱ ସହାୟକ ପ୍ରଶାନ୍ତ କୁମାର ରାଉତଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ସେ ଏକ ଜମିର ମ୍ୟୁଟେଶନ୍ ମାମଲାରେ ଆଦେଶନାମାର ସାର୍ଟିଫାଏଡ୍ କପି ଯୋଗାଇଦେବା ନିମନ୍ତେ ୩ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ଅଧିକାରୀମାନେ ଡମପଡ଼ା ତହସିଲ ପରିସରରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ କାବୁ କରିଥିଲେ।

ସୂଚନା ଅନୁସାରେ, ଜଣେ ବ୍ୟକ୍ତିଙ୍କ ମ୍ୟୁଟେଶନ ଆଦେଶନାମାର ସାର୍ଟିଫାଏଡ୍ କପି ଯୋଗାଇଦେବା ନିମନ୍ତେ ଅଭିଯୁକ୍ତ ରାଉତ ୧୨,୫୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ମୋଟ ଅର୍ଥର ପ୍ରଥମ କିସ୍ତି ଭାବେ ଶୁକ୍ରବାର ୩,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଅଧିକାରୀମାନେ ସାକ୍ଷୀଙ୍କ ଉପସ୍ଥିତିରେ ରାଉତଙ୍କ ପ୍ୟାଣ୍ଟ ପକେଟ୍‌ରୁ ଲାଞ୍ଚ ଅର୍ଥ ଜବତ କରିଥିଲେ। ଏଥିସହ ରାଉତଙ୍କ ଦୁଇ ହାତ ଓ ପ୍ୟାଣ୍ଟ ପକେଟ୍‌କୁ ଧୋଇବା ପରେ ରାସାୟନିକ ପ୍ରତିକ୍ରିୟା ପଜିଟିଭ ଆସିବାରୁ ସେ ଲାଞ୍ଚ ଗ୍ରହଣ କରିଥିବା ପ୍ରମାଣିତ ହୋଇଥିଲା। ଏହାପରେ ରାଉତଙ୍କ ସରକାରୀ ବାସଭବନ ଓ ପୈତୃକ ଗ୍ରାମ ବାଙ୍କୀ ଥାନା ଅନ୍ତର୍ଗତ ନୂଆଗାଁରେ ଚଢ଼ାଉ କରାଯାଇଥିଲା। ଏନେଇ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ ୧୪/୨୦୨୪) ରୁଜୁ ହୋଇଛି। ଏଥିସହ ତଦନ୍ତ ଚାଲୁ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

### ହୃଦ୍‌ରୋଗ ସମ୍ବନ୍ଧୀୟ ସମସ୍ୟା, ନିରାକରଣ ସମ୍ପର୍କରେ ଆଲୋଚନାଚକ୍ର

ଖୋର୍ଦ୍ଧା,୨୮।୬(ପ୍ରଭାତ ପାଣିଗ୍ରାହୀ)

ସନ୍‌ସାଇନ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଖୋର୍ଦ୍ଧା ସ୍ଥିତ ହୋଟେଲ ନୟନ ପ୍ଲାଜାଠାରେ ହୃଦରୋଗ ସମ୍ବନ୍ଧୀୟ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସନସାଇନ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଆଲୋକ ଲୋଧ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ହୃଦରୋଗ ବିଶେଷଜ୍ଞ ଡା.ରିତେଶ ଆଚାର୍ଯ୍ୟ ଏବଂ ଡା.ଶତୋଙ୍କ ଦାସ ହୃଦରୋଗର କାରଣ ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସନସାଇନ ହସ୍ପିଟାଲର ଡିଜିଏମ୍ ସନ୍ଦୀପ ପୃଷ୍ଟି, ପିଆରଓ ଅକ୍ଷୟ ଦାଶଙ୍କ ତତ୍ତ୍ୱାବଧାନରେ ଏହି ଆଲୋଚନାଚକ୍ରରେ ସୁମିତ ମଙ୍ଗରାଜ ଏବଂ ଦେବାଶିଷ ମିଶ୍ର ସଂଯୋଜନା କରିଥିଲେ।

### ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ଫୁଲନଖରା,୨୮।୬(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଜଗନ୍ନାଥ କଲୋନୀରେ ଶୁକ୍ରବାର ସକାଳେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଛି। ଉକ୍ତ କଲୋନୀରେ ରହୁଥିବା ଅଞ୍ଜୁଲତା ବେହେରା ନାମ୍ନୀ ମହିଳା ଶୁକ୍ରବାର ପ୍ରାତଃ ୫ଟାରେ କିଛି ଦୂରରେ ଥିବା ଗଛରୁ ଫୁଲ ତୋଳି ଫେରୁଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ପରେ ଦୁର୍ବୃତ୍ତମାନେ ଅଞ୍ଜୁଲତାଙ୍କ ବେକରୁ ଚେନ୍ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏନେଇ ଅଞ୍ଜୁଲତା ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଶ୍ରମିକଙ୍କ ବଦଳରେ ମେଶିନ କରିଛି କାମ

## ତଦନ୍ତ ଦାବିକଲେ ଜବ୍‌କାର୍ଡଧାରୀ

ବେଗୁନିଆ,୨୮।୬(ହରପ୍ରସନ୍ନ ପଣ୍ଡା)



ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଧୀନରେ ଗ୍ରାମୀଣ ଆର୍ଥିକ ଅନଗ୍ରସର ଶ୍ରମିକମାନଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇଦେବା ଲକ୍ଷ୍ୟ ବାଟବଣା ହୋଇଛି। ଜବ୍‌କାର୍ଡଧାରୀ ଶ୍ରମିକଙ୍କ ବଦଳରେ ମେଶିନ ଦ୍ୱାରା କାମ କରାଯାଇଛି। ଏଭଳି ବ୍ୟତିକ୍ରମ ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଉକ୍ତ ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏକ କ୍ଷେତ ପୋଖରୀ ନିର୍ମାଣ ପାଇଁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ କାର୍ଯ୍ୟ ଆରମ୍ଭରୁ ମେଶିନ ଦ୍ୱାରା କରାଯାଇଥିଲା। ଫଳରେ ଗ୍ରାମର ଜବ୍‌କାର୍ଡଧାରୀ ଶ୍ରମିକ କାର୍ଯ୍ୟ ନ ପାଇ ହାତବାନ୍ଧି ବସିଥିଲେ। ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ କୋଣସି ସୁଫଳ ମିଳି ନ ଥିଲା। ଉକ୍ତ ପ୍ରକଳ୍ପ କାର୍ଯ୍ୟର କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ଜଣଙ୍କ ସ୍ଥାନୀୟ ଅଠରାଙ୍ଗ ଓ ବାଦବାରବାଟୀ ଗ୍ରାମର କେତେଜଣ ଜବ୍‌କାର୍ଡଧାରୀଙ୍କ ନାମରେ ଟଙ୍କା ଉଠାଇ ଆତ୍ମସାତ୍ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ତେବେ ଅନ୍ୟ ଗ୍ରାମର ଶ୍ରମିକଙ୍କ ନାମରେ କିପରି ଟଙ୍କା ଉଠାଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଉକ୍ତ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ପାଟଣା ଗ୍ରାମସ୍ଥିତ ବଣିଆସାହି ବାରିତଳ ପୋଖରୀ କାର୍ଯ୍ୟ ପାଇଁ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଜବ୍‌କାର୍ଡଧାରୀ ଶ୍ରମିକଙ୍କ ବଦଳରେ ମେଶିନ ଦ୍ୱାରା କରାଯାଇଛି। ଉକ୍ତ ପୋଖରୀରୁ ବାହାରିଥିବା ମାଟିକୁ ବିକ୍ରି କରାଯାଇ ଅର୍ଥ ଆତ୍ମସାତ୍ କରାଯାଇଛି ବୋଲି ଅଭିଯୋଗ ପରେ ବ୍ଲକ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ତେବେ ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ଲକ୍ଷ୍ମୀଧର ସାହୁ କହିଛନ୍ତି, ଅଭିଯୋଗ ଆସିବା ପରେ ଆଇନ ଅନୁଯାୟୀ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଗମ୍ଭାରୀମୁଣ୍ଡା ବଜାର ସତ୍‌ସଙ୍ଗ ବିହାର ନିକଟ ରାସ୍ତାରେ ବରଗଛର ଡାଳ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। (ଫଟୋ: ଦିଲୀପ ସ୍ୱାଇଁ)

# ଓଷୁଅ ଲାଗି ନୀତି ଆରମ୍ଭ

ଖୋର୍ଦ୍ଧା,୨୮।୬(ପ୍ରଭାତ ପାଣିଗ୍ରାହୀ)

- ସୁସ୍ଥ ହେଉଛନ୍ତି ଠାକୁର
- ଚାଲିଛି ରଥ ନିର୍ମାଣ

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ), ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା। ଜ୍ୱରରେ କମ୍ପୁଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ)। ଅଣସର ଗୃହରେ ଚାଲିଛି ଉପଚାର। ଶ୍ରୀବିଗ୍ରହଙ୍କ ଶାସ୍ତ୍ରୀୟ ବିଧିରେ ହେଉଛି ଉପଚାର। ଅଣସରର ତୃତୀୟ ଦିବସରେ ଶ୍ରୀଜୀଉଙ୍କ ଓଦାବସ୍ତ୍ର ଫିଟାନୀତି ସମ୍ପନ୍ନ ହୋଇଥିଲା। ସ୍ନାନବେଦିରେ ଅତ୍ୟଧିକ ସ୍ନାନ ଯୋଗୁ ଠାକୁରଙ୍କ ଶ୍ରୀଅଙ୍ଗ ଓଦା ହୋଇଯାଇଛି। ଏହି ଓଦାବସ୍ତ୍ର ଓଲାଗି ପରେ ଅନ୍ୟାନ୍ୟ ନୀତି ଚାଲିଛି। ଅଣସରର ପଞ୍ଚମ ଦିନରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଫୁଲୁରିତେଲ ଲାଗି କରାଯାଇଥିବା ବେଳେ ଶୁକ୍ରବାରଠାରୁ ଓଷୁଅ ଲାଗି ନୀତି ଆରମ୍ଭ ହୋଇଛି। ତିନିଦିନ ଧରି ଠାକୁରଙ୍କ ଓଷୁଅ ଲାଗି କରାଯିବ ବୋଲି ମନ୍ଦିର ମୁଖ୍ୟ ପୂଜକ କମଳ ଲୋଚନ ଦାସ ମହାରାଜ କହିଛନ୍ତି। ଫୁଲୁରିତେଲ ଏବଂ ଓଷୁଅ ଲାଗି ପରେ ଠାକୁର ଧୀରେ ଧୀରେ ସୁସ୍ଥ ହୋଇଥାନ୍ତି। ଦଶମୀରେ ଚକା ବିଜେ, ଏକାଦଶୀରେ ଖଳିଲାଗି ଏକାଦଶୀ, ଚତୁର୍ଦ୍ଦଶୀରେ ବନକଲାଗି, ଜୁଲାଇ ୬ରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ରହିଛି। ୭ ତାରିଖରେ ଘୋଷଯାତ୍ରା ହେବ। ସେପଟେ ରଥ ବିଶ୍ୱକର୍ମା ଅର୍ଜୁନ ମହାରଣାଙ୍କ ତତ୍ତ୍ୱାବଧାନରେ ଚାଲିଛି ରଥ ନିର୍ମାଣ। ଦେବସ୍ନାନ ଦିନ ଚାରି ନାହାକା ଉଠିଥିବା ବେଳେ ଏବେ ଉପରସ୍ତର ପୋଟଳ ଏବଂ ଦୁଆର ବେଢ଼ା କାମ ଚାଲିଛି ବୋଲି ଅର୍ଜୁନ କହିଛନ୍ତି।

କମଳ ଲୋଚନ ଦାସ ମହାରାଜ କୁହନ୍ତି, ଏଠାରେ ପଟିଦିଅଁ ପୂଜା ପରମ୍ପରା ନାହିଁ। ବିଧି ରକ୍ଷାଲାଗି ଅଣସର ଆଗରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଶାଳଗ୍ରାମ ବିଜେ କରନ୍ତି। ଅଣସର ସମୟରେ ସମସ୍ତ ରୀତିନୀତି ପ୍ରକାରେ ମଦନମୋହନଙ୍କ ନିକଟରେ ସମସ୍ତ ନୀତି ସମ୍ପନ୍ନ କରାଯାଏ। ଦ୍ୱାରଫିଟାଠାରୁ ପହୁଡ଼ ପର୍ଯ୍ୟନ୍ତ ସମସ୍ତ ନୀତି କରାଯାଇଥାଏ। ଅନ୍ୟପଟେ ଏହି ମନ୍ଦିରରେ ସ୍ୱତନ୍ତ୍ର ଭାବେ କୌଣସି ସେବାୟତ କିମ୍ବା ପୂଜକ ନାହାନ୍ତି। ଏଠାରେ ରହୁଥିବା ବାବାଜୀମାନେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି କରିଥାନ୍ତି। ଠାକୁରମାନଙ୍କ ସେବାରେ ମୁଖ୍ୟ ପୂଜକ କମଳ ଲୋଚନ ମହାରାଜ, କୃଷ୍ଣଚନ୍ଦ୍ର ଦାସ, ଅଯୋଧ୍ୟା ଦାସ, ଧନେଶ୍ୱର ପଣ୍ଡା ପ୍ରମୁଖ ଏହି ନୀତି ସମ୍ପନ୍ନ କରୁଛନ୍ତି।



ବର୍ଷାଜଳ ନିଷ୍କାସନ ହୋଇ ନ ପାରି ବୋଲଗଡ଼ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଜମି ରହିଛି। (ଫଟୋ: ଦେବବ୍ରତ ହୋତା)

# ପ୍ରବଳ ବର୍ଷାର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

ଖୋର୍ଦ୍ଧା,୨୮।୬(ପ୍ରଭାତ ପାଣିଗ୍ରାହୀ)

- ୫୧ ବହୁମୁଖୀ, ୩୭୯ ବିଦ୍ୟାଳୟ ଆଶ୍ରୟସ୍ଥଳୀ ପ୍ରସ୍ତୁତ
- ଜିରୋ କାଜୁଆଲ୍‌ଟି, ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୨୯ରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ଅଧିକାଂଶ ଜିଲାରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବା ସମ୍ଭାବନା ରହିଛି। ଶନିବାର ଖୋର୍ଦ୍ଧା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ଖୋର୍ଦ୍ଧାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ପାଣିପାଗ ସୂଚନାକୁ ଆଧାରକରି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି ଜିଲାପାଳ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି।

ଏହି ଅବସରରେ ଜିଲାପାଳ କହିଛନ୍ତି, ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ହୋଇଥିଲା। ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯିବ। ଲୋକଙ୍କ ସୁବିଧା ପାଇଁ ଜରୁରିକାଳୀନ ଅତ୍ୟାବଶ୍ୟକ ସେବା, ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଜିଲାରେ ୫୧ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ରହିଥିବା ବେଳେ ଆବଶ୍ୟକସ୍ଥଳେ ୧୦ ବ୍ଲକର ୩୭୯ ବିଦ୍ୟାଳୟରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଆଶ୍ରୟସ୍ଥଳୀ ନିମନ୍ତେ ଜଣେ ନୋଡାଲ ଅଫିସର ଦାୟିତ୍ୱରେ ରହିବେ। ବାତ୍ୟା ଆଶ୍ରୟସ୍ଥଳୀରେ ସର୍ବନିମ୍ନ ସୁବିଧା ଉପଲବ୍ଧ ରହିବ। ଡଙ୍ଗା ମୁତୟନ ଲାଗି ଚିଲିକା ଓ ଟାଙ୍ଗୀ ବିଡିଓ ଡଙ୍ଗା ମାଲିକଙ୍କ ସହ ଯୋଗସୂତ୍ର ରକ୍ଷାକରି ସେମାନଙ୍କ ତାଲିକା ପ୍ରସ୍ତୁତ ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କ ୮ଟି ପାୱାର ବୋଟ୍ ମଧ୍ୟରୁ ଖୋର୍ଦ୍ଧା ବ୍ଲକରେ ୧, ଜଟଣୀ ୧, ବାଲିଅନ୍ତା ୨ ଏବଂ ବାଲିପାଟଣା ବ୍ଲକରେ ୩ଟି ବୋଟ୍ ବ୍ୟବସ୍ଥା ରହିଛି। ଟେଲିଫୋନ ଲାଇନ୍ ଠିକ୍‌ଭାବେ ଯେପରି କାର୍ଯ୍ୟ କରିବ ସେଥିପ୍ରତି ଦୃଷ୍ଟିଦେବାକୁ ଭାରତ ଦୂରସଂଚାର ନିଗମ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୧୭୨୬୪ ନଳକୂପ ମରାମତି, ୫୨୪ ୱାଟର ଟ୍ୟାଙ୍କର ସମ୍ଭାବ୍ୟ ଅଞ୍ଚଳକୁ ପଠାଯିବା ବ୍ୟବସ୍ଥା କରାଯାଇଛି। ଏଥିଲାଗି ଆରଡବ୍ଲ୍ୟୁଏସ୍‌ଏସ୍ ସ୍ଥାନୀୟ ଅଧିକାରୀଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବ। କୃଷିକାର୍ଯ୍ୟ ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ ଲାଗି ଜିଲା କୃଷି ଅଧିକାରୀଙ୍କୁ କୁହାଯାଇଛି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିଲାଗି ୨୭୮୩ ପଲିଥିନ ପ୍ୟାକେଟ୍ ମହଜୁଦ ରହିଛି। ଲୋକଙ୍କୁ ଜରୁରୀ ସହାୟତା ଯୋଗାଇଦେବା ଲାଗି ପର୍ଯ୍ୟାପ୍ତମାତ୍ରାରେ ଚୁଡ଼ା, ଚାଉଳ, ଗୁଡ଼ ଓ କିରୋସିନ ମହଜୁଦ ରଖାଯାଇଛି। ଆପଦ୍‌କାଳୀନ ସମୟରେ ଜିଲାରେ ଥିବା ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ସଜାଗ ରହିବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ଏନ୍‌ଡିଆରଏଫ୍/ଓଡ୍ରାଫ୍ ସହାୟତା ନିମନ୍ତେ ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କୁ ଅନୁରୋଧ କରାଯିବ। ଦୁର୍ବଳ ନଦୀ ଓ କେନାଲ ବନ୍ଧଗୁଡ଼ିକ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳଗୁଡ଼ିକରେ ଯେପରି ବର୍ଷାଜଳ ଜମିବା ସମସ୍ୟା ସୃଷ୍ଟି ନ ହେବ ସେଥିପ୍ରତି ଦୃଷ୍ଟିଦେବାକୁ ବିଏମ୍‌ସି, ପୌର ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଏହାକୁ ୫ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଭ୍ରାମ୍ୟମାଣ ସେବା, ଅସ୍ଥାୟୀ ମେଡିକାଲ କ୍ୟାମ୍ପ, ଡାକ୍ତରୀ ଟିମ୍ ଦ୍ୱାରା ସ୍ୱାସ୍ଥ୍ୟସେବା ଯୋଗାଇବାକୁ କୁହାଯାଇଛି। ଗର୍ଭବତୀଙ୍କୁ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯିବ। ପ୍ରତ୍ୟେକ ପିଏଚ୍‌ସି, ସିଏଚ୍‌ସି ଆବଶ୍ୟକ ଔଷଧ ପ୍ରସ୍ତୁତ ରଖିବେ। ଏଥିଲାଗି ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀଙ୍କ ନମ୍ବର ଜାରି କରାଯାଇଛି। ସିଡିଓ ଆଣ୍ଡ ପିଏଚ୍‌ଓ ଡା. ଜୀବନ ଆଚାର୍ଯ୍ୟ ୯୪୩୯୯୯୪୫୦୨,ଏଡିପିଏଚ୍‌ଓ(ଡିସି) ଡା. ନନ୍ଦିତା ଗୁପ୍ତା ୯୪୩୭୧୯୨୪୬୮, ଭେଷଜ ବିଶେଷଜ୍ଞ ଡା. ବିଶ୍ୱଜିତ ପାଢ଼ୀ ୯୪୩୭୧୯୨୪୬୮ଙ୍କ ସମେତ ସମସ୍ତ ସିଏଚ୍‌ସିର କଣ୍ଟ୍ରୋଲ ରୁମ୍ ନମ୍ବର ଜାରି କରାଯାଇଛି। ଯେକୌଣସି ସମୟରେ କେହି ବି ଏହି ନମ୍ବରରେ ଯୋଗାଯୋଗ କରି ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିପାରିବେ। ଏଥିସହ ପ୍ରଭାବିତ ଅଞ୍ଚଳରେ ଜୀବଜନ୍ତୁ, ପଶୁଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଜିଲା ପ୍ରାଣୀଧନ ମୁଖ୍ୟ ଚିକିତ୍ସାଧିକାରୀ ସମସ୍ତ ଚିକିତ୍ସା ଉପଲବ୍ଧ କରାଇବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

### ସଫେଇ ହେଉନି ମଙ୍ଗଳଜିତ ନାଳ

ଟାଙ୍ଗୀ,୨୮।୬(ରଘୁନାଥ ସାହୁ)

ଟାଙ୍ଗୀ ଅଞ୍ଚଳର ଚାଷୀମାନେ ମଙ୍ଗଳଜିତ ଡ୍ୟାମ୍ ଉପରେ ନିର୍ଭର କରିଥାନ୍ତି। ଦୀର୍ଘଦିନ ପରେ ମଧ ଏହି ଡ୍ୟାମ୍‌ର ସମ୍ପ୍ରସାରଣ ହୋଇପାରିନାହିଁ। ଫଳରେ ଏହାର ଜଳଧାରଣ କ୍ଷମତା ସଙ୍କୁଚିତ ହୋଇଯାଇଛି। ଏହି ଡ୍ୟାମ୍‌ରୁ ବାହାରିଥିବା ନାଳ ସଫେଇ କରାଯାଉନାହିଁ। ଫଳରେ ବର୍ଷାଜଳ ବନ୍ଧ ବାଡ଼ ଭାଙ୍ଗିବାର ସମ୍ଭାବନା ରହିଛି। ପ୍ରତ୍ୟେକ ବର୍ଷ ବର୍ଷାଦିନ ପୂର୍ବରୁ ନାଳକୁ ଜଳସେଚନ ବିଭାଗ ପକ୍ଷରୁ ସଫେଇ କରାଯାଇଥାଏ, କିନ୍ତୁ ଚଳିତ ବର୍ଷ ଏହାର ବ୍ୟତିକ୍ରମ ଦେଖାଦେଇଛି। ତୁରନ୍ତ ନାଳ ସଫା କରିବାକୁ ଚାଷୀମାନେ ଦାବି କରିଛନ୍ତି।

### ଇଡ୍‌କୋକୁ ଜମି ହସ୍ତାନ୍ତର କରାଗଲେ ଆନ୍ଦୋଳନ ଚେତାବନୀ

ବୋଲଗଡ଼,୨୮।୬(ଦେବବ୍ରତ ହୋତା)

ବୋଲଗଡ଼ ତହସିଲ ଅନ୍ତର୍ଗତ ଗେଡ଼ିଆପଲ୍ଲୀ ପଞ୍ଚାୟତର ସାହସପୁର ଓ ଅନ୍ୟାନ୍ୟ ମୌଜାରେ ଥିବା ଏକର ଏକର ଗୋଚର ଜମିକୁ ଲିଜ୍ ସୂତ୍ରରେ ଅଧିଗ୍ରହଣ କରି ନିଜ ଲ୍ୟାଣ୍ଡବ୍ୟାଙ୍କରେ ଅନ୍ତର୍ଭୁକ୍ତ କରିବାକୁ ଇଡ୍‌କୋ ଆବେଦନ କରିଛି। ତେବେ ଏହି ଗୋଚର କିସମର ଜମି ଲିଜ୍ ପାଇଁ ପ୍ରଯୁଜ୍ୟ ନ ଥିବାରୁ ଏହାର କିସମ ପରିବର୍ତ୍ତନ କରି ଉକ୍ତ ସଂସ୍ଥାକୁ ଦେବା ପାଇଁ ବୋଲଗଡ଼ ତହସିଲଦାର ସମ୍ପୃକ୍ତ ଅଞ୍ଚଳରେ ବିଜ୍ଞପ୍ତି ଜାରିକରି ଆପତ୍ତି ଅଭିଯୋଗ ଆହ୍ୱାନ କରିଛନ୍ତି। ଜୀବନଜୀବିକା ଓ ଚଳପ୍ରଚଳରେ ବାଧା ସୃଷ୍ଟିହେବା ଆଶଙ୍କା ପ୍ରକାଶକରି ଉକ୍ତ ପଞ୍ଚାୟତ ଅନ୍ତର୍ଗତ ପାଇକରାପୁର, ଗେଡ଼ିଆପଲି, ଗଉଡ଼ନୂଆଗାଁ, ସାହସପୁର ଓ ପାଟଣା ଗ୍ରାମବାସୀ ବିରୋଧ କରିଛନ୍ତି। ଉକ୍ତ ଜମି ହସ୍ତାନ୍ତର ନ କରିବାକୁ ଗ୍ରାମବାସୀ ତହସିଲଦାରଙ୍କୁ ନିବେଦନ କରିଛନ୍ତି। ଚାଷୀ ସୁରେଶ ମାନ୍‌ସିଂହ, କାହ୍ନୁ ବେହେରା, ସୁଶାନ୍ତ ବେହେରା, ରାଜେଶ ପ୍ରଧାନ, ବସନ୍ତ ବେହେରା, ପୂର୍ଣ୍ଣ ବେହେରା ଏବଂ ଅନ୍ୟମାନଙ୍କ ସମେତ ସ୍ଥାନୀୟ ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା, ନାଏବ ସରପଞ୍ଚ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଆପତ୍ତି କରି ଇଡ୍‌କୋକୁ ଜମି ହସ୍ତାନ୍ତର କରାଗଲେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ସହ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ନିବେଦିତା ପରିଡ଼ା କହିଛନ୍ତି, ଏହି ପ୍ରସ୍ତାବିତ ଜମି ହସ୍ତାନ୍ତରଣ ପାଇଁ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କ ନିକଟରୁ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଇଛି। ତେବେ ଲୋକଙ୍କ ସହ ଆଲୋଚନା ପରେ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ।

# ବାଣପୁର ରଥଯାତ୍ରା ପ୍ରସ୍ତୁତି ବୈଠକ ସ୍ଥଗିତ

## ଆସିଲେନି ପ୍ରଶାସନିକ ଅଧିକାରୀ

ବାଣପୁର,୨୮।୬(ଦିଲୀପ ସ୍ୱାଇଁ)

ବାଣପୁରର ଶ୍ରୀରଙ୍କନାଥ ଦେବ ଏବଂ ଶ୍ରୀଚରଣ ଚକାଦେବଙ୍କ ରଥଯାତ୍ରା ପ୍ରତିବର୍ଷ ହୋଇଥାଏ। ରଥଯାତ୍ରାକୁ ଶୃଙ୍ଖଳିତ ପରିଚାଳନା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ଶୁକ୍ରବାର ପ୍ରସ୍ତୁତି ତଥା ସମନ୍ୱୟ ବୈଠକ ପାଇଁ ଚିଠି ମାଧ୍ୟମରେ ଡକାଯାଇଥିଲା। ତେବେ ରଥଯାତ୍ରା କମିଟିର କର୍ମକର୍ତ୍ତା, ବିଭିନ୍ନ ବ୍ୟବସାୟୀ ସଙ୍ଗଠନର ପ୍ରତିନିଧି, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ ଏବଂ ଅଗ୍ନିଶମ ବାହିନୀର ପ୍ରତିନିଧିଙ୍କ ବ୍ୟତୀତ କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିଲେ। ଫଳରେ ବୈଠକକୁ ସ୍ଥଗିତ ରଖାଯାଇଥିଲା। ଯୋଗଦେଇଥିବା ବ୍ୟକ୍ତିବିଶେଷ ନିରାଶ ହୋଇ ଫେରିଥିଲେ। ଏନେଇ ଅଧ୍ୟକ୍ଷ ନାୟକ କହିଛନ୍ତି, ପ୍ରଶାସନିକ ଅଧିକାରୀମାନେ କାହିଁକି ବୈଠକକୁ ଆସିଲେନାହିଁ ତାହା ଜାଣିନାହିଁ। ରଥଯାତ୍ରାରେ କୌଣସି ଅଘଟଣ ଘଟିଲେ ପ୍ରଶାସନ ଦାୟୀ ରହିବ। ଅନ୍ୟପକ୍ଷରେ ଏ ସମ୍ପର୍କରେ ତହସିଲଦାର ଟି. ପଦ୍ମନାଭ ଦୋରା କହିଛନ୍ତି, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଯୋଗୁ ବୈଠକରେ ଯୋଗଦେଇ ପାରିବିନି ବୋଲି ଅବଗତ କରାଇଛି। ଅନ୍ୟପକ୍ଷରେ ଉକ୍ତ ବୈଠକ ସମ୍ପର୍କରେ ଜାଣିନାହାନ୍ତି ବୋଲି ବାଣପୁର ଥାନା ଅଧିକାରୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଛନ୍ତି।

# ବେଆଇନ ବ୍ଲାଷ୍ଟିଂ, କଟକଣା ନାହିଁ

## ବଢୁଛି ମାଙ୍କଡ଼ା ପଥର, ମୋରମ ଚାଲାଣ

ବେଗୁନିଆ,୨୮।୬(ହରପ୍ରସନ୍ନ ପଣ୍ଡା)




ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ବେଆଇନ ଭାବେ ପାହାଡ଼ ଖନନ ସହ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ବଢ଼ିଚାଲିଛି। ମାଫିଆମାନେ କମ୍ପ୍ରେସର ସାହାଯ୍ୟରେ ଆମୋନିୟମ ସାର, ବାରୁଦ, ଡିନାମାଇଟ ଓ ଜିଲୋଟିନ୍ ବ୍ୟବହାର କରି ପାହାଡ଼ରେ ବ୍ଲାଷ୍ଟିଂ କରିବା ସହ ଖନନ କରୁଛନ୍ତି। ତେବେ ପ୍ରଶାସନିକ କଟକଣା ନ ଥିବାରୁ ସିକୋ, ଦେଉଳି, ପରିଛଳ, ରାଉତପଡା ଏବଂ କୁଞ୍ଜୁରି ପଞ୍ଚାୟତ ଅଞ୍ଚଳରେ ଥିବା ଶହ ଶହ ଏକର ପାହାଡ଼ରେ ବ୍ଲାଷ୍ଟିଂ ବଢ଼ିଚାଲିଛି। ଅନ୍ୟପକ୍ଷରେ ଦେଉଳି ଏବଂ ସିକୋ ପଞ୍ଚାୟତ ଅଞ୍ଚଳରେ କ୍ରସର ସଂଖ୍ୟା ମଧ ବଢ଼ିଚାଲିଛି। ସେହିପରି ଡିଙ୍ଗର, ରାଉତପଡ଼ା, ଦୁର୍ଗାପୁର, ଦେଉଳି, ପରିଛଳ, କୁଞ୍ଜୁରି, ହଜ, ଶଗଡ଼ଭଙ୍ଗା, ସିକୋ ଆଦି ପଞ୍ଚାୟତ ଅଞ୍ଚଳରେ ବେଆଇନ ମୋରମ ଓ ମାଙ୍କଡ଼ା ପଥର ଖଣି ଉପରେ ମାଫିଆମାନଙ୍କର ଲୋଲୁପ ଦୃଷ୍ଟି ପଡ଼ିଛି। କଟକଣା ନ ଥିବାରୁ ଏହାର ଆକାର ବୃଦ୍ଧି ପାଇବାରେ ଲାଗିଛି ବୋଲି ସାମାଜିକ କର୍ମୀ ଅକ୍ଷୟ ରଥ କହିଛନ୍ତି। ପ୍ରତିଦିନ ଟ୍ରକ୍‌ରେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ହେଉଛି। ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି। ଅନ୍ୟପକ୍ଷରେ କାଠ ମାଫିଆମାନେ ପାହାଡ଼ ଉପରେ ଥିବା ଗଛଲତା କାଟି ନେଉଛନ୍ତି। ଫଳରେ ଗାଁମୁହାଁ ହେଉଛନ୍ତି ଜୀବଜନ୍ତୁ। ଗଛ କାଟି ରାସ୍ତାକୁ ପ୍ରଶସ୍ତୀକରଣ କରାଯାଉଛି। ଏହାର ବିକଳ୍ପରେ ଚାରା ରୋପଣ ସେଭଳି କରାଯାଉନାହିଁ ବୋଲି ଯୁବ ସଚେତକ ଶିବ କୁମାର ମୁନି କହିଛନ୍ତି। ପରିଛଳ, ଖଡ଼ିପଦର ଏବଂ ଡଙ୍ଗରପଡ଼ା ମୌଜାରେ ଥିବା ପାହାଡ଼କୁ ମାଫିଆମାନେ ବ୍ଲାଷ୍ଟିଂକରି ମାଟିରେ ମିଶାଇ ଦେବାକୁ ବସିଛନ୍ତି। ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ତହସିଲଦାର ତାପସ ବିସି କହିଛନ୍ତି, ଚଢ଼ାଉ ବେଳେ ଗାଡ଼ି ଜବତ ସହ ଜରିମାନା ଆଦାୟ ହେଉଛି। ଆଇନ ଅନୁଯାୟୀ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି।

## ସଂକ୍ଷେପରେ

### ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ହେବ ୩ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ

ପୁରୀ, ୨୮।୬(ଅଜିତ୍ କୁମାର ମହାନ୍ତି)

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ କଲଚରାଲ ଡେଭଲମେଣ୍ଟ ଫାଉଣ୍ଡେଶନ ଏବଂ ଆଇଏଲ୍ଏସିଏଟି ଗ୍ଲୋବାଲ ୟୁନିଭର୍ସିଟିର ମିଳିତ ଆନୁକୂଲ୍ୟରେ ମେଗା ସୁନ୍ଦର ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଏକ ଖବରଦାତା ସମ୍ମିଳନୀରେ ସଭାପତି ଡ. ଉପେନ୍ଦ୍ର ଶର୍ମା, ଉପସଭାପତି ରାମକୃଷ୍ଣ ମହାପାତ୍ର, ଶରତ ମହାନ୍ତି, ସବିତା ହରିଚନ୍ଦନ ଏବଂ ଅର୍ପିତା ଚାଟାର୍ଜୀ ପ୍ରମୁଖ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ କୋଲକାତା, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ସମେତ ଦେଶର ୯ଟି ରାଜ୍ୟରୁ ପ୍ରାୟ ୧୫୦ରୁ ଅଧିକ କଳାକାର ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଆମ କଳା ସଂସ୍କୃତିକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏଥିସହ ୩୦ ତାରିଖରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଆ ଯାତ୍ରା ଜଗତର ବରିଷ୍ଠ ଅଭିନେତା ନୀର ସ୍ୱାଇଁଙ୍କୁ ସମ୍ମାନିତ କରାଯିବ। ଯାତ୍ରା ଅଭିନେତା ରାଜେନ୍ଦ୍ର ପତିଙ୍କୁ ଯାତ୍ରା ମଉଡ଼ମଣି, ଦକ୍ଷ ଯାତ୍ରା ପରିଚାଳକ ଭାନୁ ମିଶ୍ରଙ୍କୁ ଯାତ୍ରା ସୌଦାଗର ସମ୍ମାନ, ନାଟ୍ୟ ନିର୍ଦ୍ଦେଶକ ରାମକୃଷ୍ଣ ମହାପାତ୍ରଙ୍କୁ ନାଟ୍ୟ ଜ୍ୟୋତି ଏବଂ ବିଶିଷ୍ଟ କଳା ନିର୍ଦ୍ଦେଶକ ଶରତ ମହାନ୍ତିଙ୍କୁ କଳା ଶିରୋମଣି ସମ୍ମାନରେ ସମ୍ମାନିତ କରାଯିବ। ସାରା ଦେଶରେ କଳା କ୍ଷେତ୍ରରେ ଯଶସ୍ୱୀ ଲାଭ କରିଥିବା କଳାକାର ଓ ଦର୍ଶକଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ଦୋକାନରେ ଅଗ୍ନିକାଣ୍ଡ

- ଜଳିଗଲା ଲକ୍ଷାଧିକ ଟଙ୍କାର ଆସବାବପତ୍ର

ଅସ୍ତରଙ୍ଗ,୨୮।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅଧୀନ ତାଳଦାରେ ଥିବା ଶ୍ରୀ ବାର୍ ଆଣ୍ଡ ରେଷ୍ଟୁରାଣ୍ଟରେ ଗୁରୁବାର ରାତିରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗୁରୁବାର ରାତ୍ରରେ ରେଷ୍ଟୁରାଣ୍ଟ କର୍ମଚାରୀ ଦୋକାନ ବନ୍ଦକରି ଶୋଇଥିବାବେଳେ ହଠାତ୍ ରାତ୍ର ୪ଟାରେ ରେଷ୍ଟୁରାଣ୍ଟ ଅନ୍ଧକାର ମଧ୍ୟରେ ଧୂଆଁମୟ ହୋଇଯାଇଥିଲା। କର୍ମଚାରୀ ବାହାରକୁ ଆସି ବିଦେଶୀ ମଦ ଷ୍ଟକ୍ କାଉଣ୍ଟର ମଧ୍ୟରେ ଅଗ୍ନିକାଣ୍ଡ ଘଟିଥିବା ଦେଖିଥିଲେ। ନିଆଁର ପ୍ରକୋପ ଏତେ କ୍ଷୀପ୍ର ଥିଲା ଯେ ଅଳ୍ପ ସମୟ ମଧ୍ୟରେ କାଉଣ୍ଟର ମଧ୍ୟରେ ଥିବା ବିଦେଶୀ ମଦ ଷ୍ଟକ୍ ମାଲ୍‌ର କାଚ ଫାଟିବା ସହ ୨ଟି ରେଫ୍ରିଜରେଟର, ଗୋଟେ ଏସି, କ୍ୟାଶ୍ କାଉଣ୍ଟ ମେଶିନ, ପ୍ରିଣ୍ଟର, କମ୍ପ୍ୟୁଟର ଓ ବାରକୋଡ୍ ସ୍କାନର ସହ ଅନେକ ଆସବାବପତ୍ର ପୋଡ଼ିଯାଇଥିଲା। ଖବର ପାଇ ନିକଟ ବାଲିକୁଦା ଅଗ୍ନିଶମ ବାହିନୀ ଶୁକ୍ରବାର ଭୋର ୫ଟା ୩୦ ମିନିଟ୍‌ରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନିଆଁଲିଭା କାର୍ଯ୍ୟରେ ଅଗ୍ନିଶମ ବାହିନୀର ଇନ୍‌ଚାର୍ଜ ଅଫିସର ଭୀମସେନ ବରାଳ, ଆଗ୍ନିକ ନିରଞ୍ଜନ ରାଉତ, ଆଲୋକ ଭଞ୍ଜ, ପରମେଶ୍ୱର ସାମନ୍ତରାୟ, ଉମେଶ ରାଉତ, ବିଭୂତି ପରିଡ଼ା ଓ ଜିତେନ୍ଦ୍ର ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ହତ୍ୟା: ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ଡେଲାଙ୍ଗ,୨୮।୬(ରଶ୍ମିରଞ୍ଜନ ପ୍ରଧାନ)



ଡେଲାଙ୍ଗ-ଖୋର୍ଦ୍ଧା ରାସ୍ତାର ଲୁଣାନଦୀ ସେତୁ ଉପରେ ମୃତଦେହ ରଖି ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି ।

ଦିନ ଦ୍ୱିପ୍ରହରେ ରାସ୍ତା ଉପରେ ଜଣେ ଯୁବକଙ୍କୁ ଗୁରୁବାର ଗୁଳିକରି ହତ୍ୟା କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ହତ୍ୟା ଘଟଣା ପ୍ରତିବାଦରେ ଉକ୍ତ ଯୁବକଙ୍କ ମୃତଦେହକୁ ଶୁକ୍ରବାର ଡେଲାଙ୍ଗ-ଖୋର୍ଦ୍ଧା ରାସ୍ତାର ଲୁଣାନଦୀ ସେତୁ ଉପରେ ରଖି ଟାୟାର ଜାଳି ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଓ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ଦାବିରେ ଆନ୍ଦୋଳନ କରିଥିଲେ। ଖବରପାଇ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲା ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ହେଲେ ଆନ୍ଦୋଳନକାରୀ ଜିଦ୍ ଧରି ରାସ୍ତା ଉପରେ ବସି ରହିଥିଲେ। ଅନେକ ଆଲୋଚନା ପରେ ମୃତକଙ୍କ ସ୍ତ୍ରୀଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା, ପରିବାର ପ୍ରତିପୋଷଣ କରିବାକୁ ତାଙ୍କ ସ୍ତ୍ରୀଙ୍କୁ ନିଯୁକ୍ତି ଓ ଶବ ସତ୍କାର ଲାଗି ବିଧାୟକ ୧୦ ହଜାର ଟଙ୍କା ଦେବାରୁ ରାତି ୮ଟାରେ ରାସ୍ତା ଅବରୋଧ ହଟିଥିଲା।

ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ୧ଟା ବେଳେ ରାମଚନ୍ଦ୍ରପୁର ଗ୍ରାମର ବାବୁ ମଲ୍ଲିକ ଡେଲାଙ୍ଗ ହାଟ ବଜାରରୁ ସାଇକେଲ ଦୋକାନ ବନ୍ଦକରି ଘରକୁ ଫେରୁଥିଲେ। ହେଲେ ହାଟବଜାରସ୍ଥିତ ଲୁଣାନଦୀ ସେତୁ ଉପରେ ସେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନେଇ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ପୂର୍ବରୁ ତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ସାମାଜିକ ଗଣମାଧ୍ୟମରେ ମୋବାଇଲକୁ ମୋବାଇଲ ଭାଇରାଲ ହେବାରେ ଲାଗିଥିଲା। ଗୁରୁବାର ବିଳମ୍ବିତ ରାତିରେ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରିୟଙ୍କା ସିଂ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗରେ ପ୍ରିୟଙ୍କାଙ୍କ ବାପା ଓ ଭିଣୋଇ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିବା ଉଲ୍ଲେଖ ରହିଛି। ତେବେ ପ୍ରିୟଙ୍କା ସବର୍ଣ୍ଣ ଜାତିର ହୋଇଥିବାବେଳେ ସେ ସେହି ଗ୍ରାମର ଜଣେ ଦଳିତ ଯୁବକଙ୍କୁ ଭଲପାଇ ବିବାହ କରିଥିଲେ। ତାଙ୍କର ୨ ବର୍ଷର ଏକ ଝିଅ ରହିଛି। ପ୍ରିୟଙ୍କା ଅନ୍ୟ ଜାତିରେ ବିବାହ କରିବା ପରଠାରୁ ୨ ପରିବାର ମଧ୍ୟରେ ତିକ୍ତତା ଲାଗିରହିଥିଲା। ଏହି ରାଗ ରଖି ବାପା ବିରଞ୍ଚି ସିଂଙ୍କ ପ୍ରରୋଚନାରେ ଭଦ୍ରକ ଜିଲା ସମଲେଇପୁର ଅଞ୍ଚଳର ଭିଣୋଇ ଦୀପକ ସିଂ ଓ ତାଙ୍କ ସହଯୋଗୀ ମିଶି ବାବୁଙ୍କୁ ବନ୍ଧୁକରେ ଗୁଳି କରିବା ଓ ଲୁହା ରଡ଼ରେ ପିଟି ହତ୍ୟା କରିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଶୁକ୍ରବାର ଭୁବନେଶ୍ୱରରୁ ମୃତଦେହ ଘରକୁ ଫେରିବା ପରେ ଲୁଣାନଦୀ ସେତୁନିକଟରେ ରାସ୍ତା ଅବରୋଧ କରାଯାଇଥିଲା। ଦୀର୍ଘ ୩ ଘଣ୍ଟା ଧରି ଅବରୋଧ କରାଯିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଭାରିଯାନ, ଯାତ୍ରୀବାହୀ ବସ୍ ସମେତ ଶହ ଶହ ଗାଡ଼ି ଅଟକି ରହିଥିଲା। ଫଳରେ ଯାତାୟାତରେ ସମସ୍ୟା ଉପୁଜିଥିଲା। ଅନ୍ୟପଟେ ଡେଲାଙ୍ଗ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

### ମୁମୂର୍ଷୁ ଅବସ୍ଥାରେ ଯୁବକ ଉଦ୍ଧାର ଘଟଣା



ବିଭିନ୍ନ ଦାବି ନେଇ ଇଷ୍ଟକୋଷ୍ଟ ରେଲ୍‌ୱେ ପୋର୍ଟର୍ସ ୟୁନିୟନ ତରଫରୁ ଶୁକ୍ରବାର ପୁରୀ ଷ୍ଟେଶନ ମ୍ୟାନେଜରଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ବିଭିନ୍ନ ଦାବି ନେଇ ଇଷ୍ଟକୋଷ୍ଟ ଲେଲ୍‌ୱେ ପୋର୍ଟର୍ସ ୟୁନିୟନର ବିକ୍ଷୋଭ

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ବିଭିନ୍ନ ସମସ୍ୟାର ପ୍ରତିକାର ଓ ଦାବି ନେଇ ଇଷ୍ଟକୋଷ୍ଟ ରେଲୱେ ପୋର୍ଟର୍ସ ୟୁନିୟନ ତରଫରୁ ଶୁକ୍ରବାର ପୁରୀ ଷ୍ଟେଶନ ମ୍ୟାନେଜରଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। କୁଲିମାନେ ଏଆଇଟିୟୁସିର ବ୍ୟାନର ସହ ପ୍ଲାକାର୍ଡ ଓ ପତାକା ହାତରେ ଧରି ଷ୍ଟେଶନ ମ୍ୟାନେଜରଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବିଜୟ ଜେନା, ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ ଓ ୟୁନିୟନର କାର୍ଯ୍ୟକାରୀ ସଭାପତି ସୁର ଜେନା ଉଦ୍‌ବୋଧନ ଦେଇ କହିଥିଲେ, କୁଲିମାନେ ଭାରତୀୟ ରେଲୱେର ସର୍ବପୁରାତନ ଅଙ୍ଗ ଓ ପ୍ରତୀକ। ବିଗତ ବର୍ଷଗୁଡ଼ିକରେ ରେଲୱେର ବିଭିନ୍ନ ବିକାଶ ସହିତ ବନ୍ଦେ ଭାରତ ଭଳି ଟ୍ରେନ ପ୍ରଚଳନ କରାଯାଇଥିଲେ ସୁଦ୍ଧା କୁଲିମାନଙ୍କ ଅବସ୍ଥାର ପରିବର୍ତ୍ତନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। କରୋନା ମହାମାରୀ ସମୟରେ ବୃଦ୍ଧି କରାଯାଇଥିବା ଯାତ୍ରୀଭଡ଼ାକୁ ବଦଳାଇ ପୂର୍ବାବସ୍ଥାକୁ ଫେରାଇ ଅଣାଯାଉ। ପାର୍ସଲ ହ୍ୟାଣ୍ଡଲିଂ କାର୍ଯ୍ୟର ଘରୋଇକରଣ ବନ୍ଦ କରି ଷ୍ଟେଶନ କୁଲିଙ୍କୁ ଏହି କାର୍ଯ୍ୟ ଦିଆଯାଉ। ବ୍ୟାଟେରି ଟ୍ରଲିରେ ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧ, ଗର୍ଭବତୀଙ୍କୁ ସେବା ଯୋଗାଇବା ପରିବର୍ତ୍ତେ ଯାତ୍ରୀଙ୍କ ଆସବାବପତ୍ର ବୋହିନେବା ଦ୍ୱାରା କୁଲିଙ୍କ ଜୀବିକା ଉଚ୍ଛେଦ ହେଉଛି। ତେଣୁ ଏହା ବନ୍ଦ କରାଯାଉ। ସ୍ୱାସ୍ଥ୍ୟ ବୀମା ଓ ଚିକିତ୍ସା ସହାୟତାରେ କୁଲି ଓ ସେମାନଙ୍କ ପରିବାରବର୍ଗଙ୍କୁ ସାମିଲ କରାଯାଉ। ରେଲୱେ ଡାକ୍ତରଖାନାରେ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉ। କୁଲିଙ୍କ ପିଲାଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରାଯାଉ। ପ୍ରତ୍ୟେକ କୁଲିଙ୍କୁ ବର୍ଷକୁ ଦୁଇହଳ ପୋଷାକ ଓ ନାମ ଉଲ୍ଲେଖ ଥିବା ବ୍ୟାଚ୍ ଦିଆଯାଉ। କୁଲିଙ୍କୁ ମାସିକ ଦରମା ଓ ଇପିଏଫ ସୁବିଧା ଯୋଗାଇ ଦିଆଯାଉ। କୁଲିମାନଙ୍କୁ ପଦୋନ୍ନତି ଦିଆଯାଉ ବୋଲି ଦାବି କରାଯାଇଛି। ଶିବ ବେହେରା, ପଞ୍ଚାନନ ସାହୁ, ମୁରଲୀ ରେଡ୍ଡୀ, ଟି. ଗଣେଶ୍ୱର ରେଡ୍ଡୀ, ବସନ୍ତ କୁମାର ବେହେରା, ଟି. ଜଗନ୍ନାଥ ରେଡ୍ଡୀ, ନରସିଂହ ରେଡ୍ଡୀ, ହିମାଂଶୁ କୁମାର ରଣସିଂହ ଏବଂ ଟି. ଗୋବିନ୍ଦ ରେଡ୍ଡୀ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

# ଅପହରଣର ସାଢ଼େ ୩ ମାସ ପରେ ନାବାଳିକା ଉଦ୍ଧାର

ନିମାପଡ଼ା,୨୮।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟାଙ୍କ ଅପହରଣର ସାଢ଼େ ୩ ମାସ ପରେ ନିମାପଡ଼ା ପୋଲିସ ଚଢ଼ାଉ କରି ଗୁରୁବାର ରାତିରେ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ଯୁବକଙ୍କୁ ଗିରଫ କରି ପୁରୀ ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଚନ୍ଦନପୁର ଥାନା ଅଧୀନ କମାଶାସନ ଗ୍ରାମର ସତ୍ୟନାରାୟଣ ସେଠୀ(୨୦)। ପୋଲିସ ନାବାଳିକା ଓ ଯୁବକଙ୍କ ଡାକ୍ତରୀମାଇନା କରାଇଛି। ଏନେଇ ପୋଲିସ ଦଫା ୩୬୩, ୩୬୬, ୩୭୬(୩), ୯ ପିସିଏସ୍ ୪ ପୋକ୍‌ସୋ ଆକ୍ଟରେ କେସ୍ ନଂ.୭୮/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଅପହରଣକାରୀ ଯୁବକ ଗିରଫ

ପ୍ରକାଶ ଯେ, ଉକ୍ତ ନାବାଳିକାଙ୍କୁ ସତ୍ୟନାରାୟଣ ବିଭିନ୍ନ ପ୍ରଲୋଭନ ଦେଖାଇ ମନ୍ଦ ଉଦ୍ଦେଶ୍ୟ ରଖି, ମିଥ୍ୟା ପ୍ରତିଶ୍ରୁତି ଦେଇ ଗତ ମାର୍ଚ୍ଚ ୪ରେ ଅପହରଣ କରିନେଇଥିଲେ। ଏ ନେଇ ଅପହୃତାଙ୍କ ବାପା ପରଦିନ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ।

# କୃଷିମିତ୍ର, ପ୍ରାଣୀମିତ୍ରଙ୍କୁ ପାରିଶ୍ରମିକ ପ୍ରଦାନ ପାଇଁ ଦାବିପତ୍ର


କୃଷିମିତ୍ର ଓ ପ୍ରାଣୀମିତ୍ର ମହାସଂଘ ପକ୍ଷରୁ ବ୍ଲକ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସାକ୍ଷୀଗୋପାଳ,୨୮।୬(ଭରତ ରାଉତ)

ସତ୍ୟବାଦୀ ବ୍ଲକରେ ନିଯୁକ୍ତି ପାଇଥିବା କୃଷିମିତ୍ର ଓ ପ୍ରାଣୀମିତ୍ର ମହାସଂଘ ପକ୍ଷରୁ ସେମାନଙ୍କୁ ତୁରନ୍ତ ସେମାନଙ୍କ ପାରିଶ୍ରମିକ ପ୍ରଦାନ କରିବାକୁ ବ୍ଲକ ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ୨୦୨୦ରେ ପ୍ରତି ପଞ୍ଚାୟତରେ ୫ ଜଣ କୃଷିମିତ୍ର ଓ ପ୍ରାଣୀମିତ୍ରଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେ ସମୟରେ ନିଯୁକ୍ତି ପାଇଁ ଏକ ଲିଖିତ ପରୀକ୍ଷା ହୋଇଥିଲା। ଯେଉଁମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ, ସେମାନଙ୍କୁ ନିଯୁକ୍ତି ମିଳିଥିଲା। ମାତ୍ର ନିଯୁକ୍ତି ପାଇବା ପରଠାରୁ କିଛିଦିନ କାମ କରିବା ପରେ ସେମାନଙ୍କୁ ସେମାନଙ୍କ ପାରିଶ୍ରମିକ ଦିଆଗଲାନାହିଁ। ସତ୍ୟବାଦୀ ବ୍ଲକର ୧୮ଟି ପଞ୍ଚାୟତରେ ଏହି ନିଯୁକ୍ତି ଦିଆଯାଇଥିବାବେଳେ ବାକି ୬ଟି ପଞ୍ଚାୟତରେ ନିଯୁକ୍ତି ଦିଆଯାଇ ପାରି ନ ଥିଲା। ପଞ୍ଚାୟତ ନିର୍ବାଚନ ସରିବା ପରେ ୬ଟି ପଞ୍ଚାୟତରେ ନିଯୁକ୍ତି ଉପରେ ରୋକ୍ ଲଗାଯାଇଥିଲା। ମାତ୍ର ସେହି ସମୟରେ ମିଶନ ଶକ୍ତି ଯୋଜନା ଆସିଲା। ସେହି ଅନୁଯାୟୀ, ପ୍ରତି ପଞ୍ଚାୟତରେ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କମିତ୍ରଙ୍କୁ ନିଯୁକ୍ତି ଦିଆଗଲା। ସେମାନଙ୍କୁ ପାରିଶ୍ରମିକ ମିଳୁଥିବାବେଳେ ସେମାନଙ୍କ ଆଗରୁ ନିଯୁକ୍ତି ଦିଆଯାଇଥିବା କୃଷିମିତ୍ର ଓ ପ୍ରାଣୀମିତ୍ରଙ୍କୁ ଏପର୍ଯ୍ୟନ୍ତ ଟଙ୍କା ମିଳିଲା ନାହିଁ, ଯାହାକି ଉକ୍ତ ପରିବାର ବହୁ ଅସୁବିଧାରେ ଗତି କରୁଛନ୍ତି। ସେମାନଙ୍କ ଦାବିକୁ ତୁରନ୍ତ ସରକାର ବିଚାର କରିବାକୁ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଅସ୍ତରଙ୍ଗ,୨୮।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅଧୀନ ସିଲାରୀ ପ୍ରାଥମିକ ଓ ହରପାର୍ବତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁଷମା କୁମାରୀ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନାଥ କୁମାର ପରିଡ଼ା ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରିଣୀ ସୁଧାଂଶୁବାଳା ଶତପଥୀ, ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ ପରିଡ଼ା, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ, ପାଟଳଦା ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କାମଦେବ ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି ଇନ୍ଦ୍ରମଣି ସାହୁ, ସଂଯୋଜକ ଅଭିମନ୍ୟୁ ନାୟକ, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିପିନ ମହାନ୍ତି, ପୂର୍ବତନ ଛାତ୍ର ପ୍ରତିନିଧି ଇନ୍ଦ୍ରମଣି ଜେନା ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସାହୁଙ୍କ ନିଃସ୍ୱାର୍ଥପର ଶିକ୍ଷାଦାନ ଉପରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ। ପୂର୍ବତନ ଛାତ୍ର ପ୍ରତିନିଧି ଇନ୍ଦ୍ରମଣି ଜେନା ଯୋଗଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତପନ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିତା ରାୟଙ୍କ ସହ ଅନ୍ୟ ଗୁରୁମା, ଗୁରୁଜୀ ଓ ପୂର୍ବତନ ଛାତ୍ରୀଛାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ବୟସର ଅପରାହ୍ନରେ ନାଟକ ପାଇଁ ସମର୍ପିତ: ନାଟ୍ୟଗୌରବ ବିଭୂତି ଭୂଷଣ

କଣାସ,୨୮।୬(ବିଭୂତି ଭୂଷଣ ତ୍ରିପାଠୀ)



ନାଟକ ପ୍ରେମରେ ବୁଡ଼ିରହି ଏକ ନିଆରା ଜୀବନ ଜିଇଆସୁଥିବାବେଳେ ଏବେ ୮୨ ବର୍ଷ ବୟସରେ ମଧ୍ୟ ସେ ନାଟକ ପାଇଁ ପାଗଳ ଓ ଚଳଚଞ୍ଚଳ। ନାଟକର ମାୟା ତାଙ୍କୁ ବହୁ ଝଡ଼ଝଞ୍ଜାର ସମ୍ମୁଖୀନ କରାଇଛି। ସେଥିପାଇଁ ସେ ଯନ୍ତ୍ରଣାର ଜଳକୁ ପାନକରି ମଧ୍ୟ କେବେ ପରାଜୟ ବରଣ କରିନାହାନ୍ତି। କଳା ଓ ସାହିତ୍ୟ ପାଇଁ ଆଜି ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ପରିଚିତ ବିଭୂତି ଭୂଷଣ ପଟ୍ଟନାୟକ। ନଦୀ ନାଳଘେରା ବନ୍ୟା, ବାତ୍ୟା କବଳିତ ଏକ କ୍ଷୁଦ୍ର ପଲ୍ଲୀ ବୈଦ୍ୟନାଥପାଟଣାରେ ତାଙ୍କର ଜନ୍ମ। ସାହିତ୍ୟ ସୃଜନ ପାଇଁ ସେ ୨୦୧୯ରେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧନା ଓ ସମ୍ମାନ ପାଇଛନ୍ତି। ପିଲାଟି ଦିନରୁ ତାଙ୍କର ନାଟକ ପ୍ରତି ଆଗ୍ରହ ରହିଥିଲା। ଚତୁର୍ଥ ଶ୍ରେଣୀରେ ପଢ଼ିବାବେଳେ ବିଦ୍ୟାଳୟ ପକ୍ଷରୁ 'ନୀଳମାଧବ' ନାଟକରେ ତାଙ୍କୁ ମିଳିଥିଲା ବିଶ୍ୱାବସୁ ଭୂମିକା। ସେ ଏହି ଭୂମିକାରେ କେବଳ ନିଷ୍ଠାର ସହ ଅଭିନୟ କରି ନ ଥିଲେ, ଏଥିସହ ଜୀବନକୁ ପକ୍କା ନାଟୁଆ ଭାବରେ ଗଢ଼ିଥିଲେ। ଧୀରେ ଧୀରେ ଗାଁ ସହ ଅଞ୍ଚଳର ବିଭିନ୍ନ ରଙ୍ଗମଞ୍ଚରେ ଅଭିନୟ ତଥା ନିର୍ଦ୍ଦେଶନା ମଧ୍ୟରେ ନିଜକୁ ହଜାଇ ଦେଇଥିଲେ। ୧୯୬୧ ମସିହାରେ ମହାଭାରତ କଥାବସ୍ତୁ ଆଧାରିତ ନାଟକ 'ଚକ୍ରି'ର ନିର୍ଦ୍ଦେଶନା ଦାୟିତ୍ୱ ସମ୍ପାଦନ କରି ସଫଳତା ଓ ଦର୍ଶକଙ୍କ ପ୍ରଶଂସା ତାଙ୍କୁ ନିର୍ଦ୍ଦେଶନା ପଥରେ ଆଗେଇ ନେଇଥିଲା। କୁଳଚନ୍ଦ୍ରମା, ବହ୍ନିକନ୍ୟା, ଭାଇ-ଭାଉଜ, ଅଭିଯାନ, କଚ-ଦେବଯାନୀ, ଶ୍ରୀକୃଷ୍ଣଲୀଳା ଆଦି ଶତାଧିକ ନାଟକରେ ନିର୍ଦ୍ଦେଶନା ଦେଇ ସେ ଅନେକ ପ୍ରଶଂସା ସାଉଁଟିଥିଲେ। ସେତେବେଳେ ଶିକ୍ଷକତା ଥିଲା ପେସା ଓ ନାଟକ ଥିଲା ନିଶା। କେବଳ ନାଟକରେ ନିର୍ଦ୍ଦେଶନା ନୁହେଁ, ସାହିତ୍ୟ କ୍ଷେତ୍ରରେ ପଟ୍ଟନାୟକ ନିଜକୁ ଜଣେ କବି ଓ ନାଟ୍ୟକାର ଭାବରେ ପ୍ରତିଷ୍ଠିତ କରାଇପାରିଛନ୍ତି। ଘାସଫୁଲ, ସମୟର ଅନୁଚିନ୍ତା, ଦଶଟି କବିତା ଆଦି କବିତା ଗ୍ରନ୍ଥ ସହ ଭକ୍ତ ଦାସିଆ, ବିପ୍ଳବୀ, ବିଷକନ୍ୟା, ଶ୍ରୀକୃଷ୍ଣଙ୍କ ଶେଷ ହସ, ଶିବସାର ଓ ଅନ୍ୟାନ୍ୟ ନାଟକ ଆଦି ୨୦ରୁ ଅଧିକ ପୁସ୍ତକ ରଚନା କରିଛନ୍ତି। ଏଥିସହ ଅଞ୍ଚଳର ସାମାଜିକ ସଂଗଠନଗୁଡ଼ିକରେ ନେତୃତ୍ୱ ନେଇ ସମାଜସେବାରେ ମଧ୍ୟ ନିଜକୁ ନିୟୋଜିତ କରିଛନ୍ତି। ତାଙ୍କର ଏହି ନିରବଚ୍ଛିନ ସାଧନାର ସ୍ୱୀକୃତିସ୍ୱରୂପ ତାଙ୍କୁ ବହୁ ଉପାଧି ଓ ପ୍ରଶଂସାର ସମ୍ମାନ ମିଳିଛି। ନାଟ୍ୟକଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ୨୦୧୪ରେ ଉତ୍କଳ ସମ୍ମିଳନୀ ପକ୍ଷରୁ ତାଙ୍କୁ 'ନାଟ୍ୟଗୌରବ' ଉପାଧି ମିଳିଥିଲା। ୧୯୮୪ରେ ଢେଙ୍କାନାଳର ଶିଳ୍ପୀ ଅନୁଷ୍ଠାନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ନାଟକ ଉତ୍ସବରେ ତାଙ୍କ ନିର୍ଦ୍ଦେଶିତ ନାଟକ 'ମୁକ୍ତି' ପାଇଁ ତାଙ୍କୁ ଅଜସ୍ର ପ୍ରଶଂସା ମିଳିଥିଲା। ଆକାଶବାଣୀ କଟକ କେନ୍ଦ୍ରର ନାଟକରେ ଅଭିନୟ କରି ଶ୍ରୋତା ମହଲରୁ ମଧ୍ୟ ତାଙ୍କୁ ଅନେକ ସୁଖ୍ୟାତି ମିଳିଛି। ୨୦୧୯ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଟ୍ଟନାୟକଙ୍କୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସମ୍ବର୍ଦ୍ଧିତ କରାଯାଇଥିଲା। ବୟସର ଅପରାହ୍ନରେ ମଧ୍ୟ ସେ ନିଜର ସାଧନା ଜାରି ରଖିଛନ୍ତି।

# ବୌଦ୍ଧପୀଠ ଉନ୍ନତୀକରଣ କାର୍ଯ୍ୟ ତଦାରଖ କଲେ ବିଧାୟକ

### ଶ୍ରୀପୁରୁଷୋତ୍ତମପୁର ଛକରୁ ପୋଷଲ ଛକ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ

ଡେଲାଙ୍ଗ,୨୮।୬
(ରଶ୍ମିରଞ୍ଜନ ପ୍ରଧାନ) ଡେଲାଙ୍ଗ


କାର୍ଯ୍ୟକ୍ରମ ଅବସରରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ଅନ୍ୟମାନେ ।

ବ୍ରହ୍ମଗିରି ରାସ୍ତାର ଶ୍ରୀପୁରୁଷୋତ୍ତମପୁର ଛକଠାରୁ ପଟ୍ଟନାଇକିଆ- ଖୋର୍ଦ୍ଧା ରାସ୍ତାର ପୋଷଲ ଛକ ପର୍ଯ୍ୟନ୍ତ ୮ କି.ମି. ରାସ୍ତା ନିର୍ମାଣ ନିମନ୍ତେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଶୁକ୍ରବାର ଶିଳାନ୍ୟାସ କରିଛନ୍ତି। ରାସ୍ତା ଓ କୋଠାବାଡ଼ି ବିଭାଗ ଭୁବନେଶ୍ୱର- ୨ ଅଧୀନ ଏହି କାର୍ଯ୍ୟ ୬ କି.ମି. ପର୍ଯ୍ୟନ୍ତ ପିଚୁ ହେବାକୁ ଥିବାବେଳେ ଗାଁଗୁଡ଼ିକ ଭିତରେ ୨ କି.ମି. କଂକ୍ରିଟ କାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ବିଭାଗ ପକ୍ଷରୁ ଅନୁମୋଦିତ ୧୫ କୋଟି ଟଙ୍କା ବ୍ୟୟବରାଦରେ ଏହି କାର୍ଯ୍ୟ ସମାପ୍ତ ହେଲେ ଶ୍ରୀପୁରୁଷୋତ୍ତମପୁର, ଜେନାପୁର, ବିଦୁରପୁର, ହାକପଡ଼ା, ସାଦପଡ଼ା, କୁଞ୍ଜର, ଗୁଆଳିପଡ଼ା, ପୋଷଲ, ମାଛପଡ଼ା ପ୍ରଭୃତି ଗ୍ରାମର ଲୋକେ ଜେନାପୁର ରେଳ ଷ୍ଟେଶନ ଓ ଇନ୍ଦିପୁର ବଜାରକୁ ଯାତାୟାତ କରିବାରେ ଉପକୃତ ହେବେ। ଏହି ନିର୍ମାଣ କାର୍ଯ୍ୟକୁ ଠିକ୍ ଭାବେ କରିବାକୁ କେଭିଏମ୍ କନଷ୍ଟ୍ରକସନର ଠିକାଦାର ଟିକା ପଡିଆରୀ ଓ କନିଷ୍ଠ ଯନ୍ତ୍ରୀ ସିଦ୍ଧେଶ୍ୱର ବେହେରାଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିବାବେଳେ ଅକ୍ଷୟ ମାର୍ଥା, ଜିଲା ଯୁବମୋର୍ଚ୍ଚା ଉପସଭାପତି ମନୋଜ ବିଶୋଇ, ମଣ୍ଡଳ ସଭାପତି ସୁଧାଂଶୁଶେଖର ପରିଡ଼ା, ଲକି ମିଶ୍ର, ମହିଳା ସଭାନେତ୍ରୀ ସନ୍ଧ୍ୟାବତୀ ପ୍ରଧାନ, ଜଗନ୍ନାଥ ବାରିକ୍, ପ୍ରତାପ ମହାପାତ୍ର, ପ୍ରେମରଞ୍ଜନ ସ୍ୱାଇଁ, ଆଲୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ୭୦ ଲକ୍ଷ ୬୩ ହଜାର ୨୬୪ ଟଙ୍କା ବ୍ୟୟବରାଦରେ ନିର୍ମାଣାଧୀନ ଅରାଗଡ଼ ପାହାଡ଼ସ୍ଥିତ ବୌଦ୍ଧପୀଠ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ମଧ୍ୟ ବିଧାୟକ ତଦାରଖ କରିଥିଲେ। ବିଧାୟକ ପଟ୍ଟନାୟକ ନିର୍ମାଣ କାର୍ଯ୍ୟର ତଦାରଖ କରିବା ସହିତ ସୂଚନା ଫଳକ ଓ ସମ୍ପୂର୍ଣ୍ଣ କାର୍ଯ୍ୟର ରେଖାଚିତ୍ର ଲଗାଇବାକୁ ଠିକାଦାରଙ୍କୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗୋଡ଼ିପୁଟ ମାଟିଆପଡ଼ାକୁ ପରିଦର୍ଶନରେ ଯାଇଥିବାବେଳେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ସ୍ନେହମୟୀ ସ୍ୱାଇଁ ଅବଗତ କରାଇଥିଲେ। ପାନୀୟ ଜଳ, ବିଦ୍ୟାଳୟ ପ୍ରାଚୀର, ମୁଖ୍ୟ ଫାଟକ ସମେତ ଖେଳପଡ଼ିଆ ଆଦିର ସମସ୍ୟା ଯଥାଶୀଘ୍ର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତ୍ୟୁଷ ନିଶଙ୍କ, ମୋ ସ୍କୁଲ କମିଟି ସଭାପତି ରଜନୀକାନ୍ତ ପଣ୍ଡା, ପ୍ରସନ୍ନ ପଣ୍ଡା, ହିମାଂଶୁ ବିଶ୍ୱାଳ, ସତ୍ୟଜିତ୍ ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ

ଫୁଲନଖରା,୨୮।୬(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଜଗନ୍ନାଥ କଲୋନୀରେ ଶୁକ୍ରବାର ସକାଳେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଛି। ଉକ୍ତ କଲୋନୀରେ ରହୁଥିବା ଅଞ୍ଜୁଲତା ବେହେରା ନାମ୍ନୀ ମହିଳା ଶୁକ୍ରବାର ପ୍ରାତଃ ୫ଟାରେ କିଛି ଦୂରରେ ଥିବା ଗଛରୁ ଫୁଲ ତୋଳି ଫେରୁଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଅଞ୍ଜୁଲତାଙ୍କ ବେକରୁ ଚେନ୍ ଲୁଟ୍ କରିବାକୁ ଯାଇଥିବାବେଳେ ଅନ୍ୟ ଜଣେ ବାଇକ୍ ଉପରେ ବସିଥିଲେ। ଦୁର୍ବୃତ୍ତମାନେ ଅଞ୍ଜୁଲତାଙ୍କ ବେକରୁ ଚେନ୍ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏହି ଲୁଟ୍ ସମୟର ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଏନେଇ ଅଞ୍ଜୁଲତା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୩୫୧/୨୪)ରୁଜୁ କରି ତଦନ୍ତ ଚଳାଇଛି। ଏସ୍ଆଇ ଭାସ୍କର ପ୍ରଧାନ କହିଛନ୍ତି, ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## ୧୦ କେଜି ଗଞ୍ଜେଇ ଜବତ, ମହିଳା ଗିରଫ

ଭୁବନେଶ୍ୱର,୨୮।୬(ସୂର୍ଯ୍ୟକାନ୍ତ ବେହେରା)

କନ୍ଧମାଳରୁ ବସ୍ ଯୋଗେ ବେଆଇନ ଭାବେ ଗଞ୍ଜେଇ ସଂଗ୍ରହ କରି ଭୁବନେଶ୍ୱରକୁ ଆସି ସିଆରପି ଛକରେ ଓହ୍ଲେଇଥିଲେ। ସେଠାରୁ ସାଲିଆ ସାହିକୁ ଚାଲାଣ କରିବା ପାଇଁ ଏକ ଅଟୋକୁ ଅପେକ୍ଷା କରିଥିବାବେଳେ ନୟାପଲ୍ଲୀ ଥାନା ପୋଲିସ ଖବର ପାଇ ସମ୍ପୃକ୍ତ ମହିଳା ନିଶାବେପାରୀଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ କନ୍ଧମାଳର ଲୀଳିମା ବରର୍ଡ଼ା(୩୫)। ତାଙ୍କଠାରୁ ୧୦.୨ କେଜି ଗଞ୍ଜେଇ ଜବତ ହୋଇଛି। ତେବେ ଜବତ ଗଞ୍ଜେଇର ମୂଲ୍ୟ ୧ଲକ୍ଷ ଟଙ୍କା ହେବ। ସେ ଏହି ବେଆଇନ କାରବାର କେବେଠାରୁ କରୁଛନ୍ତି, କାହାକୁ ଯୋଗାଉଛନ୍ତି, ତାହାର ଅଧିକ ତଥ୍ୟ ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

## ଖବରକାଗଜ ବିକ୍ରେତା ଦୀନବନ୍ଧୁ ମହାନ୍ତିଙ୍କ ପରଲୋକ

କଟକ,୨୮।୬ (କାର୍ତ୍ତିକ ସାହୁ)

କଟକ ସିଡିଏ ସେକ୍ଟର-୭ସ୍ଥିତ ବାସଭବନରେ ଖବରକାଗଜ ବିକ୍ରେତା ଦୀନବନ୍ଧୁ ମହାନ୍ତି(୭୯)ଙ୍କର ଶୁକ୍ରବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି।



ମୃତ୍ୟୁଶଯ୍ୟାର୍ନ କଟରେ ତାଙ୍କ ସ୍ତ୍ରୀ, ଦୁଇପୁଅ, ବୋହୂ ଓ ନାତୁଣୀନାତି ଉପସ୍ଥିତ ଥିଲେ। ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଉଦୟନାଥ ମୁଖାଗ୍ନି ଦେଇଥିଲେ। ଦୀନବନ୍ଧୁ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ଦୀର୍ଘ ୫୦ ବର୍ଷ ଧରି ଖବରକାଗଜ ବିକ୍ରି କରୁଥିଲେ। ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଢ଼ିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ ମନୋଜ ପାଲ, ହାଡ଼ିବନ୍ଧୁ ବେହେରା, କେ. ବେଣୁ ରାଓ, ବିଷ୍ଣୁ ଚରଣ ଦାଶ, ଉତ୍ତମ ଦାସ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ଏସ୍‌ସିବି ରକ୍ତଭଣ୍ଡାରରେ ରକ୍ତ ସଙ୍କଟ

କଟକ,୨୮।୬(ଶିଳ୍ପା ପ୍ରିୟଦର୍ଶିନୀ)

- ଆବଶ୍ୟକ ଅନୁଯାୟୀ ରକ୍ତ ନାହିଁ
- ରକ୍ତଦାନ କମିବାରୁ ଉପୁଜିଛି ସମସ୍ୟା




କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ(ଏସ୍‌ସିବି) ରକ୍ତ ଭଣ୍ଡାରରେ ରକ୍ତ ସଙ୍କଟ ଦେଖାଦେଇଛି। ରକ୍ତ ଭଣ୍ଡାରରେ ଆବଶ୍ୟକ ଅନୁଯାୟୀ ରକ୍ତ ନ ଥିବାରୁ ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ରୋଗୀଙ୍କ ସମ୍ପର୍କୀୟ ଜରୁରିକାଳୀନ ପରିସ୍ଥିତିରେ ରକ୍ତ ପାଇଁ ରକ୍ତ ଭଣ୍ଡାରକୁ ଯାଇ ଦଲାଲଙ୍କ ହାବୁଡରେ ପଡୁଛନ୍ତି। ମେଡିକାଲରୁ ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ରକ୍ତ ଭଣ୍ଡାରରେ ପ୍ରତିଦିନ ବିନା ବଦଳରେ ୧୫୦ ଜଣଙ୍କୁ ରକ୍ତ ଦିଆଯାଉଛି। ସେମାନଙ୍କ ମଧ୍ୟରେ ୧୦୦ ଜଣ ଥାଲେସେମିଆ ରୋଗୀ ରହିଛନ୍ତି। ସେହିପରି ଅନ୍ୟ ୫୦ ଜଣଙ୍କ ମଧ୍ୟରେ କର୍କଟ, ବୋନ୍‌ମ୍ୟାରୋ, ଜଟିଳ ଅସ୍ତ୍ରୋପଚାର ଓ ଦୁର୍ଘଟଣାଗ୍ରସ୍ତ ରୋଗୀ ରହିଛନ୍ତି। ଏହାଛଡ଼ା ଅନ୍ୟ ରୋଗୀଙ୍କ ପାଇଁ ରକ୍ତଦାତା ରକ୍ତ ଦେଇ ଅଥବା ରକ୍ତ ବଦଳ କରି ରକ୍ତ ନେବାର ବ୍ୟବସ୍ଥା ରହିଛି। ପ୍ରତିଦିନ ଏସ୍‌ସିବି ମେଡିକାଲକୁ ହଜାର ହଜାର ରୋଗୀ ଆସୁଥିବାବେଳେ ଏବେ ରକ୍ତ ସଙ୍କଟ ମୁଖ୍ୟ ସମସ୍ୟା ପାଲଟିଛି।

ମଣିଷଙ୍କ ଭିତରେ ୯ ପ୍ରକାରର ରକ୍ତ ଗ୍ରୁପ୍ ରହିଥାଏ। ସେଥିମଧ୍ୟରେ ଓ-ପଜିଟିଭ୍, ଓ-ନେଗେଟିଭ୍, ଏ-ପଜିଟିଭ୍, ଏ-ନେଗେଟିଭ୍, ବି-ପଜିଟିଭ୍, ବି-ନେଗେଟିଭ୍, ଏବି-ପଜିଟିଭ୍, ଏବି-ନେଗେଟିଭ୍ ଓ ବମ୍ବେ ଫେନୋ ଟାଇପ୍ ଗ୍ରୁପ୍ ରହିଛି। ବିଶେଷକରି ଓ-ନେଗେଟିଭ୍ ଏବଂ ଏବି-ନେଗେଟିଭ୍ ଗ୍ରୁପ୍‌ର ରକ୍ତ ସହଜରେ ମିଳି ନ ଥାଏ। ରେକର୍ଡ ଦେଖି ଆବଶ୍ୟକ ସମୟରେ ସେହି ଗ୍ରୁପ୍‌ର ବ୍ୟକ୍ତିଙ୍କୁ ଯୋଗାଯୋଗ କରି ରକ୍ତଦାନ ପାଇଁ ଡକାଯାଇଥାଏ। ଅପରପକ୍ଷରେ ସବୁଠୁ ଅଧିକ ବିରଳ ଭାବେ ବମ୍ବେ ଫେନୋ ଟାଇପ୍ ଗ୍ରୁପ୍‌କୁ ବିଚାର କରାଯାଏ। ଏସ୍‌ସିବି ରକ୍ତ ଭଣ୍ଡାରରେ ବର୍ଷକୁ ପ୍ରାୟ ୪୫ରୁ ୫୦ ହଜାର ୟୁନିଟ୍ ରକ୍ତ ଆବଶ୍ୟକ। ହେଲେ ରକ୍ତ ଭଣ୍ଡାରରେ ୩୦ରୁ ୩୫ ହଜାର ୟୁନିଟ୍ ରକ୍ତ ସଂଗ୍ରହ ହେଉଛି। ଏଠାରେ ସଂଗୃହୀତ ରକ୍ତ ମଧ୍ୟରୁ ୫୦ ପ୍ରତିଶତ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇଥାଏ। ବଳକା ରକ୍ତ ବଦଳ ଭାବେ ଆସୁଛି। ରାଜ୍ୟରେ ସବୁଠୁ ଅଧିକ କଟକରେ ରକ୍ତର ଆବଶ୍ୟକତା ପଡୁଥିବାବେଳେ ଏସ୍‌ସିବି ରକ୍ତ ଭଣ୍ଡାର ଏବେ ରକ୍ତ ଆବଶ୍ୟକତା ପୂରଣ କରିପାରୁନାହିଁ।

ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ମେଡିକାଲରେ ରକ୍ତ ସଙ୍କଟ ଦେଖାଦେଇଛି। ରକ୍ତଦାନ ବନ୍ଦ ହେବା ଏହାର କାରଣ ରହିଛି। କିଛି ମାସ ହେବ ରକ୍ତଦାନ ଶିବିର ଆବଶ୍ୟକ ଅନୁଯାୟୀ ହେଉନାହିଁ, ସେଥିପାଇଁ ଏଭଳି ସମସ୍ୟା ଉପୁଜିଛି। ପ୍ରତିଦିନ ମେଡିକାଲରେ ୧୫୦ ଜଣଙ୍କୁ ରକ୍ତ ଦିଆଯାଉଛି। ଏହାଛଡ଼ା ଅନ୍ୟ ରୋଗୀଙ୍କ ପାଇଁ ସମ୍ପର୍କୀୟ ରକ୍ତ ବଦଳାଇ ନେବା ବ୍ୟବସ୍ଥା ରହିଛି। ରକ୍ତଦାନ ଦ୍ୱାରା ଏଭଳି ସମସ୍ୟାର ସମାଧାନ ହୋଇପାରିବ। ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ, ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ଗଣମାଧ୍ୟମ ଜରିଆରେ ରାଉତ ଅନୁରୋଧ କରିଛନ୍ତି।

## ଜଲହାରପୁର-ପହଙ୍ଗା ରାସ୍ତାରେ ଭାରିଯାନ ଚଳାଚଳ କଟକଣା

କଟକ,୨୮।୬ (କାର୍ତ୍ତିକ ସାହୁ)

କଟକ ଜିଲାର ଜଲହାରପୁର-ପହଙ୍ଗା ରାସ୍ତାରେ ଭାରିଯାନ ଚଳାଚଳ ଉପରେ ଜିଲାପାଳ ଅରିନ୍ଦମ ଡାକୁଆ କଟକଣା ଲଗାଇଛନ୍ତି। ଗତ ୫ ମାସ ହେବ ଭାରିଯାନ ମାଧ୍ୟମରେ ବାଲି ପରିବହନ କରାଯାଉଥିବାରୁ ଏହି ରାସ୍ତାର ସମ୍ପ୍ରସାରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାଦ୍ୱାରା ରାସ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଛି। ସ୍ଥାନୀୟ ଜନସାଧାରଣଙ୍କ ଯୋଗାଯୋଗ ସୁବିଧା ଦୃଷ୍ଟିରୁ ଏହି ରାସ୍ତାର ମରାମତି ତଥା ସମ୍ପ୍ରସାରଣ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ଡାକୁଆ ଉକ୍ତ ରାସ୍ତାରେ ଲଘୁ ଖଣିଜ ପଦାର୍ଥ ପରିବହନ କରୁଥିବା ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ କରିଛନ୍ତି। ଆସନ୍ତା ଜୁଲାଇ ୨୫ ତାରିଖ ସୁଦ୍ଧା ଏହି ରାସ୍ତାର ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ।

## ବାସ୍ତୁବିତ୍ ମନୋଜ ଲେଙ୍କାଙ୍କୁ ଜାତୀୟ ଆଇକନ୍ ସମ୍ମାନ



ସମାରୋହରେ ବାସ୍ତୁବିତ୍ ମନୋଜ କୁମାର ଲେଙ୍କାଙ୍କୁ ଜାତୀୟ ଆଇକନ୍ ସମ୍ମାନ ପ୍ରଦାନ କରାଯାଉଛି।

ଫୁଲନଖରା,୨୮।୬(ସତ୍ୟରଞ୍ଜନ ଦାସମହାପାତ୍ର)

ବାସ୍ତୁଶାସ୍ତ୍ରରେ ପାଣ୍ଡିତ୍ୟ ଲାଭ କରି ଜାତୀୟ ସ୍ତରରେ ନିଜର ପ୍ରତିଭାକୁ ପ୍ରତିପାଦନ କରିଥିବା ବରିଷ୍ଠ ବାସ୍ତୁବିତ୍ ଡ. ମନୋଜ କୁମାର ଲେଙ୍କାଙ୍କୁ ଚଳିତବର୍ଷ ପାଇଁ ଜାତୀୟ ଆଇକନ୍ ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ ଓ ଭାରତ ଟିଭିର ମିଳିତ ସହଯୋଗରେ ଦିଲ୍ଲୀ ଦୂରଦର୍ଶନ ଭବନରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରାମଦାସ ଅଠାୱଲେ ଯୋଗଦେଇ ମନୋଜଙ୍କୁ ସମ୍ମାନିତ କରିବା ସହ ବ୍ରୋଞ୍ଜ ପଦକ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଉତ୍ତରପ୍ରଦେଶ ବିଧାୟକ ଶ୍ୟାମ ଘନୀ ଯୋଗଦେଇଥିଲେ। ମନୋଜ ଏବେ ହାପି ଲିଭିଂ ଫାଉଣ୍ଡେସନର ଅଧ୍ୟକ୍ଷ ସହ ଏସିଆନ ଆଷ୍ଟ୍ରୋ କଂଗ୍ରେସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛନ୍ତି। ଏହି ସମ୍ମାନ ପାଇବା ପରେ ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ଉପାଦେୟ ହେବ ନୂତନ ଫୌଜଦାରି ଆଇନ'




ଆଲୋଚନାଚକ୍ରରେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଓ ଅନ୍ୟମାନେ।

କଟକ,୨୮।୬(କାର୍ତ୍ତିକ ସାହୁ)

**କଟକ ଟ୍ୟାକ୍ସ ବାର୍‌ରେ ଆଲୋଚନାଚକ୍ର**

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶକ୍ରମେ କଟକ ଟ୍ୟାକ୍ସ ବାର୍ ସମ୍ମିଳନୀ କକ୍ଷରେ ଭାରତୀୟ ନୂତନ ଫୌଜଦାରି ଆଇନ ଉପରେ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜୁଲାଇ ୧ରୁ ନୂତନ ଭାବେ ଲାଗୁ ହେବାକୁ ଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ଆଲୋଚନା କରାଯାଇଥିଲା। ବାର୍ ସଭାପତି ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଆଇନଜୀବୀ ପରିଷଦର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଯୋଗଦେଇ ବ୍ରିଟିଶ ଅମଳରୁ ଚାଲିଆସୁଥିବା ଭାରତୀୟ ପିଙ୍ଗଳ କୋଡ୍ ଆଦି ଆଇନ୍‌ରେ ପରିବର୍ତ୍ତନ କରାଯାଇ ନୂତନ ଭାବେ ସଂସଦରେ ଉପରୋକ୍ତ ଆଇନ୍ ପାରିତ ହୋଇ ଜୁଲାଇ ୧ରୁ ଲାଗୁ କରାଯିବାକୁ ଦିନ ସ୍ଥିର ହୋଇଛି। ଏହା ଅତ୍ୟନ୍ତ ଉପାଦେୟ ହେବ ବୋଲି ସେ କହିଥିଲେ। ନୂତନ ଆଇନର ବିଭିନ୍ନ ଧାରା, ଉପଧାରା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ପରେ ସଦସ୍ୟମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ସେ ପ୍ରଦାନ କରିଥିଲେ। ନୂତନ ଭାବେ ଏହି ଆଇନ ଲାଗୁ ହେବାକୁ ଥିବାରୁ ଏହା ଉପରେ ରାଜ୍ୟର କୋଣଅନୁକୋଣରେ ଆଲୋଚନା ହେଉ ବୋଲି ମତପ୍ରକାଶ ପାଇଥିଲା। ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଅକ୍ଷୟ କୁମାର ପତି, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ଅମୂଲ୍ୟ ମେହେର, ସୁନାକର ମହାନ୍ତି, ନଟବର ପଣ୍ଡା, ଅରୁଣ ଦାଶ, ବିଶ୍ୱଜିତ୍ ପାଣି, କୌସ୍ତୁଭ ଚୌଧୁରୀ, ସତ୍ୟବ୍ରତ ତ୍ରିପାଠୀ, ପ୍ରଦୀପ ମହାନ୍ତି, ବୈଦ୍ୟନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସୌମ୍ୟଶିବ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଅଧୀକ୍ଷକ ନିଯୁକ୍ତ

କଟକ ସଦର, ୨୮।୬(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଅଧୀକ୍ଷକ ଭାବେ ଡ. ପ୍ରଶାନ୍ତ କୁମାର ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏହି ପଦବୀରେ କନ୍ଦରପୁର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ବସନ୍ତ କୁମାର ସାହୁ ୫ ବର୍ଷ ହେବ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ସ୍ଥାୟୀ ଅଧୀକ୍ଷକ ନିଯୁକ୍ତ ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ଅଧିକ କ୍ରିୟାଶୀଳ ହେବ ବୋଲି ଆଶା କରାଯାଉଛି।

## ଲାଞ୍ଚ ନେଇ ରାଜସ୍ୱ ସହାୟକ ଗିରଫ

କଟକ,୨୮।୬ (କାର୍ତ୍ତିକ ସାହୁ)

ଲାଞ୍ଚ ନେବା ଅଭିଯୋଗରେ ଡମପଡ଼ା ତହସିଲର ବରିଷ୍ଠ ରାଜସ୍ୱ ସହାୟକ ପ୍ରଶାନ୍ତ କୁମାର ରାଉତଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ସେ ଏକ ଜମିର ମ୍ୟୁଟେଶନ୍ ମାମଲାରେ ଆଦେଶନାମାର ସାର୍ଟିଫାଏଡ୍ କପି ଯୋଗାଇଦେବା ନିମନ୍ତେ ୩ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ଅଧିକାରୀମାନେ ଡମପଡ଼ା ତହସିଲ ପରିସରରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ କାବୁ କରିଥିଲେ।

ସୂଚନା ଅନୁସାରେ, ଜଣେ ବ୍ୟକ୍ତିଙ୍କ ମ୍ୟୁଟେଶନ ଆଦେଶନାମାର ସାର୍ଟିଫାଏଡ୍ କପି ଯୋଗାଇଦେବା ନିମନ୍ତେ ଅଭିଯୁକ୍ତ ରାଉତ ୧୨,୫୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ମୋଟ ଅର୍ଥର ପ୍ରଥମ କିସ୍ତି ଭାବେ ଶୁକ୍ରବାର ୩,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଅଧିକାରୀମାନେ ସାକ୍ଷୀଙ୍କ ଉପସ୍ଥିତିରେ ରାଉତଙ୍କ ପ୍ୟାଣ୍ଟ ପକେଟ୍‌ରୁ ଲାଞ୍ଚ ଅର୍ଥ ଜବତ କରିଥିଲେ। ଏଥିସହ ରାଉତଙ୍କ ଦୁଇ ହାତ ଓ ପ୍ୟାଣ୍ଟ ପକେଟ୍‌କୁ ଧୋଇବା ପରେ ରାସାୟନିକ ପ୍ରତିକ୍ରିୟା ପଜିଟିଭ ଆସିବାରୁ ସେ ଲାଞ୍ଚ ଗ୍ରହଣ କରିଥିବା ପ୍ରମାଣିତ ହୋଇଥିଲା। ଏହାପରେ ରାଉତଙ୍କ ସରକାରୀ ବାସଭବନ ଓ ପୈତୃକ ଗ୍ରାମ ବାଙ୍କୀ ଥାନା ଅନ୍ତର୍ଗତ ନୂଆଗାଁରେ ଚଢ଼ାଉ କରାଯାଇଥିଲା। ଏନେଇ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ ୧୪/୨୦୨୪) ରୁଜୁ ହୋଇଛି। ଏଥିସହ ତଦନ୍ତ ଚାଲୁ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# 'ବୃକ୍ଷ ବଞ୍ଚିଲେ ବିଶ୍ୱ ତିଷ୍ଠି ରହିବ'

କଟକ,୨୮।୬ (କାର୍ତ୍ତିକ ସାହୁ)




ସିଲ୍‌ଭର ସିଟି ବୋଟ୍ କ୍ଲବ୍ ପରିସରରେ ଅତିରିକ୍ତ ଜିଲାପାଳ ଶିବ ଟପୋ ଚାରାରୋପଣ କରୁଛନ୍ତି।

ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ କଟକ ସିଲ୍‌ଭର ସିଟି ବୋଟ୍ କ୍ଲବ୍ ପରିସରରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶିବ ଟପୋ ଯୋଗଦେଇ କହିଛନ୍ତି, ବୃକ୍ଷ ବଞ୍ଚିଲେ ବିଶ୍ୱ ତିଷ୍ଠି ରହିବ। ଏଣୁ ପ୍ରକୃତିର ସୁରକ୍ଷା ଆମର ଦାୟିତ୍ୱ। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ସମସ୍ତେ ନିଜ ମା'ଙ୍କ ନାମରେ ଗୋଟିଏ ଲେଖାଏ ଗଛ ଲଗାଇବାକୁ ସେ ନିବେଦନ କରିଛନ୍ତି। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟର ଉପନିର୍ଦ୍ଦେଶିକା ସୁଜାତା ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, କଟକ ପାନ୍ଥ ନିବାସର ପରିଚାଳକ ବିଜୟ ଜେନା, ସିଲ୍‌ଭର ସିଟି ବୋଟ୍ କ୍ଲବ୍ ମ୍ୟାନେଜର ଦିଲୀପ ସାହୁ ପ୍ରମୁଖ ଚାରାରୋପଣ କରିଥିଲେ।

## ରାସ୍ତା ପାର୍ଶ୍ୱରୁ ଲୁହାପ୍ଲେଟ୍ ଚୋରି



ରାସ୍ତାପାର୍ଶ୍ୱ କଂକ୍ରିଟ୍ ଢଳେଇ ପାଇଁ ଲଗାଯାଇଥିବା ଲୁହାପ୍ଲେଟ୍ ଚୋରି ହୋଇଯାଇଛି।

ଖୁଣ୍ଟୁଣୀ, ୨୮।୬(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ କେଉଟପଡା ଗ୍ରାମ ନିକଟରେ ଏକ ନିର୍ମାଣାଧୀନ ରାସ୍ତାର ଦୁଇ ପାର୍ଶ୍ୱରେ ଲାଗିଥିବା ୪୦ଟି ଲୁହାପ୍ଲେଟ୍ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଶୁକ୍ରବାର ତଦନ୍ତ ଆରମ୍ଭ କରିଛନ୍ତି। ବାରଙ୍ଗ ଥାନା ଅଧୀନ ଗୋଡିସାହିର ଠିକାଦାର ନିରଞ୍ଜନ ରାଉତ ପୂର୍ତ୍ତ ବିଭାଗ ଦ୍ୱାରା ଟେଣ୍ଡର ପାଇ ଖୁଣ୍ଟୁଣୀ ଥାନା ଦ୍ୱାରାବତୀପୁର ଗ୍ରାମଠାରୁ ଆଠଗଡ଼ ଥାନା କଟକିଆସାହି ପଞ୍ଚାୟତ ସର୍ପେଶ୍ୱର ପର୍ଯ୍ୟନ୍ତ ପ୍ରାୟ ୮ କିମି ରାସ୍ତା କାମ କରୁଥିଲେ। ଗୁରୁବାର ତାଙ୍କ ସାଇଡ୍ ମ୍ୟାନେଜର ତ୍ରିଲୋଚନ ସାହୁ ଶ୍ରମିକଙ୍କ ଦ୍ୱାରା କେଉଟପଡ଼ା ରାସ୍ତା ପାର୍ଶ୍ୱ କଂକ୍ରିଟ ବାଡ଼ା ଢଳେଇ ପକେଇ ସନ୍ଧ୍ୟାରେ ତାଙ୍କ କ୍ୟାମ୍ପକୁ ଫେରି ଆସିଥିଲେ। ଏହି ବାଡ଼ାରେ ୬୦ ଖଣ୍ଡ ଲୁହାପ୍ଲେଟ ଲାଗିଥିଲା। ହେଲେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ୪୦ଟି ପ୍ଲେଟ୍ ଚୋରି କରି ନେଇଥିଲେ।



କଟକ ସିଡିଏ ସେକ୍ଟର-୯ସ୍ଥିତ ଏକ ମଣ୍ଡପ ସଭାଗୃହରେ ଡ. ସତ୍ୟ ରାୟଙ୍କ ରଚିତ ପୁସ୍ତକ 'ସମୟର କଥନିକା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ପଙ୍କୋଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହେବ

ଚୌଦ୍ୱାର,୨୮।୬(ଆଶୁତୋଷ ଦାସ)

**ଚୌଦ୍ୱାର ପୌର ପରିଷଦ ବୈଠକ**

- ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପଡ଼ିବ
- ଷ୍ଟ୍ରିଟ୍ ଲାଇଟ୍ ମରାମତି, କଲ୍ୟାଣ ମଣ୍ଡପର ପୁନରୁଦ୍ଧାର ପାଇଁ ନିଷ୍ପତ୍ତି

ଚଳିତବର୍ଷ ସାଧାରଣ ନିର୍ବାଚନ ଶେଷ ହେବା ପରେ ଚୌଦ୍ୱାର ପୌର ପରିଷଦର ପ୍ରଥମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକର ପ୍ରାରମ୍ଭରେ ନୂତନ ପୌରାଧିକାରୀ ଦେବୀପ୍ରସାଦ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବର୍ଷାଋତୁ ଆରମ୍ଭ ହୋଇଯାଇଥିବାବେଳେ ବିଭିନ୍ନ ୱାର୍ଡରେ ଡ୍ରେନ୍‌ରୁ ପଙ୍କୋଦ୍ଧାର କରାଯାଇନାହିଁ। ସେହିପରି ମୁକୁଳା ଡ୍ରେନ୍‌ଗୁଡିକରେ ସ୍ଲାବ୍ ପକାଯାଇନାହିଁ। ଫଳରେ ବର୍ଷା ହେଲେ ୱାର୍ଡଗୁଡିକରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବା ବହୁ କାଉନ୍‌ସିଲର ଅଭିଯୋଗ କରିଛନ୍ତି। ତୁରନ୍ତ ଡ୍ରେନ୍‌ରୁ ପଙ୍କୋଦ୍ଧାର କରିବା ସହିତ ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପକାଇବା ପାଇଁ ପୌରଯନ୍ତ୍ରୀଙ୍କୁ ନିର୍ବାହୀ ଅଧିକାରୀ ପରାମର୍ଶ ଦେଇଥିଲେ । ସେହିପରି ୱାର୍ଡଗୁଡିକରେ ଜଳୁ ନ ଥିବା ଷ୍ଟ୍ରିଟ୍ ଲାଇଟ୍ ମରାମତି ସହ ନୂତନ ଲାଇଟ୍ ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ୨ଟି ନୂତନ ମଶାଧୂଆଁ ମେସିନ୍ ଓ ଗୋଟିଏ ମୋବାଇଲ ଟଏଲେଟ୍ ଭ୍ୟାନ୍ କିଣାଯିବା, ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲ୍‌କୁ ଶୀତତାପ ନିୟନ୍ତ୍ରିତ ସହ ଅତ୍ୟାଧୁନିକ ଅଡ଼ିଓ ସିଷ୍ଟମ୍ ବ୍ୟବସ୍ଥା କରିବା, ଦୁଇଟି କଲ୍ୟାଣ ମଣ୍ଡପର ପୁନରୁଦ୍ଧାର, ପୌରାଞ୍ଚଳରେ ଥିବା ସର୍ବସାଧାରଣ ପାଇଖାନା ମରାମତି ଏବଂ ପୁନରୁଦ୍ଧାର, ୧୧କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ଟେଣ୍ଡର କରାଯାଇ ମାସକ ମଧ୍ୟରେ କାର୍ଯ୍ୟ ଆରମ୍ଭ କରାଯିବା ଉପରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଜେଇ ସଞ୍ଜୟ ସାମଲ, ଶୁଭଶ୍ରୀ ବେହେରା, ଶୁଭଶ୍ରୀ ନାୟକ, ମୁଖ୍ୟ କିରାଣି ମହାଦେବ ଜେନା, ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସମେତ ସମସ୍ତ କାଉନ୍‌ସିଲର ଓ ପୌର କର୍ମଚାରୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ୨ସ୍କୁଟି ଆରୋହୀ ମୃତ

ସୁନ୍ଦରଗଡ/ସବ୍‌ଡେଗା,୨୮।୬ (ଜୟ ନାରାୟଣ ମେଣ୍ଟୁଲି/ଅନନ୍ତ ପଟେଲ)

ସୁନ୍ଦରଗଡ ଜିଲା କରମଡିହି- ସବ୍‌ଡେଗା ରାସ୍ତାର ଡୁମେର ବାହାଲ ନାଏକ ନିକଟରେ ଶୁକ୍ରବାର ଏକ ଟ୍ରାକ୍ଟର ଧକ୍କାରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁବଳୟା ଗ୍ରାମର ଆରତୀ ନାଏକ ଓ ଧରୁଆଡିହିର ସୁଲ୍‌ମା ପଟେଲ। ଏନେଇ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ଦୁହେଁ ସବ୍‌ଡେଗା କୃଷି ବିଭାଗର କର୍ମଚାରୀ ଥିଲେ। ଶକୁବ୍ରାର ଅପରାହ୍ନ ୩ଟାରେ ଅଫିସରୁ ସ୍କୁଟି ଯୋଗେ ନିଜ ଘର ସୁବଳୟା ଫେରୁଥିବା ବେଳେ ଡୁମେର ବାହାଲ ନିକଟରେ ସୁନ୍ଦରଗଡ ପଟୁ ଯାଉଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଗସ୍ତ ଟ୍ରାକ୍ଟର ଓ ସ୍କୁଟିକୁ ଜବତ କରିଛି।

### ସଂରକ୍ଷିତ ଜଙ୍ଗଲରୁ ହରିଣ ମୃତଦେହ ଠାବ

ବଣାଇଁ,୨୮।୬(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ ଜିଲା ବଣାଇଁ ରେଞ୍ଜ ଟିକାୟତପାଲି ସେକ୍ସନ ତିଲେଇସରା ବିଟ ଅନ୍ତର୍ଗତ ପଶ୍ଚିମ ଦଣ୍ଡପାଟ ସଂରକ୍ଷିତ ଜଙ୍ଗଲରୁ ବୁଧବାର ସନ୍ଧ୍ୟାରେ ବନବିଭାଗ ଏକ ହରିଣ ମୃତଦେହ ଠାବ କରିଥିଲା। ପରେ ମୃତଦେହକୁ ଟିକାୟତପାଲି ସ୍ଥିତ କାର୍ଯ୍ୟାଳୟକୁ ଅଣାଯାଇଥିଲା। ବଣାଇ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ ଘଟଣାସ୍ଥଳରେ ପହଞ୍ଚି ପଶୁଧନ ନୀରିକ୍ଷକଙ୍କୁ ଡାକି ମୃତଦେହ ବ୍ୟବଚ୍ଛେଦ କରିଥିଲେ। ପରେ ହରିଣର ମୃତ ଦେହକୁ ଫରେଷ୍ଟରଙ୍କ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିଲା। ବ୍ୟବଚ୍ଛେଦ ପରେ ଡି ହାଇଡ୍ରେସନ ଯୋଗୁ ହରିଣର ମୃତ୍ୟୁ ହୋଇଥିବା ପଶୁ ଡାକ୍ତର ସନ୍ଦେହ କରିଥିଲେ। ରେଞ୍ଜ ଅଧିକାରୀ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

### ଶୋଇଥିବାବେଳେ ଯୁବକଙ୍କୁ ହତ୍ୟା

ନୂଆଗାଁ,୨୮।୬(ବିଜୟ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଚିତାପେଡ଼ି ପଞ୍ଚାୟତ ଅନ୍ତର୍ଗତ ପିତାଲ ବାଡାଇକ ଟୋଲିରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଉକ୍ତ ଗ୍ରାମର ବିଜୟ ବାଡାଇକ(୩୧)ଙ୍କୁ କୌଣସି ଏକ ମରଣାସ୍ତ୍ରରେ ହତ୍ୟା କରାଯାଇଛି। ଶୁକ୍ରବାର ସକାଳେ ଡିଏସ୍‌ପି ନିର୍ମଳ କୁମାର ମହାପାତ୍ର, ବିଶ୍ରା ଥାନାଧିକାରୀ ପ୍ରଦୀପ କୁମାର ନାୟକ ସାଇଣ୍ଟିଫକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତନାଘନା ଚଳାଇଛନ୍ତି। ଏନେଇ ଥାନାରେ ଏକମାମଲା (୧୧୫/୨୪) ରୁଜୁ ହୋଇଛି। ଗୁରୁବାର ରାତିରେ ରାତ୍ର ଭୋଜନ ସାରି ବିଜୟ ଓ ତାଙ୍କ ମା' ଘରେ ଶୋଇଥିଲେ। ଶୁକ୍ରବାର ସକାଳେ ବିଜୟ ଶୋଇଥିବା ଖଟତଳେ ରକ୍ତ ଛିଟା ପଡିଥିବା ଏବଂ ସେ ନିସ୍ତେଜ ହୋଇଯାଇଥିବା ତାଙ୍କ ମା' ଦେଖିବାକୁ ପାଇଥିଲେ।

### ବୃଦ୍ଧାଙ୍କୁ ଗଣ ବଳାତ୍କାର: ଥାନାରେ ଅଭିଯୋଗ

ବଡ଼ଗାଁ, ୨୮।୬( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ବୃଦ୍ଧା (୬୮)ଙ୍କୁ ଗୁରୁବାର ଗଣବଳାତ୍କାର କରାଯାଇଛି। ଏନେଇ ପୀଡିତା ବଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି। ଖବରଲେଖାହେବା ସୁଦ୍ଧା ରାତି ୮ଟା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ପୀଡିତାଙ୍କ ସ୍ୱାମୀ ଛେଳି ଚରାଇବାକୁ ଯାଇଥିବାବେଳେ ବୃଦ୍ଧା ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ୨ ଜଣ ଯୁବକ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ବୃଦ୍ଧାଙ୍କ ସ୍ୱାମୀ କବାଟ ବାଡାଇବା ଶୁଣି ଉଭୟେ ଦୌଡି ପଳାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ଗ୍ରାମରକ୍ଷୀଙ୍କୁ ଜଣାଇ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କର କୌଣସି ସନ୍ଧାନ ପାଇ ନ ଥିଲେ।

# ସରକାର କିଛି ନିଷ୍ପତ୍ତି ନେଇନାହାନ୍ତି: ହରିଚନ୍ଦନ

**ସ୍ଲଟ୍ ବୁକିଂ ନେଇ ଗଜପତି ମହାରାଜାଙ୍କ ମନ୍ତବ୍ୟ ପ୍ରସଙ୍ଗ**

## ସେବାୟତଙ୍କ ମିଶ୍ର ପ୍ରତିକ୍ରିୟା, ଅସନ୍ତୋଷ ବ୍ୟକ୍ତକଲେ ଭକ୍ତ

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ଲଟ୍ ବୁକିଂ ବା ଅନ୍‌ଲାଇନ ରେଜିଷ୍ଟ୍ରେଶନ ବ୍ୟବସ୍ଥା ଲାଗୁ ହେବାର ଯୋଜନା ରହିଛି ବୋଲି ଗଜପତି ମହାରାଜା ଏକ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହାକୁ ନେଇ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ସେବାୟତ ଏହାକୁ ସ୍ୱାଗତ କରିଥିବାବେଳେ ଅନେକ ଭକ୍ତ ଏଭଳି ବ୍ୟବସ୍ଥା ଦ୍ୱାରା ହଇରାଣ ହେବାକୁ ପଡ଼ିବ ବୋଲି କହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ସରକାର ଏପର୍ଯ୍ୟନ୍ତ ଏଭଳି କିଛି ନିଷ୍ପତ୍ତି ନେଇନାହାନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ସ୍ଲଟ୍ ବୁକିଂ ନେଇ ପୁରୀର ପୁଷ୍ପଲତା ପତି ନାମ୍ନୀ ଜଣେ ଭକ୍ତ କହିଛନ୍ତି, ଏହା ଗ୍ରହଣଯୋଗ୍ୟ ପଦକ୍ଷେପ ନୁହେଁ। ଏପରି ବ୍ୟବସ୍ଥା ହେଲେ ଭକ୍ତମାନେ ହଇରାଣ ହେବେ। ବିଶେଷକରି ବୟସ୍କ ଲୋକେ ଯେଉଁମାନେ ବୁକିଂ ଜାଣିନାହାନ୍ତି, ସେମାନେ ଅସୁବିଧାର ସାମ୍ନା କରିବେ। ମହାପ୍ରଭୁଙ୍କ ଦର୍ଶନ ପାଇଁ କୌଣସି ଭକ୍ତଙ୍କୁ ହଇରାଣ କରାଯିବା ଉଚିତ ନୁହେଁ। ବର୍ତ୍ତମାନ ଯେପରି ବ୍ୟବସ୍ଥା ରହିଛି ତାହା



ଭଲ ବୋଲି ପୁଷ୍ପଲତା ପ୍ରକାଶ କରିଛନ୍ତି।

ସେହିପରି ନମିତା ଘୋଷ ଓ ପୂର୍ଣ୍ଣଚନ୍ଦ୍ର ସାମଲ ମଧ୍ୟ ଅନୁରୂପ ମତ ଦେଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରରେ ଏଭଳି ବ୍ୟବସ୍ଥା ସମ୍ଭବ ନୁହେଁ। ସମସ୍ତଙ୍କ କ୍ଷେତ୍ରରେ ସ୍ଲଟ୍ ବୁକିଂ ବ୍ୟବସ୍ଥା ସୁବିଧାଜନକ ହେବ ନାହିଁ। ଏଭଳି ବ୍ୟବସ୍ଥା ହେଲେ ନୀତିକାନ୍ତିରେ ବିଳମ୍ବ ଓ ବିଭ୍ରାଟ ଘଟିବା ସହ ଅଶାନ୍ତି ସୃଷ୍ଟି ହୋଇପାରେ। ସେହିପରି ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଦସ୍ୟ ବିଚିତ୍ରାନନ୍ଦ ମିଶ୍ର କହିଛନ୍ତି, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତିପଛକୁପଛ ଲାଗିକରି ରହୁଥିବାରୁ ସ୍ଲଟ୍ ବୁକିଂ ସମ୍ଭବ ନୁହେଁ। ସେହିପରି ଦର୍ଶନ ପାଇଁ ସମୟ କମ୍ ରହୁଥିବାରୁ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ତେବେ ସ୍ଲଟ୍ ବୁକିଂ ବ୍ୟବସ୍ଥା ଦ୍ୱାରା ଭକ୍ତମାନେ ଠିକ୍ ଭାବେ ଦର୍ଶନ କରିପାରିବେ ନାହିଁ। ଅନ୍ୟ ମନ୍ଦିରରେ ଏହା ସମ୍ଭବ ହୋଇପାରେ, ମାତ୍ର ଶ୍ରୀମନ୍ଦିରରେ ନୁହେଁ ବୋଲି ମିଶ୍ର ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର ଏହାକୁ ସ୍ୱାଗତ କରିଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ଗଜପତି ମହାରାଜା ଏଭଳି ନିଷ୍ପତ୍ତି ନେଇଥିବା ସହ ଭକ୍ତମାନେ ଆସିବା ପୂର୍ବରୁ ସ୍ଲଟ୍ ବୁକିଂ କରି ଶ୍ରୀମନ୍ଦିର ଆସିଲେ ଦର୍ଶନ ପାଇଁ ଠକାମି ଓ ଟଙ୍କା ଶୋଷଣର ଶିକାର ହେବେନାହିଁ ବୋଲି ଦାସ ମହାପାତ୍ର କହିଛନ୍ତି। ଏଭଳି ବ୍ୟବସ୍ଥା ଦ୍ୱାରା ଗହଳି ନିୟନ୍ତ୍ରଣ ହୋଇପାରିବ। ତେବେ ଏହି ବ୍ୟବସ୍ଥା ବର୍ତ୍ତମାନ କାର୍ଯ୍ୟକାରୀ ହେବନାହିଁ। ରଥଯାତ୍ରା ପରେ ନୂତନ ପରିଚାଳନା କମିଟି ଗଠନ ହେବା ପରେ ଏ ନେଇ ଆଲୋଚନା କରାଯାଇ ଯାହାକିଛି ନିଷ୍ପତ୍ତି ନିଆଯିବ। ଭକ୍ତମାନେ ଯେପରି ହଇରାଣ ହେବେ ନାହିଁ ଏବଂ ଦର୍ଶନ ବନ୍ଦ ସମୟରେ ଫେରିକି ଯିବେ ନାହିଁ ସେ ସମସ୍ତ ଦିଗକୁ ଦୃଷ୍ଟିରେ ରଖାଯାଇ ଉକ୍ତ ପ୍ରସ୍ତାବକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ ତାହାକୁ ସ୍ୱାଗତ କରାଯିବ ବୋଲି ଦାସ ମହାପାତ୍ର କହିଛନ୍ତି। ଗଜପତି ମହାରାଜାଙ୍କ ଉପରୋକ୍ତ ପ୍ରସ୍ତାବ ଉପରେ ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ସରକାର ଏପର୍ଯ୍ୟନ୍ତ ଏଭଳି କିଛି ନିଷ୍ପତ୍ତି ନେଇନାହାନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଅନେକ ପଦକ୍ଷେପ ନିଆଯିବା କଥା ଚିନ୍ତା କରାଯାଉଛି। ରଥଯାତ୍ରା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ। ତେବେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ, ବିଭିନ୍ନ ନିଯୋଗର ସଦସ୍ୟ, ସେବାୟତ ଏବଂ ବୁଦ୍ଧିଜୀବୀଙ୍କ ସହିତ ଆଲୋଚନା କରାଯାଇ ମତାମତ ନିଆଯିବା ପରେ ଯାହାକିଛି ନିଷ୍ପତ୍ତି ନିଆଯାଇପାରିବ। ନିଷ୍ପତ୍ତି ନିଆଯିବା ପରେ ସମସ୍ତଙ୍କୁ ଜଣାଇ ଦିଆଯିବ ବୋଲି ଆଇନମନ୍ତ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି।

# ମହାପ୍ରଭୁଙ୍କୁ ଲାଗିହେଲା ଓଷୁଅ

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ଦାରୁବିଗ୍ରହ ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇ ଗତ ୬ଦିନ ହେଲା ଅଣସର ପିଣ୍ଡିରେ ବିଶ୍ରାମ କରୁଥିବାବେଳେ ଦଇତାପତି ସେବକମାନେ ତାଙ୍କର ଗୁପ୍ତ ସେବା କରୁଛନ୍ତି। ଅନବସରର ଷଷ୍ଠ ଦିବସରେ ଶୁକ୍ରବାର ଶ୍ରୀବିଗ୍ରହମାନଙ୍କୁ ଓଷ ବା ଓଷୁଅ ଲାଗି କରାଯାଇଛି।

ପରମ୍ପରା ଅନୁଯାୟୀ, ଅନବସରର ପଞ୍ଚମ ଦିନରେ ଗୁରୁବାର ମହାପ୍ରଭୁଙ୍କୁ ଫୁଲୁରି ତେଲ ଲାଗି କରାଯାଇଥିଲା। ପୁରୀର ବଡ଼ଓଡ଼ିଆ ମଠ ପକ୍ଷରୁ ଆସିଥିବା ଫୁଲୁରି ତେଲକୁ ପତିମହାପାତ୍ର ସଂସ୍କାର କରିବା ପରେ ଦଇତାପତି ସେବକମାନେ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରେ ଲାଗି କରିଥିଲେ। ସେହିପରି ଅନବସରର ଷଷ୍ଠ ଦିବସରେ ଶୁକ୍ରବାର ଶୁଦ୍ଧସୁଆର ସେବକମାନେ ପ୍ରସ୍ତୁତ କରିଥିବା ଓଷୁଅକୁ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲେପନ କରିଛନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ଏହି ଓଷୁଅ ଲାଗି ନୀତି ସମ୍ପନ୍ନ କରାଯାଇଛି। ଓଷୁଅ ଲାଗି ଦ୍ୱାରା ମହାପ୍ରଭୁ ସୁସ୍ଥତା ଅନୁଭବ କରନ୍ତି ବୋଲି ବିଶ୍ୱାସ ରହିଛି। କୃଷ୍ଣପକ୍ଷ ଷଷ୍ଠୀଠାରୁ ନବମୀ ତିଥି ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କୁ ଓଷୁଅ ଲାଗି କରାଯାଇଥାଏ।

# ରାଜ୍ୟରେ ରହିଛି ୫୦ ଲକ୍ଷ ଅଯୋଗ୍ୟ ରାଶନ କାର୍ଡ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର,୨୮।୬ (ଅନିଲ ଦାସ)

ରାଜ୍ୟରେ ୫୦ ଲକ୍ଷ ଅଯୋଗ୍ୟ ରାଶନ କାର୍ଡ ରହିଛି। ସେହି କାର୍ଡରେ ଚାଉଳ ବାଟମାରଣା ହେଉଛି। ସେ ସବୁକୁ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସେ କହିଛନ୍ତି ଯେ ବିଭାଗର ସମୀକ୍ଷା କରିବା ପରେ ଅନେକ ଅଯୋଗ୍ୟ କାର୍ଡ ରହିଥିବା ଜଣାପଡ଼ିଛି। କେଉଁ ଜିଲାରେ କେତେ ଏଭଳି କାର୍ଡ ରହିଛି ସେଗୁଡ଼ିକର ତାଲିକା ପ୍ରସ୍ତୁତ କରିବାକୁ ଯୋଗାଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଅନେକ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ସେହି କାର୍ଡଗୁଡ଼ିକ ବଣ୍ଟନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଗତ କିଛି ବର୍ଷ ହେବ ରାଶନ କାର୍ଡ ବଣ୍ଟନ ବନ୍ଦ ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କିମ୍ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କୌଣସି ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଉ ନାହିଁ। ନିର୍ବାଚନ ପରେ ରାଶନକାର୍ଡ ଯୋଗାଇ ଦେବାକୁ ତତ୍କାଳୀନ ସରକାର ଘୋଷଣା କରିଥିଲେ। ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ନୂଆ ହିତାଧିକାରୀଙ୍କୁ କେବେ ରାଶନ କାର୍ଡ ବଣ୍ଟନ କରାଯିବ ସେ ନେଇ ଏ ପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ।



କେନ୍ଦୁଝର ଜିଲା ପାଟଣା ରେଞ୍ଜ ଏରେଣ୍ଡେଇ ବୈତରଣୀ ନଦୀକୂଳ ଘାଟକୁଦର ନିକଟ ଜଙ୍ଗଲରେ ହାତୀପଲ ଗରମରୁ ଉପଶମ ପାଇଁ କାଦୁଅରେ ଗଡୁଛନ୍ତି।

# ସ୍ତ୍ରୀ,ପ୍ରେମିକଙ୍କୁ ଆଜୀବନ କାରାଦଣ୍ଡ

**ବହୁଚର୍ଚ୍ଚିତ ଗତିକୃଷ୍ଣ ହତ୍ୟା ମାମଲା**

ସୁନ୍ଦରଗଡ,୨୮।୬ (ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ସହର ବ୍ରାହ୍ମଣପଡା ଗତିକୃଷ୍ଣ ପୁରୋହିତ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ଏହି ମାମଲାର ଶୁଣାଣି କରି ମୃତକଙ୍କ ସ୍ତ୍ରୀ ସୀତୁ ପଣ୍ଡା (୩୭) ଓ ପଡୋଶୀ ଛତିଶଗଡ ରାଜ୍ୟ ରାୟଗଡ ଜିଲା ଚକ୍ରଧରନଗର ଥାନା ଜାମଗାଁର ତାଙ୍କ ପ୍ରେମିକ ବିଶ୍ୱରଞ୍ଜନ ଗୁପ୍ତା(୪୩)ଙ୍କୁ ଆଇପିସିର ଦଫା ୩୦୨, ୨୦୧, ୧୨୦-ଖରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୫ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡଦେଶ ଶୁଣାଇଛନ୍ତି। ଏଥିସହିତ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଗତିକୃଷ୍ଣଙ୍କ ନାବାଳିକା ଝିଅଙ୍କୁ ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଆଦେଶ କରିଛନ୍ତି। ମାମଲାର ରାୟ ବିବରଣୀରୁ ପ୍ରକାଶ, ବ୍ରାହ୍ମଣପଡାର ଗତିକୃଷ୍ଣଙ୍କ ସ୍ତ୍ରୀ ସୀତୁ ପଣ୍ଡାଙ୍କର ବିଶ୍ୱ ରଞ୍ଜନ ସହ ବିବାହ ପୂର୍ବରୁ ପ୍ରେମସମ୍ପର୍କ ଥିଲା। ବିବାହ ପରେ ମଧ ବିଶ୍ୱ ରଞ୍ଜନ ନିୟମିତ ବ୍ୟବଧାନରେ ସୁନ୍ଦରଗଡ ଆସି ତାଙ୍କ ସହ ମିଳାମିଶା କରୁଥିଲେ। ଦୁହେଁ ଗତିକୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ, ବିଶ୍ୱରଞ୍ଜନ ଗତିକୃଷ୍ଣଙ୍କୁ ଏକ ଢାବାକୁ ଖାଇଯିବାକୁ ଡାକି ନେଇ ରାସ୍ତାରେ ଛୁରି ଭୁସି ହତ୍ୟା କରିଥିଲେ। ପରେ ଏକ ଟାଟା ମ୍ୟାଜିକ ଗାଡିରେ ହେମଗିରି ଥାନା ଅଧୀନ ଧନୁବାଉଁଶ ଜଙ୍ଗଲରେ ପୋତି ଦେଇଥିଲେ। ପୋଲିସ ତଦନ୍ତ ସମୟରେ ମୋବାଇଲ ଫୋନକଲ ରେକର୍ଡରୁ ଏହି ହତ୍ୟା ମାମଲାର ଖିଅ ପାଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ସୁନ୍ଦରଗଡ ଟାଉନ ଥାନାରେ ଏକ ମାମଲା( ନଂ. ୧୩୦/୨୦୧୩)ରୁଜୁ କରି ତଦନ୍ତ କରିଥିଲେ। ୨୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ୨୮ ଗୋଟି ଦସ୍ତାବିଜ, ସରକାରୀ ଓକିଲଙ୍କ ଦୃଢ ଯୁକ୍ତି ଭିତ୍ତିରେ ଜିଲା ଦୌରା ଜଜ ପଟ୍ଟନାୟକ ଦଫା ୩୦୨ ଅନୁଯାୟୀ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଏହି କେସ୍‌କୁ ଜିଲା ସରକାରୀ ଓକିଲ ଦିଲୀପ କୁମାର ମୁର୍ମୁ ପରିଚାଳନା କରୁଥିଲେ।

# ରାଜ୍ୟରେ ୨୮୮ ଡେଙ୍ଗୁ ରୋଗୀ

ଭୁବନେଶ୍ୱର, ୨୮।୬(ଅସମାପିକା ସାହୁ)

ରାଜ୍ୟରେ ଏବେ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଗତ ୨୬ ତାରିଖ ସୁଦ୍ଧା ମୋଟ ୨୮୮ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୮୦ଜଣ ରହିଥିବା ବେଳେ କଟକରେ ୨୧, ରାୟଗଡ଼ା ୨୧, ମାଲକାନଗିରି ୧୭, ବାଲେଶ୍ୱର ୧୭, କୋରାପୁଟ ୧୩, ପୁରୀ ୧୨, ଯାଜପୁର ୧୦, ଭଦ୍ରକ ୧୦, ବଲାଙ୍ଗୀର ୯, କଳାହାଣ୍ଡି ୯ ଓ ମୟୂରଭଞ୍ଜରେ ୮ଜଣ ଚିହ୍ନଟ ହୋଇଛନ୍ତି। ତେବେ ଗତବର୍ଷ ଜୁନ୍ ୨୬ ସୁଦ୍ଧା ରାଜ୍ୟରେ ଡେଙ୍ଗୁ ସଂଖ୍ୟା ୧୬୪ ଥିବା ବେଳେ ଏବର୍ଷ ଏହି ସମୟ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୩୦୦ ପାଖାପାଖି ହେଲାଣି। ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ଗୋଟିଏ ମାମଲାର ପ୍ରମାଣ ମିଳିନାହିଁ। ସନ୍ଦିଗ୍ଧ ଆକ୍ରାନ୍ତଙ୍କ ଏନ୍‌ଏସ୍-୧ ପରୀକ୍ଷା ସରକାରୀ ହସ୍ପିଟାଲରେ ହୋଇ ନ ଥିଲା। ସେ ବାହାରୁ ରିପୋର୍ଟ ଆଣିଥିଲେ, ଯାହାର ପରୀକ୍ଷା ଚାଲିଛି। ପ୍ରତିଦିନ ବିଭିନ୍ନ ଜିଲାରୁ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଗୁରୁବାର ରାଜ୍ୟରେ ୨୦ଜଣ ଚିହ୍ନଟ ହୋଇଥିଲେ। ଏହାର ମୁକାବିଲା କରିବା ପାଇଁ ପ୍ରତି ଅର୍ବାନ ବଡି ପଦକ୍ଷେପ ନେଇଛନ୍ତି। ବର୍ଷା ଦିନ ଆସିଲାଣି, ପାଣି ଜମିଲାଣି, ସଚେତନ ରହିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଭୁବନେଶ୍ୱର ଓ କଟକରେ ଜନସଂଖ୍ୟା ଅଧିକ। ତେଣୁ ଆଲର୍ଟ ଅଛୁ। ଗତ ବର୍ଷ ତୁଳନାରେ ପରୀକ୍ଷା ଅଧିକ ହୋଇଛି। ତେଣୁ ଦୁଇଗୁଣା ଅଧିକ ରୋଗୀ ଅଛନ୍ତି। ଏଥିସହିତ ବର୍ଷା ଆଗୁଆ ହୋଇଯାଇଥିବାରୁ ମଧ୍ୟ ସଂଖ୍ୟା ବଢ଼ିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ନାରାୟଣପାଟଣା, ବନ୍ଧୁଗାଁ ଅଞ୍ଚଳରେ ଶିଶୁଙ୍କ ସ୍ୱାସ୍ଥ୍ୟ ଯାଞ୍ଚ

## ଗତ ୧୫ ଦିନରେ ଗଲାଣି ୯ ଶିଶୁଙ୍କ ଜୀବନ

କୋରାପୁଟ/ନାରାୟଣପାଟଣା, ୨୮।୬(ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲାର ନାରାୟଣପାଟଣା ଓ ବନ୍ଧୁଗାଁ ଅଞ୍ଚଳରେ ଗତ ୧୫ ଦିନ ମଧ୍ୟରେ ୯ ଶିଶୁଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ସେଥିମଧ୍ୟରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ୨ ଜଣଙ୍କ ଡିପ୍‌ଥେରିଆରେ ମୃତ୍ୟୁ ହୋଇଥିବାବେଳେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଜଣଙ୍କ ନିମୋନିଆରେ ମୃତ୍ୟୁ ହୋଇଥିଲା। ଅନ୍ୟ ୬ ଜଣ ଶିଶୁ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକର ଘରେ ରହି ମୃତ୍ୟୁବରଣ କରିଥିବା କୋରାପୁଟ ଏଡିପିଏଚ୍‌ଓ ମୁକ୍ତିକାନ୍ତ ଖଟୁଆ ଶୁକ୍ରବାର ପ୍ରକାଶ କରିଛନ୍ତି। ବର୍ତ୍ତମାନ କୋରାପୁଟ, ନାରାୟଣପାଟଣା, ବନ୍ଧୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଦଳ ଉପରୋକ୍ତ ଦୁଇ ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଗୁରୁତର ରୋଗୀଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇ ସେମାନଙ୍କ ଚିକିତ୍ସା ଚାଲିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ପ୍ରଥମେ ବନ୍ଧୁଗାଁ ବ୍ଲକ କୁମାରିପୁଟ



ଡାକ୍ତରୀ ଟିମ୍ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି।

ଗ୍ରାମରେ ଡିପ୍‌ଥେରିଆ ଲକ୍ଷଣ ଥିବା ଜିପୁନ ନାମକ ଜଣେ ଶିଶୁଙ୍କ ବହ୍ମପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସେଠାରେ ଡାକ୍ତର ଶିଶୁ ମୃତ୍ୟୁ ଡିପ୍‌ଥେରିଆ ଯୋଗୁ ହୋଇଥିବା ସୂଚନା ଦେଇଥିଲେ। ପରେ ନାରାୟଣପାଟଣାର ଗୋଡିଗୁଡା, ବିକ୍ରମପୁର ଆଦି ଅଞ୍ଚଳରୁ ବହୁ ଶିଶୁ ନିମୋନିଆ, ସିକଲସେଲ୍‌ରେ ଆକ୍ରାନ୍ତ ହୋଇଥିଲେ। ସେଥିରୁ ନାରାୟଣପାଟଣାରେ ୬ ଶିଶୁଙ୍କ ଘରେ ମୃତ୍ୟୁ ହୋଇଥିବାବେଳେ ଜଣଙ୍କର କୋରାପୁଟ ମେଡିକାଲରେ ମୃତ୍ୟୁ ହୋଇଥିଲା । ସେହିପରି ବନ୍ଧୁଗାଁ ଅଞ୍ଚଳର ଅନ୍ୟ ଜଣେ ଗୁରୁତର ହୋଇ ବ୍ରହ୍ମପୁର ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ଗତ ୨୬ ତାରିଖରେ ବ୍ରହ୍ମପୁରରେ ଚିକିତ୍ସିତ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ପରେ ଏହା ଡିପ୍‌ଥେରିଆ ଯୋଗୁ ହୋଇଥିଲା ବୋଲି ବ୍ରହ୍ମପୁର ମେଡିକାଲ ପକ୍ଷରୁ କୁହାଯାଇଥିଲା । ସେହିପରି ଗୁରୁବାର ନାରାୟଣପାଟଣା ବ୍ଲକର ବିକ୍ରମପୁର ଗ୍ରାମର ଜଣେ ସିକଲସେଲ ଶିଶୁଙ୍କ ଘରେ ମୃତ୍ୟୁ ହୋଇଥିଲା । ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପରୋକ୍ତ ୨ ବ୍ଲକର ସମସ୍ତ ପଞ୍ଚାୟତରେ ଡାକ୍ତରୀ ଟିମ୍ ପରିଦର୍ଶନ କରି ଶିଶୁଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଉଥିବା ଡାକ୍ତର ଖଟୁଆ ଶୁକ୍ରବାର କହିଛନ୍ତି।

### ପଡ଼େଇଗୁଡ଼ାରେ ୨ ଆନ୍ଥ୍ରାକ୍ସ ରୋଗୀ ଚିହ୍ନଟ

କୋରାପୁଟ,୨୮।୬ (ଅମିତାଭ ବେହେରା)

କୋରାପୁଟ ସଦର ବ୍ଲକ୍ ଅଞ୍ଚଳରୁ ଶୁକ୍ରବାର ୨ ଜଣ ଆନ୍ଥ୍ରାକ୍ସ ରୋଗୀ ଚିହ୍ନଟ ହୋଇଥିବା ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଲୋକ ସମ୍ପର୍କ ଅଧିକାରୀ ଡାକ୍ତର ମୁକ୍ତିକାନ୍ତ ଖଟୁଆ ସୂଚନା ଦେଇଛନ୍ତି। ବ୍ଲକ୍‌ର ପଡ଼େଇଗୁଡ଼ା ଗ୍ରାମରେ କିଛିଦିନ ହେଲା ଗ୍ରାମର କେତେଜଣ ବ୍ୟକ୍ତିଙ୍କ ଦେହରେ ଆନ୍ଥ୍ରାକ୍ସ ଲକ୍ଷଣ ଦେଖାଦେଇଥିଲା । ଏନେଇ ଡାକ୍ତରଙ୍କ ପରାମର୍ଶକ୍ରମେ ଗ୍ରାମର ୫ ଜଣ ବ୍ୟକ୍ତିଙ୍କ ରକ୍ତ ନମୁନା ଯାଞ୍ଚ ପାଇଁ ପଠାଯାଇଥିଲା। ସେଥିମଧ୍ୟରୁ ୨ ଜଣଙ୍କ ରକ୍ତ ନମୁନାରୁ ଆନ୍ଥ୍ରାକ୍ସ ପଜିଟିଭ ବାହାରିଥିବା ଏବଂ ସେମାନଙ୍କୁ ଔଷଧ ପ୍ରଦାନ କରାଯାଇଥିବା ଡାକ୍ତର ଖଟୁଆ କହିଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ଥିବା ପଡେଇଗୁଡା ଗ୍ରାମର ମହାଦେବ ବଡନାୟକ କହିଛନ୍ତି। ୨ ଆକ୍ରାନ୍ତ ବ୍ୟକ୍ତି କିଛିଦିନ ତଳେ ମଲାଗୋରୁ ମାଂସ ଖାଇଥିଲେ। ଫଳରେ ସେମାନେ ଏପରି ରୋଗରେ ଆକ୍ରାନ୍ତ ହେଲେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ଜିଲାର ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୁଟିଙ୍ଗା ଗ୍ରାମରେ କେତେଜଣ ଗ୍ରାମବାସୀ ମଲା ଗୋରୁ ମାଂସ ଖାଇ ଆନ୍ଥ୍ରାକ୍ସରେ ଆକ୍ରାନ୍ତ ହୋଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗର ତ୍ୱରିତ ପଦକ୍ଷେପ ଯୋଗୁ ସେମାନେ ସୁସ୍ଥ ହୋଇଥିଲେ ।

